

‘ଦୃଶ୍ୟମ୍ ୩’ ସୁଟିଂ ଶେଷ

▶ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-338 ◆SATURDAY ◆6 JUNE 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୩୮ ◆ଶନିବାର ◆୬ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ମଣିପୁରରେ ପୁଣି ହିଂସା; ୩ ମୃତ ଓ ଅନେକ ଘର ଭସ୍ମୀଭୂତ

■ ଇମ୍ଫାଲ, ୫।୬ (ଏଜେନ୍ସି): ମଣିପୁରର କାଙ୍ଗପୋକପି ଜିଲ୍ଲାରେ ଶୁକ୍ରବାର ଭୋର ସମୟରେ ପୁଣି ଏକ ବଡ଼ ଧରଣର ହିଂସାକାଣ୍ଡ ଘଟିଛି। ନ୍ୟୁ କେଡେଲମାନବି ଅଞ୍ଚଳର ଲୋଇବଲ୍ ଗ୍ରାମରେ ଅଜ୍ଞାତ ସଶସ୍ତ୍ର ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରି ଆଖିବୁଜା ଗୁଳିଚାଳନା କରିବା ସହ ବ୍ୟାପକ ଅଗ୍ନିକାଣ୍ଡ ଘଟାଇଛନ୍ତି। ଏହି ମାରାତ୍ମକ ଆକ୍ରମଣରେ ୩ ଜଣ ଗ୍ରାମବାସୀଙ୍କର ମୃତ୍ୟୁ ହୋଇଥିବା ବେଳେ ସାତଟି ବାସଗୃହ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ମୃତକମାନଙ୍କୁ ଲେଟ୍‌ଖୋଙ୍ଗାମ ହାଓକିପ୍, ତାଙ୍କ ପତ୍ନୀ



**କାଙ୍ଗପୋକପିରେ ଆତଙ୍କବାଦୀ ଆକ୍ରମଣ**

ତିନମାରୀ ହାଓକିପ୍ ଏବଂ ଜାଙ୍ଗମିନଲାଲ ହାଓକିପ୍ ଭାବେ ଚିହ୍ନଟ କରାଯାଇଛି। ଭୋର ପ୍ରାୟ ୪:୧୦ ସମୟରେ ହୋଇଥିବା ଏହି ଆକ୍ରମଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ଏବଂ ଆତଙ୍କିତ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ପଳାଇଛନ୍ତି। ଖବର ପାଇ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଅଧିକ ଫୋର୍ସ ମୁତୟନ କରିଛନ୍ତି। ସ୍ଥାନୀୟ କୁକି ସଂଗଠନଗୁଡ଼ିକ ଏହି ବର୍ବର କାଣ୍ଡ ପାଇଁ ନାଗା ସଶସ୍ତ୍ର ଗୋଷ୍ଠୀଙ୍କୁ ଦାୟୀ କରିଥିବା ବେଳେ ପ୍ରଶାସନ ଘଟଣାର ତଦନ୍ତ ଜାରି ରଖିଛି।

## ରାଜସ୍ଥାନରେ ପ୍ରଥମ ସନ୍ଦିଗ୍ଧ ଇବୋଲା ରୋଗୀ ଚିହ୍ନଟ

■ ଜୟପୁର, ୫।୬ (ଏଜେନ୍ସି): ଭାରତରେ ପ୍ରଥମ ସନ୍ଦିଗ୍ଧ ଇବୋଲା ଭାଇରସ ସଂକ୍ରମଣ ମାମଲା ସାମ୍ନାକୁ ଆସିଛି। ଉଗାଣ୍ଡାରୁ ଆସି ଶୁକ୍ରବାର ସକାଳେ ରାଜସ୍ଥାନର ଜୟପୁର ବିମାନବନ୍ଦରରେ ପହଞ୍ଚିଥିବା ଜଣେ ମହିଳାଙ୍କଠାରେ ଇବୋଲା ସଦୃଶ ଲକ୍ଷଣ ଦେଖିବାକୁ ମିଳିଛି। ବିମାନବନ୍ଦରରେ ସ୍କ୍ରିନିଂ ସମୟରେ ତାଙ୍କୁ ଚିହ୍ନଟ କରାଯିବା ପରେ ତୁରନ୍ତ ଆରୟୁଏଚଏସ ଡାକ୍ତରଖାନାରେ ସ୍ୱତନ୍ତ୍ର ଆଇସୋଲେସନରେ ରଖାଯାଇଛି। ଘଟଣା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ହାଇଆଲର୍ଟରେ ରହିଛି। ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଅନିଲ ଗୁପ୍ତା କହିଛନ୍ତି ଯେ



**ଉଗାଣ୍ଡାରୁ ଜୟପୁର ଆସିଥିବା ମହିଳାଙ୍କଠାରେ ଦେଖାଗଲା ଲକ୍ଷଣ**

ମହିଳାଙ୍କଠାରେ କେବଳ ଇବୋଲା ସଦୃଶ ଲକ୍ଷଣ ମିଳିଛି, ଏହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମହିଳାଙ୍କ ନମୁନା ପୁଣେ ସ୍ଥିତ ଗବେଷଣାଗାରକୁ ପଠାଯାଇଛି ଏବଂ ଆଜି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଆସିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ କଙ୍ଗୋ ଏବଂ ଉଗାଣ୍ଡା ଭଳି ଆଫ୍ରିକୀୟ ଦେଶରେ ଇବୋଲାର ‘ବୁଣ୍ଡିବୁଗ୍ୟୋ’ ପ୍ରଜାତି ଦ୍ରୁତ ଗତିରେ ବ୍ୟାପୁଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ‘ଗ୍ଲୋବାଲ ହେଲ୍ଥ ଇମରଜେନ୍ସି’ ଘୋଷଣା କରିଛି। ଭାରତ ସରକାର ମଧ୍ୟ ବିମାନବନ୍ଦରଗୁଡ଼ିକରେ କଡ଼ା ନଜର ରଖିବା ସହ ଏହି ପ୍ରଭାବିତ ଦେଶଗୁଡ଼ିକୁ ଯାତ୍ରା ନ କରିବା ପାଇଁ ପରାମର୍ଶ ଜାରି କରିଛନ୍ତି।


# ବଦଳୁଛି ଜଳବାୟୁ

# ଅଥୟ କରୁଛି ତାତି

### ବିଶ୍ୱର ସର୍ବାଧିକ ଗ୍ରୀଷ୍ମ-ସଙ୍କଟାପନ୍ନ ସହର ତାଲିକା ଶୀର୍ଷରେ ଭାରତ

■ ଅକ୍ସଫୋର୍ଡ, ୫।୬ (ଏଜେନ୍ସି): ବଦଳୁଛି ଜଳବାୟୁ। ଅସନ୍ତୁଳିତ ପରିବେଶ ବୈଶ୍ୱିକ ପାଣିପାଗ ଓ ଜୀବ ପରିସଂସ୍ଥାନକୁ ପ୍ରଭାବିତ କରୁଛି। ଋତୁଚକ୍ରରେ ବିଲକ୍ଷଣ ଜୀବଜଗତ ପ୍ରତି ଗୁରୁତର ସଙ୍କଟ ସୃଷ୍ଟି କରିଛି। ବର୍ଷକର ୬ ଋତୁ ଏବେ ଉଭାନ୍; କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତର ଉପସ୍ଥିତି ଅନୁଭବ କରିହେଉଛି। ତେବେ ଏହି ତିନି ଋତୁର ଅସ୍ୱାଭାବିକ ଆଚରଣ ଚିନ୍ତାଜନକ ହୋଇଛି। କେଉଁଠି ଅତ୍ୟଧିକ ଶୀତ ତ କେଉଁଠି ଅତ୍ୟଧିକ ବର୍ଷା ଓ ଗ୍ରୀଷ୍ମପ୍ରବାହ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଦିନକୁ ଦିନ ବୃଦ୍ଧି ପାଉଥିବା ସୌରତାପ (ତାତି) ଏବେ ସବୁଠୁ ଚିନ୍ତାର କାରଣ ପାଲଟିଛି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱର ୨୦୫ଟି ସହରକୁ ନେଇ କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ବିଶ୍ୱର ସର୍ବାଧିକ ଗ୍ରୀଷ୍ମ-ସଙ୍କଟାପନ୍ନ ୫୦ଟି ସହର ମଧ୍ୟରେ ଭାରତର ସବୁଠାରୁ ଅଧିକ ୧୪ଟି ସହର ସ୍ଥାନ ପାଇଛି। ଏହି ସଂଖ୍ୟା ନାଇଜେରିଆ (୫) ଏବଂ ପାକିସ୍ତାନ (୪) ର ମିଳିତ ସଂଖ୍ୟା ଠାରୁ ମଧ୍ୟ ଅଧିକ। ଏହି ଅଧ୍ୟୟନରେ କେବଳ ଉଚ୍ଚ ତାପମାତ୍ରାକୁ ନୁହେଁ, ବରଂ ଅତ୍ୟଧିକ ଗରମ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ ସଂଖ୍ୟା, ବସ୍ତି ବାସିନ୍ଦାଙ୍କ ସ୍ଥିତି (ବାୟୁ ଚଳାଚଳ ଓ ▶ପୃଷ୍ଠା-୭



### ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଓଡ଼ିଶା

■ ଭୁବନେଶ୍ୱର, ୫।୬ (ସମିସ): ରାଜ୍ୟକୁ ପୁଣି ଥରେ ତାତି ଫେରିଛି। ଲଗାତାର ଭାବେ କାଳବୈଶାଖୀ ସତ୍ତ୍ୱେ ଅସହ୍ୟ ଗୁଳୁଗୁଳି ମଧ୍ୟରେ ପୁଣି ତାତି ଫେରିବା ଯୋଗୁଁ ଶୁକ୍ରବାର ସ୍ଥିତି ଅସମ୍ଭାଳ ହୋଇଛି। ଉପରମୁହାଁ ତାତି ସାଙ୍ଗକୁ ପ୍ରଚୁର ମାତ୍ରାରେ ଆର୍ଦ୍ରତା ହେତୁ ଆଜି ଭୀଷଣ ଗୁଳୁଗୁଳି ଅନୁଭୂତ ହୋଇଛି। ଶୁକ୍ରବାର ରାଜ୍ୟର ୧୩ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ୪୧.୭ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ଭୁବନେଶ୍ୱରରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୪୧.୨, ଅନୁଗୁଳ, ଝାରସୁଗୁଡ଼ାରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ ହୋଇଛି।

ବଡ଼ କଥା ହେଉଛି ଆଜି ଦିନ ତମାମ ରାଜ୍ୟର ଅନେକ ସ୍ଥାନରେ ଆର୍ଦ୍ରତା ପରିମାଣ ୬୦-୭୦ ପ୍ରତିଶତ ଉପରେ ରହିଛି। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି। ବାୟୁମଣ୍ଡଳରେ ପ୍ରକୃତ ତାପମାତ୍ରା ୩୯-୪୧ ଡିଗ୍ରୀ ମଧ୍ୟରେ ସୀମିତ ଥିଲେ ମଧ୍ୟ ୬୦-୭୦ ପ୍ରତିଶତ ଆର୍ଦ୍ରତା ହେତୁ ଅନୁଭୂତ ▶ପୃଷ୍ଠା-୭

### ତିରୁପତି ଲଡ୍ଡୁ ଘିଅ ଦୁର୍ନୀତି

## ୭ଟି ରାଜ୍ୟର ୧୫ଟି ସ୍ଥାନରେ ଇଡି ଚଢ଼ଉ

■ ତିରୁପତି, ୫।୬ (ଏଜେନ୍ସି): ତିରୁପତି ବାଲାଜୀ ମନ୍ଦିରର ପବିତ୍ର ଲଡ୍ଡୁ ପ୍ରସ୍ତୁତିରେ ଭେଜାଲ ଘିଅ ବ୍ୟବହାର ଏବଂ ଜାଲିଆତି ଅଭିଯୋଗର ତଦନ୍ତ ଏବେ ଅର୍ଥ ହେରଫେର ଅର୍ଥାତ ମନି ଲଣ୍ଡରିଂ ଆଡ଼କୁ ଗତି କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶର ୭ଟି ରାଜ୍ୟର ୧୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ଏହି ମାମଲାର ଯାଞ୍ଚ ପରିସରକୁ ବଢ଼ାଇଛି। ରାଜସ୍ଥାନର ବିକାନେରରେ ଥିବା ପ୍ରମୁଖ ଘିଅ ବ୍ୟବସାୟୀ ଆଶିଷ ଅଗ୍ରୱାଲଙ୍କ



**୪୫ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ**

ଘର ଏବଂ କାର୍ଯ୍ୟାଳୟରେ ଇଡି ଖୋଳତାଡ଼ କରିଛି। ସେଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଦଲିଲ୍ ଏବଂ ଆର୍ଥିକ ରେକର୍ଡ ଜବତ କରାଯାଇଛି। ବିକାନେର ବ୍ୟତୀତ ଦିଲ୍ଲୀ, ମୁମ୍ବାଇ, ଅହିଲ୍ୟାନଗର, ଦେହରାଦୁନ, ରୁର୍କୀ, ଦିନ୍ଦିଗୁଲ ଏବଂ ଗୁଣ୍ଟୁର ଭଳି ପ୍ରମୁଖ ସହରଗୁଡ଼ିକରେ ଇଡି ଏହି ଚଢ଼ାଉ କରିଛି। ଚଢ଼ାଉ ସମୟରେ ଇଡି ପ୍ରାୟ ୬୦ ଲକ୍ଷ ଟଙ୍କା ନଗଦ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ▶ପୃଷ୍ଠା-୭

## ମିଳିଲାନି ନ୍ୟାୟ; ଚାଲିଗଲା ୨ ଜୀବନ

### ଥାନାକୁ ଦୌଡ଼ିଦୌଡ଼ି ହୃଦ୍‌ଘାତ



■ କାକଟପୁର, ୫।୬ (ସମିସ): ନ୍ୟାୟ ମାଗିବାକୁ ଥାନାକୁ ଯାଇଥିଲେ, ହେଲେ ନ୍ୟାୟ ବଦଳରେ ମିଳିଲା ମାନସିକ ନିର୍ଯାତନା। ମାମଲା ଉଠାଇ ନେବାକୁ ଚାପ ପଡ଼ିଲା। ନ୍ୟାୟ ପାଇଁ ଥାନା ସମ୍ମୁଖରେ ଧାରଣା ଦେଲେ, ମାତ୍ର କିଛି ଫଳ ମିଳିଲା ନାହିଁ। ନ୍ୟାୟରୁ ନିରାଶ ହୋଇ ଶେଷରେ ଚାଲିଗଲା ଜୀବନ। କାକଟପୁର ବ୍ଲକ୍ ସୁହାଗପୁର ପଞ୍ଚାୟତ ଅନ୍ତର୍ଗତ ବର୍ଜିସାହିର ଉପେନ୍ଦ୍ର ରାଉତଙ୍କ ପରିବାର ପୁଲିସ ବିରୋଧରେ ଆଣିଛନ୍ତି ଏପରି ସାଂଘାତିକ ଅଭିଯୋଗ। ▶ପୃଷ୍ଠା-୭

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଝୁଲିପଡ଼ିଲେ ଯୁବକ

■ କେନ୍ଦ୍ରାପଡ଼ା, ୫।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଏକ ବଡ଼ ଅଘଟଣ ଘଟିଛି। ନ୍ୟାୟ ନପାଇବାରୁ ଜଣେ ଯୁବକ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସ ଓରଫ୍ କାଳିଆ। ଦିନ ପ୍ରାୟ ୨ଟା ବେଳେ କାର୍ଯ୍ୟାଳୟର ଶିଡ଼ି ରେଲିଂରେ ବେକରେ ଗାମୁଛା ବାନ୍ଧି ଶ୍ରୀଚନ୍ଦନ ଝୁଲି ପଡ଼ିଥିଲେ। ଜମି ବିକିବା ପାଇଁ ଅନୁମତି ଲାଗି ଶ୍ରୀଚନ୍ଦନ ବାରମ୍ବାର ବିଭିନ୍ନ ସରକାରୀ ଅଫିସ୍ ଘୂରି ବୁଲୁଥିଲେ। ଏ



ଅଫିସ୍‌ରୁ ସେ ଅଫିସ୍ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଆଜି ଜିଲ୍ଲାପାଳଙ୍କ ଅଫିସ୍‌କୁ ନିଜ ଗୁହାରି ନେଇ ଯାଇଥିଲେ। କିନ୍ତୁ ସେଠାରୁ ବି ନିରାଶାର ▶ପୃଷ୍ଠା-୭

### ବାଲିଅନ୍ତା ଭିଡ଼ହତ୍ୟା

## ବିରାଦରୀ ପ୍ରୀତି: ଖସିଗଲେ ଏଡିଜି !

■ ଭୁବନେଶ୍ୱର, ୫।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଏନ୍‌ଏଚ୍‌ଆର୍‌ସିଙ୍କ ଦୁଇ ଜଣିଆ ଟିମ୍ ୫ଦିନିଆ ତଦନ୍ତ ଶେଷ କରି ଦିଲ୍ଲୀ ଫେରିଯାଇଛି। କମିଶନଙ୍କ ଓଡ଼ିଶା ଗସ୍ତ ପୂର୍ବରୁ ଯାଞ୍ଚ ସୂଚୀରେ ଜଣେ ଏଡିଜି, ପୁଲିସ କମିଶନର, ଡିସିପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ଚିଠି ହୋଇଥିଲେ ହେଁ ଜଣେ ବି ଏମାନଙ୍କ ମଧ୍ୟରୁ କେହି ରାଜ୍ୟ ଅତିଥି ଭବନରେ

**ଏନ୍‌ଏଚ୍‌ଆର୍‌ସି ଗସ୍ତ ପୂର୍ବରୁ କ୍ରାଇମବ୍ରାଞ୍ଚର ତରବରିଆ ତଦନ୍ତ**

**ଅତିଥିଭବନରେ ତଦନ୍ତକୁ ଆସିଲେନି ଏଡିଜି, ସିପି, ଡିସିପି**

ଏନ୍‌ଏଚ୍‌ଆର୍‌ସି ନିକଟରେ ହାଜର ହୋଇ ନ ଥିବା ସୂଚନା ମିଳିଛି। କେବଳ କିଛି ସାଧାରଣ ଲୋକ, କିଛି ତଳସ୍ତରର କର୍ମଚାରୀ, ଚିକିତ୍ସା କରୁଥିବା ଓ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତରମାନେ ଓ ମୃତ ସୌମ୍ୟଙ୍କ ବାନ୍ଧବୀଙ୍କୁ ପଚରାଉଚରା କରି ଏନ୍‌ଏଚ୍‌ଆର୍‌ସି ଦିଲ୍ଲୀ ଫେରିଛନ୍ତି। ଅନ୍ୟପକ୍ଷରେ ପୁଲିସ ବିଭାଗର ▶ପୃଷ୍ଠା-୭

### କାଠଯୋଡ଼ି ପଠାରୁ ଡାକ୍ତରୀ ଛାତ୍ରୀଙ୍କ ଶବ ଉଦ୍ଧାର ଘଟଣାରେ ନୂଆ ମୋଡ଼

## ଦ୍ୱିତୀୟ ପ୍ରେମିକା ସହ ମିଶି ହତ୍ୟା କରିଛି ପୁରୁଷ ବନ୍ଧୁ!

■ ବାରିପଦା/ତ୍ରିଶୂଳିଆ, ୫।୬ (ସମିସ): କଟକ କାଠଯୋଡ଼ି ନଦୀପଠାରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍‌ଙ୍କ ଶବ ଉଦ୍ଧାର ଘଟଣାର ନୂଆ ମୋଡ଼ ଆସିଛି। ଦ୍ୱିତୀୟ ପ୍ରେମିକା ସହ ମିଶି ପୁରୁଷ ବନ୍ଧୁ ଚନ୍ଦ୍ରିକାଙ୍କୁ ହତ୍ୟା କରିଛି ବୋଲି ଚନ୍ଦ୍ରିକାଙ୍କ ବାପା ଭୁଜୁ ହାଁସଦା ଅଭିଯୋଗ କରିଛନ୍ତି। ଏତଲା ଆଧାରରେ ବାରଙ୍ଗ ଥାନା ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, କଟକ ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଚନ୍ଦ୍ରିକାଙ୍କ ମୃତଦେହକୁ ପୁଲିସ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଶୁକ୍ରବାର ସକାଳେ ଚନ୍ଦ୍ରିକାଙ୍କ ଗାଁ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଇଦାଣ୍ଡିଆ ଅଞ୍ଚଳରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ପରିବାରଲୋକଙ୍କ ଅଭିଯୋଗ ହେଲା, ତାଙ୍କ ଝିଅର ମୃତ୍ୟୁ ପାଇଁ ତାଙ୍କ ପୁରୁଷବନ୍ଧୁ ହିଁ ସମ୍ପୂର୍ଣ୍ଣ ଦାୟୀ। ଉଭୟ ନବୋଦୟ ବିଦ୍ୟାଳୟରେ ସାଙ୍ଗ ହୋଇ ପଢୁଥିବା ବେଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି, ଉଭୟ ୨୦୨୭ ମସିହାରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ହେଲେ, ଗତ କିଛି ମାସ ତଳେ ଅନ୍ୟ ଜଣେ ଯୁବତୀ ସହ ତାଙ୍କ ପୁରୁଷବନ୍ଧୁଙ୍କ ସମ୍ପର୍କ ଗଢ଼ି ଉଠିବାରୁ ଦୁହିଁଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ଚନ୍ଦ୍ରିକା ଉକ୍ତ ଯୁବତୀଙ୍କୁ ବିରୋଧ କରିବାରୁ ପୁରୁଷବନ୍ଧୁ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ତେବେ ଉଭୟ ମିଳିମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଛନ୍ତି ବୋଲି ଚନ୍ଦ୍ରିକାଙ୍କ ମା’ ଓ ଭାଇ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଚନ୍ଦ୍ରିକା ବାଲେଶ୍ୱରସ୍ଥିତ ଫକୀର ମୋହନ ମେଡିକାଲ କଲେଜର ଶେଷ ବର୍ଷର ଛାତ୍ରୀ ଥିଲେ। ଆସନ୍ତା ସୋମବାର ସେଠାରେ ଜଣେ ଇଣ୍ଟର୍ନ ଡାକ୍ତର ଭାବେ ଯୋଗଦେବାର ଥିଲା। ଗତକାଲି ଭୋର୍‌ରେ ବାରଙ୍ଗସ୍ଥିତ ସୁବାସ ସେତୁରେ କିଛି ସ୍ଥାନୀୟ ଲୋକ ମର୍ଣ୍ଣିଂୱାକ୍ କରୁଥିବା ବେଳେ ନଦୀରେ ଚନ୍ଦ୍ରିକାଙ୍କ ଶବ ଭାସୁଥିବା ଦେଖିବାକୁ ପାଇଥିଲେ।




ସକାଳ THE SAKALA
www.sakalaepaper.com

## ଏଭରେଷ୍ଟରେ ଚମତ୍କାର: ୬ ଦିନ ପରେ ଜୀବନ୍ତ ଫେରିଲେ ଶେରପା

କାଠମାଣ୍ଡୁ, ୫।୬(ଏଜେନ୍ସି): ମାଉଣ୍ଟ ଏଭରେଷ୍ଟରେ ଏକ ଅବିଶ୍ୱସନୀୟ ଚମତ୍କାର ଦେଖିବାକୁ ମିଳିଛି। ଗତ ମେ ୨୯ରୁ ନିଖୋଜ ଥିବା ଏବଂ ମୃତ ବୋଲି ଧରିନିଆଯାଇଥିବା ୫୨ ବର୍ଷୀୟ ଗାଇଡ୍ ଦାୱା ଶେରପା ୬ ଦିନ ପରେ ଜୀବନ୍ତ ଉଦ୍ଧାର ହୋଇଛନ୍ତି। ସେ ୨୫,୦୦୦ ଫୁଟ୍ ଉଚ୍ଚତାରୁ ବିନା ଖାଦ୍ୟ, ପାଣି ଓ ଅକ୍ସିଜେନରେ ପ୍ରାୟ ୧୨ କିଲୋମିଟର ପଥ ଗୁରୁଣ୍ଡି ଗୁରୁଣ୍ଡି ବେସ୍ କ୍ୟାମ୍ପ ନିକଟକୁ ଚାଲିଆସିଥିଲେ। ଅନ୍ୟପଟେ ତାଙ୍କ ପରିବାର ଲୋକ ଆଶା ହରାଇ ଘରେ ଶେଷକୃତ୍ୟ ପାଇଁ ପ୍ରାର୍ଥନା ସଭା ମଧ୍ୟ ଆରମ୍ଭ କରିଦେଇଥିଲେ। ଏଭରେଷ୍ଟରୁ ଓହ୍ଲାଇବା ସମୟରେ ବ୍ରିଟିଶ ଓ ପୋଲାଣ୍ଡ ଆରୋହୀଙ୍କୁ ସାହାଯ୍ୟ କରି ଦାୱା ବାଟରେ ରହିଯାଇଥିଲେ। ସିଜନ ଶେଷ ହୋଇଥିବାରୁ ରାସ୍ତାରୁ ସମସ୍ତ ଦଉଡ଼ି ଓ ସିଡ଼ି ହଟାଇ ଦିଆଯାଇଥିଲା। ଏଭଳି ବିପଜ୍ଜନକ ସ୍ଥିତିରେ ସେ ପରିତ୍ୟକ୍ତ ଟେଣ୍ଟରୁ ବଳକା ଖାଦ୍ୟ ଓ ସାମାନ୍ୟ ଅକ୍ସିଜେନ ଖୋଜି ନିଜ ଜୀବନ ବଞ୍ଚାଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣକାରୀ ସଫେଇ କର୍ମଚାରୀ ଦଳ ତାଙ୍କୁ ଦେଖି ଉଦ୍ଧାର କରିଥିଲେ।

## ଲାଲୁ, ରାବ୍ରୀଙ୍କ ଜେଡ୍-ପ୍ଲସ୍ ସୁରକ୍ଷା ପ୍ରତ୍ୟାହୃତ

ପାଟନା, ୫।୬(ଏଜେନ୍ସି): ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ପରିବାର ଉପରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆରଜେଡି ମୁଖ୍ୟ ଲାଲୁ ଯାଦବ ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ଜେଡ୍-ପ୍ଲସ୍ ସୁରକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାହାର କରାଯାଇଛି। ଏବେ ସେମାନଙ୍କୁ ବିହାର ପୁଲିସର ସ୍ୱତନ୍ତ୍ର ସୁରକ୍ଷା କର୍ମୀ ଓ ବୁଲେଟ୍‌ପ୍ରୁଫ୍ ଗାଡ଼ି ମିଳିବ। ଏହାସହ ଲାଲୁଙ୍କ ବଡ଼ ପୁଅ ତେଜ୍ ପ୍ରତାପ ଯାଦବଙ୍କ ୱାଇ ଶ୍ରେଣୀ ସୁରକ୍ଷା ହଟାଇ ମାତ୍ର ଜଣେ ଅଙ୍ଗରକ୍ଷୀ ଦିଆଯାଇଛି। ତେବେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ସୁରକ୍ଷାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଅପରପକ୍ଷରେ, ପାଟନା ସ୍ଥିତ '୧୦ ସର୍କୁଲାର ରୋଡ୍' ସରକାରୀ ବଙ୍ଗଳା ଖାଲି କରିବା ପାଇଁ ସରକାର ଲାଲୁ ପରିବାରକୁ ୧୫ ଦିନର ଚରମ ସମୟ ସୀମା ଦେଇଛନ୍ତି।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶିବାଜୀ କଲେଜରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ୪୫ ବର୍ଷୀୟା ଦେବସ୍ମିତା ପଲ୍ଙ୍କ ମୃତଦେହ ଗୁରୁବାର ତାଙ୍କ ଫ୍ଲାଟ୍‌ରୁ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ପୂର୍ବ ଦିଲ୍ଲୀର ବସୁନ୍ଧରା ଏନକ୍ଲାଭ୍‌ରେ ଏକାକୀ ରହୁଥିଲେ। ସକାଳୁ ସେ ଫୋନ୍ ନ ଉଠାଇବାରୁ ତାଙ୍କ ଭଉଣୀ ଫ୍ଲାଟ୍‌ରେ ପହଞ୍ଚି ବାହାରୁ ତାଲା ପଡ଼ିଥିବା ଦେଖିଥିଲେ। ପରେ ତାଲା ଭାଙ୍ଗି ଭିତରକୁ ଯିବା ପରେ ହତ୍ୟାକାଣ୍ଡ ବିଷୟରେ ଜଣାପଡ଼ିଥିଲା। ପୁଲିସ ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## 'ଇଣ୍ଡିଆ' ମେଣ୍ଟ ବୈଠକରେ ଯୋଗ ଦେବନି ଡିଏମ୍‌କେ

ଚେନ୍ନଇ, ୫।୬(ଏଜେନ୍ସି): ତାମିଲନାଡୁ ବିଧାନସଭା ନିର୍ବାଚନ ପରେ କଂଗ୍ରେସ ଏବଂ ଡିଏମକେ ମଧ୍ୟରେ ଥିବା ପ୍ରାୟ ୨୦ ବର୍ଷର ପୁରୁଣା ମେଣ୍ଟ ଭାଙ୍ଗିଯାଇଛି। କଂଗ୍ରେସର ବିଧାୟକମାନେ ଅଭିନେତା ବିଜୟଙ୍କ ନୂଆ ଦଳ 'ଟିଭିକେ'କୁ ସମର୍ଥନ କରିବା ପରେ ଡିଏମକେ ଏହାକୁ ଏକ ବଡ଼ ବିଶ୍ୱାସଘାତକତା ବୋଲି କହିଛି। ଏହି କାରଣରୁ ଆସନ୍ତା ୮ ଜୁନରେ ଦିଲ୍ଲୀରେ ହେବାକୁ ଥିବା ବିରୋଧୀ ଦଳଗୁଡ଼ିକର 'ଇଣ୍ଡିଆ' ମେଣ୍ଟ ବୈଠକରେ ଡିଏମକେ ଯୋଗ ଦେବ ନାହିଁ ବୋଲି ସ୍ପଷ୍ଟ କରିଛି। ତାମିଲନାଡୁ ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ କହିଛନ୍ତି ଯେ, ନିର୍ବାଚନ ଜିତିବା ପରେ କଂଗ୍ରେସର କୌଣସି ବିଧାୟକ ଡିଏମକେ ନେତୃତ୍ୱକୁ ଭେଟିବାକୁ ଆସିନାହାନ୍ତି। ଉଭୟ ଦଳ ୨୦୦୪ରୁ ଏକାଠି ନିର୍ବାଚନ ଲଢ଼ି ଆସୁଥିଲେ, ହେଲେ ୨୦୨୬ ନିର୍ବାଚନ ପରେ ଏହି ସମ୍ପର୍କରେ ସମ୍ପୂର୍ଣ୍ଣ ବିରାମ ଲାଗିଛି।

## ହିମାଚଳରେ ୫.୦ ତୀବ୍ରତାର ଭୂକମ୍ପ

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଶୁକ୍ରବାର ରାତିରେ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୦ ରେକର୍ଡ କରାଯାଇଥିବା ବେଳେ ଏହା ଫଳରେ ସମଗ୍ର ଉତ୍ତର ଭାରତର ବିଭିନ୍ନ ଅଞ୍ଚଳ ଥରି ଉଠିଛି। ପ୍ରାଥମିକ ସୂଚନା ଅନୁଯାୟୀ, ଭୂକମ୍ପର କେନ୍ଦ୍ରସ୍ଥଳ ଚମ୍ବା ଜିଲ୍ଲାର ଧର୍ମଶାଳା ଠାରୁ ପ୍ରାୟ ୧୮ କିଲୋମିଟର ଦୂରରେ ଅବସ୍ଥିତ। ଭୂପୃଷ୍ଠରୁ ମାତ୍ର ୫ କିଲୋମିଟର ଗଭୀରତାରେ ଏହି ଭୂକମ୍ପ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବ ଅଧିକ ଅନୁଭୂତ ହୋଇଛି। ହିମାଚଳ ପ୍ରଦେଶର ଶାହପୁର, ଚମ୍ବା, ଡାଲହାଉସି, ଭରମୌର ଏବଂ ହୋଲି ଭଳି ପାର୍ବତ୍ୟ ଅଞ୍ଚଳରେ ପ୍ରବଳ ପ୍ରକମ୍ପନ ଅନୁଭୂତ ହୋଇଛି।



## ଏଆଇ ଦ୍ୱାରା ପ୍ରସ୍ତୁତ ବିଶ୍ୱର ପ୍ରଥମ ଟିକାର ମାନବ ପରୀକ୍ଷଣ ଆରମ୍ଭ

ଲଣ୍ଡନ, ୫।୬(ଏଜେନ୍ସି): ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ବ୍ରିଟେନର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବାୟୋଟେକ୍ନୋଲୋଜି କମ୍ପାନୀ 'ବେସକ୍ୟାମ୍ପ ରିସର୍ଚ୍ଚ' ସହ ମିଶି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାହାଯ୍ୟରେ ବିଶ୍ୱର ପ୍ରଥମ ଟିକା ବା ଭ୍ୟାକ୍ସିନ ପ୍ରସ୍ତୁତ କରିଛନ୍ତି, ଯାହାର ମାନବ ପରୀକ୍ଷଣ (ହ୍ୟୁମାନ ଟ୍ରାଏଲ) ଆରମ୍ଭ ହୋଇଛି। ଏହି ଟିକାକୁ କ୍ରିମିଆନ୍-କଙ୍ଗୋ ହେମୋରେଜିକ୍ ଜ୍ୱର (ସିସିଏଚ୍ଏଫ୍) ଭଳି ଏକ ମାରାତ୍ମକ ଜୀବାଣୁ ବିରୋଧରେ ପ୍ରସ୍ତୁତ କରାଯାଇଛି, ଯାହା ମୁଖ୍ୟତଃ ଉକୁଣି କିମ୍ବା ପୋକ କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ ଏହି ରୋଗରେ ମୃତ୍ୟୁ ହାର ୪୦ ପ୍ରତିଶତ ପର୍ଯ୍ୟନ୍ତ ରହିଥାଏ ଏବଂ ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା ଉପଲବ୍ଧ ନାହିଁ। ବର୍ଷ ବର୍ଷର ଗବେଷଣା ବଦଳରେ ଏଆଇ ମାଧ୍ୟମରେ ବିଶାଳ ଜେନେଟିକ ଡାଟାକୁ ବିଶ୍ଳେଷଣ କରାଯାଇ ମାତ୍ର କିଛି ମାସ ମଧ୍ୟରେ ଏହି ଟିକାର ଢାଞ୍ଚା ପ୍ରସ୍ତୁତ କରାଯାଇଛି। କୋଭିଡ୍ ଟିକା ପ୍ରସ୍ତୁତ କରିଥିବା ପ୍ରଫେସର ସାରା ଗିଲବର୍ଟ ଏହି ପ୍ରୋଜେକ୍ଟର ପ୍ରଶଂସା କରି କହିଛନ୍ତି ଯେ, ଏହି ପ୍ରଯୁକ୍ତିବିଦ୍ୟା ଆଗାମୀ ଦିନରେ ଯେକୌଣସି ମହାମାରୀର ଦ୍ରୁତ ମାଧ୍ୟମ ସାଜିବ ଏବଂ ଏହା ଚିକିତ୍ସା ବିଜ୍ଞାନର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।

## ସାହାରା ମରୁଭୂମିରେ ଟ୍ରକ୍ ଅଚଳ; ଶୋଷରେ ୪୯ ମୃତ

ନିଆମେ (ନାଇଜର), ୫।୬(ଏଜେନ୍ସି): ନାଇଜରର ସାହାରା ମରୁଭୂମିରେ ଅତ୍ୟଧିକ ଗରମ ଏବଂ ଶୋଷ ଯୋଗୁଁ ୪୯ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ସେମାନେ ଯାତ୍ରା କରୁଥିବା ଟ୍ରକଟି ମରୁଭୂମି ମଝିରେ ଖରାପ ହୋଇଯିବା ଯୋଗୁଁ ଏହି ଅଘଟଣ ଘଟିଛି। ଯାତ୍ରୀମାନେ ମାଲିର ହାରୌବା ସହରରୁ ଏକ ମୁସଲିମ୍ ଧାର୍ମିକ ଉତ୍ସବ ସାରି ଫେରୁଥିଲେ। ନାଇଜର ସୀମାଠାରୁ ପ୍ରାୟ ୩୦୦ କିଲୋମିଟର



ଦୂରରେ ସେମାନଙ୍କ ଟ୍ରକଟି ଖରାପ ହୋଇଯାଇଥିଲା। ମରୁଭୂମିର ପ୍ରଚଣ୍ଡ ତାପମାତ୍ରା ମଧ୍ୟରେ ଯାତ୍ରୀମାନେ ଅନେକ ଦିନ ଧରି ଗାଡ଼ିଟିକୁ ମରାମତି କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇନଥିଲେ। ଏହି ସମୟରେ ସେମାନଙ୍କ ପାଖରେ ଥିବା ପାଣି ସରିଯାଇଥିଲା ଏବଂ ଜନଶୂନ୍ୟ ଅଞ୍ଚଳ ହୋଇଥିବାରୁ କୌଣସି ସାହାଯ୍ୟ ମିଳିନଥିଲା। 'ସେହି ଭୟଙ୍କର ସ୍ଥିତିରୁ କେବଳ ଦୁଇ ଜଣ ଯାତ୍ରୀ କୌଣସି ପ୍ରକାରେ ବଞ୍ଚି ବାହାରିଛନ୍ତି। ସେମାନେ ଗୁରୁଣ୍ଡି ଗୁରୁଣ୍ଡି ନିକଟସ୍ଥ ଅସାମାକା ସହରରେ ପହଞ୍ଚି ପ୍ରଶାସନକୁ ଖବର ଦେବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ତଳେ ଏବଂ ଏହାର ଆଖପାଖରେ ପଡ଼ିରହିଥିବା ୪୯ ଜଣଙ୍କ ଶବ ଉଦ୍ଧାର କରି ଏକ ସାମୂହିକ କବରରେ ସେମାନଙ୍କୁ ପୋତି ଦେଇଛନ୍ତି। ତେବେ ସେଠାରୁ ଫେରିବା ସମୟରେ ଉଦ୍ଧାରକାରୀ ଦଳକୁ ମରୁଭୂମିରେ ଆଉ ଏକ ଖରାପ ହୋଇ ପଡ଼ିଥିବା ଟ୍ରକ୍ ମିଳିଥିଲା। ସେହି ଟ୍ରକରେ ୬୦ ରୁ ଅଧିକ ଯାତ୍ରୀ ଥିଲେ ଏବଂ ବ୍ୟାଟେରୀ ଖରାପ ହେବା ଯୋଗୁଁ ସେମାନେ ଗତ ୩ ଦିନ ହେବ ସେଠାରେ ଫସି ରହିଥିଲେ। ତୁରନ୍ତ ଟିମ୍ ସେମାନଙ୍କୁ ପାଣି ଦେଇଥିଲେ ଏବଂ ଗାଡ଼ି ମରାମତି କରିବାରେ ସାହାଯ୍ୟ କରି ସେମାନଙ୍କ ଜୀବନ ବଞ୍ଚାଇଛନ୍ତି।

### ତୃଣମୂଳ କଂଗ୍ରେସରେ ମହାସଙ୍କଟ; ଦଳ ଭାଙ୍ଗିବା ଆଶଙ୍କା

# ବିଦ୍ରୋହୀ ଶିବିର ସହ ଯୋଗାଯୋଗରେ ୨୩ ସାଂସଦ

କୋଲକାତା, ୫।୬(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ (ଟିଏମସି) ଏକ ବଡ଼ ଧରଣର ରାଜନୈତିକ ସଙ୍କଟ ଦେଇ ଗତି କରୁଛି। ବିଧାନସଭା ପରେ ଏବେ ସଂସଦରେ ମଧ୍ୟ ଦଳ ଭାଙ୍ଗିବା ପରି ସ୍ଥିତି ଉପୁଜିଛି। ସୂତ୍ର ଅନୁଯାୟୀ, ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କ ନେତୃତ୍ୱକୁ ନେଇ ଅସନ୍ତୋଷ ପ୍ରକାଶ କରି ଦଳର ପ୍ରାୟ ୨୩ ଜଣ ସାଂସଦ ଏବେ ବିଦ୍ରୋହୀ ଗୋଷ୍ଠୀର ନେତା ରତବ୍ରତ ବାନାର୍ଜୀଙ୍କ ସହ ସମ୍ପର୍କରେ ଅଛନ୍ତି। ଦଳର ଏକ ବଡ଼ ସାଂସଦ ଗୋଷ୍ଠୀ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ ଅଛନ୍ତି। ସେମାନେ ସଂସଦରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି, ଯାହାର ନେତୃତ୍ୱ ଜଣେ ବରିଷ୍ଠ ସାଂସଦ ନେଉଛନ୍ତି। ଲୋକସଭାରେ ଟିଏମସିର ସମୁଦାୟ ୨୯ ଜଣ ସାଂସଦ ଅଛନ୍ତି। ଦଳ ବଦଳ ବିରୋଧୀ ଆଇନରୁ ବର୍ତ୍ତିବା ଏବଂ ସ୍ୱତନ୍ତ୍ର ମାନ୍ୟତା ପାଇଁ ଅତିକମରେ ୨୨



ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ବିଦ୍ରୋହୀଙ୍କ ସଂଖ୍ୟା ୨୩ ଛୁଇଁ ସାରିଛି। ସେହିପରି ରାଜ୍ୟସଭାରେ ୧୩ ସାଂସଦଙ୍କ ମଧ୍ୟରୁ ଦଳ ଭାଙ୍ଗିବା ପାଇଁ ୯ ଜଣଙ୍କର ଆବଶ୍ୟକତା ରହିଛି। ଦଳକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିବାରୁ ରକ୍ଷା କରିବା ପାଇଁ ମମତା ବାନାର୍ଜୀ ନିଜେ ସକ୍ରିୟ ହୋଇଛନ୍ତି। ସେ ଗତ ଦୁଇ ଦିନ ମଧ୍ୟରେ ହାଓଡ଼ା, ମୁର୍ଶିଦାବାଦ ଏବଂ ଉତ୍ତର ଦିନାଜପୁରର ବିଦ୍ରୋହୀ ବିଧାୟକମାନଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଛନ୍ତି। ସେହିପରି ଦିଲ୍ଲୀରେ ସାଂସଦମାନଙ୍କୁ ବୁଝାଇବା ପାଇଁ ମଧ୍ୟ ଚେଷ୍ଟା ଜାରି ରହିଛି। ଟିଏମସିର ଏହି ଆଭ୍ୟନ୍ତରୀଣ କନ୍ଦଳ ଦଳର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ବିଦ୍ରୋହୀ ଶିବିରର ନେତା ରତବ୍ରତ ବାନାର୍ଜୀ କହିଛନ୍ତି ଯେ ଆଗାମୀ ଦିନରେ ଅନେକ କିଛି ଘଟିପାରେ, ତେଣୁ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ତେବେ ବିଦ୍ରୋହୀ କ୍ୟାମ୍ପର କିଛି ନେତା ମମତାଙ୍କୁ ଦଳର ସର୍ବୋଚ୍ଚ ନେତା ଭାବେ ବଜାୟ ରଖିବାକୁ ଚାହୁଁଥିବା ବେଳେ ସଂସଦରେ ଏହି ସପ୍ତାହ ମଧ୍ୟରେ କୌଣସି ବଡ଼ ରାଜନୈତିକ ଓଲଟପାଲଟ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

## କୋଲକାତା ମେୟର ପଦ ଛାଡ଼ିଲେ ହାକିମ୍



କୋଲକାତା, ୫।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅତି ନିକଟତର ସହଯୋଗୀ ଫିରହାଦ୍ ହାକିମ୍ ଶୁକ୍ରବାର କୋଲକାତା ମ୍ୟୁନିସିପାଲ୍ କର୍ପୋରେସନ୍ (କେଏମ୍‌ସି) ର ମେୟର ପଦରୁ ଇସ୍ତଫା ଦେଇଛନ୍ତି। କାର୍ଯ୍ୟ କରିବାରେ ଅସୁବିଧା ହେଉଥିବା ଦର୍ଶାଇ ସେ ମମତା ବାନାର୍ଜୀଙ୍କ ଅନୁମତି କ୍ରମେ ଏହି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ପରେ କୋଲକାତାର ପ୍ରଥମ ମୁସଲିମ୍ ମେୟର ଭାବେ ଇତିହାସ ରଚିଥିବା ଫିରହାଦ୍ ନିଜର ପ୍ରାୟ ସାଢ଼େ ୭ ବର୍ଷର କାର୍ଯ୍ୟକାଳ ପାଇଁ ସହରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ଏବଂ ଦଳର ଦ୍ୱିତୀୟ ଶୀର୍ଷ ନେତା ଅଭିଷେକ ବାନାର୍ଜୀଙ୍କ ବିରୋଧରେ ୬୦ ରୁ ଅଧିକ ବିଧାୟକ ବିଦ୍ରୋହ କରିବା ପରେ ଟିଏମସିରେ ମହାସଙ୍କଟ ଜାରି ରହିଛି। ଏଭଳି ସ୍ଥିତିରେ ଦଳର ଜଣେ ପ୍ରମୁଖ ଚେହେରା ଫିରହାଦ୍ ହାକିମ୍‌ଙ୍କ ଏହି ଇସ୍ତଫା ମମତା ବାନାର୍ଜୀଙ୍କ ପାଇଁ ଅସୁବିଧା ଆହୁରି ବଢ଼ାଇ ଦେଇଛି।

## ବିଜେପିରୁ ଅନ୍ନାମଲାଇଙ୍କ ଇସ୍ତଫା

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ତାମିଲନାଡୁ ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ଆଇପିଏସ ଅଧିକାରୀ କେ. ଅନ୍ନାମଲାଇ ଶୁକ୍ରବାର ଦଳରୁ ଇସ୍ତଫା ଦେଇଛନ୍ତି। ଦଳର ଶୀର୍ଷ ନେତୃତ୍ୱଙ୍କ ସହ ଦୀର୍ଘ ଦିନର ମତଭେଦ ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବିଜେପିର ତାମିଲନାଡୁ ପ୍ରଭାରୀ ନୀତିନ ନବୀନ ତାଙ୍କର ଏହି ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଏବେ ସେ ଏକ ନୂଆ ଦଳ ଗଠନ କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ନାମଲାଇ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଗତ ୧୮ ମାସ ହେବ ତାମିଲନାଡୁର ରାଜନୈତିକ ଚିନ୍ତାଧାରା ଓ ବିକାଶକୁ ନେଇ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ତାଙ୍କର ମତଭେଦ ରହିଆସିଥିଲା। ତାମିଲନାଡୁ ପାଇଁ ଉଭୟଙ୍କ ଦୃଷ୍ଟିକୋଣ ସମାନ ନଥିଲା। ଗତ ୨୦୨୫ ଡିସେମ୍ବର ୪ରେ ହିଁ ସେ ଦଳକୁ ଇସ୍ତଫା ଦେବା ନେଇ ଜଣାଇଥିଲେ। କିନ୍ତୁ ଦଳର ଅନୁରୋଧ କ୍ରମେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସେ ଦଳରେ ରହିଥିଲେ। ଅନ୍ନାମଲାଇଙ୍କ ନେତୃତ୍ୱରେ ତାମିଲନାଡୁରେ ବିଜେପିର ସ୍ଥିତି ମଜବୁତ ହୋଇଥିଲା। ୨୦୧୯ ଲୋକସଭା ନିର୍ବାଚନରେ ଦଳର ଭୋଟ ପ୍ରତିଶତ ୩.୬ ଥିବା ବେଳେ ୨୦୨୪ରେ ଏହା ୧୧.୨ ପ୍ରତିଶତକୁ ବୃଦ୍ଧି ପାଇଥିଲା, ଯାହା ରାଜ୍ୟରେ ଦଳର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା। ୨୦୨୫ ଏପ୍ରିଲରେ ତାଙ୍କ ସ୍ଥାନରେ ନୈନାର ନାଗେନ୍ଦ୍ରନଙ୍କୁ ରାଜ୍ୟ ସଭାପତି କରାଯାଇଥିଲା। ଏହାପରେ ୨୦୨୬ ବିଧାନସଭା ନିର୍ବାଚନରେ ଏଆଇଏଡିଏମକେ ସହ ମେଣ୍ଟ କରି ଦଳ ନିର୍ବାଚନ ଲଢ଼ିଥିଲା, ଯେଉଁଥିରେ ବିଜେପିର ଭୋଟ ପ୍ରତିଶତ ହ୍ରାସ ପାଇ ୩ ପ୍ରତିଶତରୁ କମ୍ ହୋଇଯାଇଥିଲା। ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟ ଶୀର୍ଷ ନେତାମାନେ ଅନ୍ନାମଲାଇଙ୍କୁ ଦଳରେ ରଖିବା ପାଇଁ ବହୁ ଚେଷ୍ଟା କରିଥିଲେ ମଧ୍ୟ ସେ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲେ।

### ବିଜେପି ଛାଡ଼ିଲେ ୧୬ ପ୍ରମୁଖ ନେତା

ଚେନ୍ନଇ, ୫।୬(ଏଜେନ୍ସି): ଅନ୍ନାମଲାଇ ଇସ୍ତଫା ଦେଇ ଦିଲ୍ଲୀରୁ ଫେରିବା ପରେ ବିମାନବନ୍ଦରରେ ତାଙ୍କୁ ପ୍ରଶଂସକଙ୍କ ଦ୍ୱାରା ଉତ୍ସ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କ ଇସ୍ତଫାର କିଛି ଘଣ୍ଟା ମଧ୍ୟରେ, ବିଜେପିର ରାଜ୍ୟ ଉପ-ସଭାପତି କରୁ ନାଗରାଜନ ଏବଂ ଅନ୍ୟ ୧୫ ଜଣ ପ୍ରମୁଖ ସଦସ୍ୟ ମଧ୍ୟ ଦଳ ଛାଡିଛନ୍ତି। ଏହି ଗଣ-ଇସ୍ତଫା ରାଜ୍ୟ ବିଜେପି ୟୁନିଟ୍ ମଧ୍ୟରେ ଏକ ବଡ଼ ଧରଣର ବିଭାଜନର ସଙ୍କେତ ଦେଇଛି। ଇସ୍ତଫା ଦେଇଥିବା ନେତାମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସୁମତୀ ଭେଙ୍କଟେଶଙ୍କ ଭଳି ବରିଷ୍ଠ ନେତୃତ୍ୱ ମଧ୍ୟ ସାମିଲ ଅଛନ୍ତି। ଏହାସହ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ଆଇନଗତ ଆବାହକ ଅଭିଲାଷ ଗୋପୀନାଥ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ସେପଟେ ଅନ୍ନାମଲାଇ ବିଜେପିରୁ ବିଦାୟ ନେବା ସହ ଏକ ନୂତନ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ତାମିଲନାଡୁ ବିଜେପି ସଭାପତି ନୈନାର ନାଗେନ୍ଦ୍ରନ ଏହି ଘଟଣାକୁ ବିଶେଷ ଗୁରୁତ୍ୱ ଦେଇ ନାହାନ୍ତି। ସେ କହିଛନ୍ତି ଯେ, ବିଜେପି ଏକ ବିଚାରଧାରା ଭିତ୍ତିକ ସଂଗଠନ ଏବଂ ଜଣଙ୍କ ଇସ୍ତଫା ଦ୍ୱାରା ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଗଣତନ୍ତ୍ରରେ ଯେକେହି ନୂଆ ଦଳ ଗଠନ କରିବାକୁ ସ୍ୱାଧୀନ ବୋଲି ସେ ମତ ଦେଇଛନ୍ତି।

## ଅଫିସ ଭିତରେ ପ୍ରେମିକାକୁ ଛୁରି ଭୁସି ହତ୍ୟାକଲା ପ୍ରେମିକ

ଚଣ୍ଡୀଗଡ଼, ୫।୬(ଏଜେନ୍ସି): ପଞ୍ଜାବର ମୋହାଲି ଅଞ୍ଚଳରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ତାଙ୍କର ପୂର୍ବତନ ପ୍ରେମିକ ଅଫିସ ଭିତରେ ସମସ୍ତଙ୍କ ସାମ୍ନାରେ ଛୁରୀ ଭୁସି ହତ୍ୟା କରିଛି। ଏହି ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି। ମୃତ ମହିଳା ଏବଂ ଅଭିଯୁକ୍ତ ହରଜିନ୍ଦର ସିଂହ ମାନ ଏକ ବେସରକାରୀ ଚିଠି ପଠାଉଥିବା ସଂସ୍ଥାରେ ଏକାଠି କାମ କରୁଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ହେଲେ କିଛି ଦିନ ପୂର୍ବରୁ ସେମାନଙ୍କର ବିଚ୍ଛେଦ ହୋଇଯାଇଥିଲା। ଅଭିଯୁକ୍ତ ହରଜିନ୍ଦର ଏହି ବିଚ୍ଛେଦକୁ ସହଜରେ ଗ୍ରହଣ କରିପାରୁ ନଥିଲା ଏବଂ ସମ୍ପର୍କ ସୁଧାରିବା ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହେବା ପରେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲା। ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ଦୁହିଁଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହରଜିନ୍ଦର ଏକ ଛୁରୀରେ ମହିଳାଙ୍କୁ ଆକ୍ରମଣ କରିଥିଲା। ସେଠାରେ ଉପସ୍ଥିତ ଅନ୍ୟ କର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ମହିଳାଙ୍କୁ ବାରମ୍ବାର ଛୁରୀ ଭୁସି ଚାଲିଥିଲା। ମହିଳାଙ୍କୁ ରକ୍ତାକ୍ତ କରିବା ପରେ ସେ ନିଜ ପେଟରେ ମଧ୍ୟ ଛୁରୀ ଭୁସି ଆତ୍ମହତ୍ୟା ଉଦ୍ୟମ କରିଥିଲା। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତରମାନେ ମହିଳାଙ୍କୁ ମୃତ ଘୋଷଣା କରିଥିବା ବେଳେ ଆକ୍ରମଣକାରୀ ଯୁବକର ଅବସ୍ଥା ଏବେ ମଧ୍ୟ ସଂକଟାପନ୍ନ ରହିଛି।

## ଖାନ୍ ସାର୍‌ଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା

ପାଟନା, ୫।୬(ଏଜେନ୍ସି): ଦେଶର ଜଣାଶୁଣା ଶିକ୍ଷାବିତ୍ ତଥା ୟୁଟ୍ୟୁବର୍ 'ଖାନ୍ ସାର୍' (ଫୈସଲ ଖାନ୍)ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ପାଟନାର କଦମକୁଆଁ ଥାନାରେ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଏବଂ ଆର୍ମସ ଆକ୍ଟ ଅଧୀନରେ ଏକ ନୂତନ ଏଫ୍ଆଇଆର୍ ରୁଜୁ ହେବା ପରେ ପୁଲିସ ତାଙ୍କୁ ଗିରଫ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ରାତି ପ୍ରାୟ ୧୦ଟାରେ ଖାନ୍ ସାର୍‌ଙ୍କ କୋଚିଂ ସେଣ୍ଟର ଉପରେ ୨୦-୨୫ ଜଣ ଦୁର୍ବୃତ୍ତ ଆକ୍ରମଣ କରି ଗାର୍ଡଙ୍କୁ ମାଡ଼ ମାରିବା ସହ ପୋଷ୍ଟର ଚିରି ଦେଇଥିଲେ। ଖାନ୍ ସାର୍‌ଙ୍କ ଅଭିଯୋଗ ଆଧାରରେ ପ୍ରତିଦ୍ୱନ୍ଦ୍ୱୀ 'ଜ୍ଞାନ ବିନ୍ଦୁ କୋଚିଂ'ର ନିର୍ଦ୍ଦେଶକ ରୋଶନ ଆନନ୍ଦ ଓ ଅନ୍ୟ ୨ ଜଣଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଥିଲା। ଜ୍ଞାନ ବିନ୍ଦୁ କୋଚିଂ ପକ୍ଷରୁ ଏକ ଭିଡିଓ ଜାରି କରାଯାଇଥିଲା, ଯେଉଁଥିରେ ଖାନ୍ ସାର୍‌ଙ୍କ ଦୁଇଜଣ ବଡିଗାର୍ଡ କୋଚିଂ ବାହାରେ ଗୁଳି ଚଳାଉଥିବା ଦେଖାଯାଇଥିଲା। ପୁଲିସ ତୁରନ୍ତ ଉଭୟ ଗାର୍ଡଙ୍କୁ ଗିରଫ କରିଥିଲା। ଜେରା ବେଳେ ଗାର୍ଡମାନେ କହିଥିଲେ ଯେ ସେମାନେ ଖାନ୍ ସାର୍‌ଙ୍କ ନିର୍ଦ୍ଦେଶରେ ଗୁଳି ଚଳାଇଥିଲେ। ରୋଶନ ଆନନ୍ଦଙ୍କୁ ମିଥ୍ୟା ମାମଲାରେ ଫସାଯାଇଥିବା ଅଭିଯୋଗ କରି ଗୁରୁବାର ସନ୍ଧ୍ୟାରେ ପ୍ରାୟ ୫, ୦୦୦ ଛାତ୍ର କ୍ୟାଣ୍ଡେଲ ମାର୍ଚ୍ଚ କରି ଖାନ୍ ସାର୍‌ଙ୍କ ଗିରଫଦାରୀ ଦାବି କରିଥିଲେ। ଏହାପରେ ପୁଲିସ ଅସ୍ତ୍ରଶସ୍ତ୍ର ଜବତ କରି ଖାନ୍ ସାର୍‌ଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ନୂଆ ମାମଲା ରୁଜୁ କରିଛି। 'ଆମ ଗାର୍ଡମାନେ ଆତ୍ମରକ୍ଷା ପାଇଁ ଫାୟାରିଂ କରିଥିଲେ। ପୁଲିସ ପହଞ୍ଚିବାକୁ ସମୟ ଲାଗିବ ଜାଣି ଆମେ ଏଭଳି ପଦକ୍ଷେପ ନେଇଥିଲୁ। ମୁଁ ଏଫ୍ଆଇଆର୍ ବିଷୟରେ ଜାଣିନାହିଁ, କିନ୍ତୁ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି ଖାନ୍ ସାର କହିଛନ୍ତି। ଖାନ୍ ସାର୍ ଶ୍ରେଣୀଗୃହରେ ଛାତ୍ରମାନଙ୍କୁ ସିସିଟିଭି ଫୁଟେଜ୍ ଦେଖାଇ କହିଛନ୍ତି ଯେ ଏହା ତାଙ୍କ କୋଚିଂ ସେଣ୍ଟର ବନ୍ଦ କରି ଫିସ୍ ବଢ଼ାଇବା ପାଇଁ ଏକ ବଡ଼ ଚକ୍ରାନ୍ତ, କିନ୍ତୁ ସେ ନିଜ ଆଇନଗତ ଦଳ ସହ ଏହାର ମୁକାବିଲା କରିବେ।



■ ଗିରଫ ପାଇଁ ପାଟନା ପୁଲିସର କାର୍ଯ୍ୟାନୁଷ୍ଠାନ

# ଜଳବାୟୁ ପରିବର୍ତ୍ତନର କରାଳ ରୂପ

- ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ତରଳୁଛି ହିମବାହ
- ଚତୁର୍ଦ୍ଦିଗରୁ ପ୍ରକୃତିର ଆକ୍ରୋଶରେ ଭାରତ

ପୁଣେ, ୫।୬(ଏଜେନ୍ସି): ଜଳବାୟୁ ପରିବର୍ତ୍ତନର ଭୟଙ୍କର ପ୍ରଭାବ ଏବେ ସୁଦୂର ଭବିଷ୍ୟତର କଥା ହୋଇ ରହିନାହିଁ, ବରଂ ଭାରତ ଏହାକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛି। ହିମାଳୟର ବରଫ ତରଳିବାଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଅଞ୍ଚଳ ସମୁଦ୍ର ଗର୍ଭରେ ବିଲୀନ ହେବା ପର୍ଯ୍ୟନ୍ତ, ଦେଶ ବର୍ତ୍ତମାନ ଏକ ବଡ଼ ଜଳବାୟୁ ସଙ୍କଟ ଦେଇ ଗତି କରୁଛି। ସାମ୍ପ୍ରତିକ ସମୟରେ ରାଜସ୍ଥାନରେ ତାପମାତ୍ରା ୫୦ ଡିଗ୍ରୀ ଏବଂ ଦିଲ୍ଲୀରେ ୪୬ ଡିଗ୍ରୀ ଅତିକ୍ରମ କରିଛି, ଯାହା ଭାରତୀୟ ପାଣିପାଗ ବିଭାଗ ଅନୁସାରେ ୧୯୦୧ ମସିହା ପରଠାରୁ ସବୁଠାରୁ ଉତ୍ତପ୍ତ ବର୍ଷ ସଦୃଶ ଅଟେ। ସହରୀକରଣ ନାମରେ ଗଛ କାଟିବା, ହ୍ରଦ ପୋତିଦେବା ଏବଂ ନଦୀପଠା ନଷ୍ଟ କରିବା ଯୋଗୁଁ ସହରଗୁଡ଼ିକ କଂକ୍ରିଟ୍ ଚୁଲିରେ ପରିଣତ ହୋଇଛନ୍ତି। ଗବେଷଣାରୁ ଜଣାପଡ଼ିଛି ଯେ ଗଛଲତା ଘେରା ରାସ୍ତା ସାଧାରଣ କଂକ୍ରିଟ୍ ରାସ୍ତା ତୁଳନାରେ ୪ ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ଶୀତଳ ରହିଥାଏ। ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଭାରତରେ ବାସ କରୁଥିବା ବେଳେ ଏଠାରେ ମାତ୍ର ୪ ପ୍ରତିଶତ ମଧୁର ଜଳ ସମ୍ପଦ ରହିଛି। ଭୂତଳ



ଜଳର ଅତ୍ୟଧିକ ବ୍ୟବହାର ଏବଂ ଜଳାଶୟଗୁଡ଼ିକର ବିନାଶ ଏହି ସଙ୍କଟକୁ ଦ୍ୱିଗୁଣିତ କରିଛି। ଗତ କିଛି ଦଶନ୍ଧି ମଧ୍ୟରେ ଦେଶର ପ୍ରାୟ ୩୦ ପ୍ରତିଶତ ଜଳାଶୟ ଓ ସନ୍ତସନ୍ତିଆ ଭୂମି ନଷ୍ଟ ହୋଇଯାଇଛି। ପାରମ୍ପରିକ ପୋଖରୀ, କୂଅ ଓ ନଦୀପଠାର ପୁନରୁଦ୍ଧାର ଦ୍ୱାରା ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ ଜଳ ସଙ୍କଟ ସୁଧାରି ହେବ, ଯେପରି ରାଜସ୍ଥାନରେ ଜଳ ସଂରକ୍ଷଣ ମାଧ୍ୟମରେ ଶୁଖିଲା ନଦୀକୁ ପୁନର୍ଜୀବିତ କରାଯାଇପାରିଛି। ହିମାଳୟ ଅଞ୍ଚଳରେ ଥିବା ପ୍ରାୟ ୫୪,୦୦୦ରୁ ଅଧିକ ହିମବାହ ଦକ୍ଷିଣ ଏସିଆର ୨୪ କୋଟି ଲୋକଙ୍କ ଜୀବନରେଖା ଅଟେ। କିନ୍ତୁ ବିଗତ ଦଶନ୍ଧି ତୁଳନାରେ ଏବେ ବରଫ ତରଳିବା ହାର ୬୫ ପ୍ରତିଶତ ବୃଦ୍ଧି ପାଇଛି। ଏହାଦ୍ୱାରା ହଠାତ ବନ୍ୟା ଏବଂ ଭବିଷ୍ୟତରେ ମରୁଡ଼ିର ଭୟଙ୍କର ସ୍ଥିତି ସୃଷ୍ଟି ହେଉଛି। ହିମାଳୟର ପାର୍ବତ୍ୟ ଜଙ୍ଗଲ ଓ ଉଚ୍ଚ ଅଞ୍ଚଳର ଜଳାଶୟଗୁଡ଼ିକର ସୁରକ୍ଷା ଜଳ ପ୍ରବାହକୁ ନିୟନ୍ତ୍ରିତ କରିବା ସହ ଭୂସ୍ଖଳନ ରୋକିବାରେ ସହାୟକ ହେବ। ଭାରତରେ ୭,୫୦୦ କିଲୋମିଟର ଦୀର୍ଘ ଉପକୂଳ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଭାଗ ସମୁଦ୍ର ଗର୍ଭରେ ଲୀନ ହେବା ଅବସ୍ଥାରେ ଅଛି। ଜଳସ୍ତର ବୃଦ୍ଧି ଏବଂ ପ୍ରାକୃତିକ ସୁରକ୍ଷା ପ୍ରାଚୀର ଭଳି କାମ କରୁଥିବା ହେନ୍ତାଳବନ ନଷ୍ଟ ହେବା ଯୋଗୁଁ ସାମୁଦ୍ରିକ ଝଡ଼ର ପ୍ରଭାବ ବଢ଼ୁଛି। ସୁନ୍ଦରବନ ଓ ଓଡ଼ିଶାର ଭିତରକନିକା ଏହାର ଜ୍ୱଳନ୍ତ ଉଦାହରଣ, ଯେଉଁଠି ହେନ୍ତାଳବନ ବଡ଼ ବଡ଼ ବାତ୍ୟାର ବେଗକୁ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରି ଉପକୂଳକୁ ରକ୍ଷା କରିଛି। ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ପ୍ରତିରୋଧକ। ଭାରତୀୟ କୃଷି ସମ୍ପୂର୍ଣ୍ଣ ଭାବେ ଜଳବାୟୁ ଉପରେ ନିର୍ଭରଶୀଳ। ଅନିୟମିତ ମୌସୁମୀ ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ଧାନ ଓ ଗହମ ଚାଷରେ ବ୍ୟାପକ ହ୍ରାସ ଘଟିବାର ଆଶଙ୍କା ରହିଛି।

## ଭାରତକୁ ସୁଖୋଇ ସୁ-୫୭ ଯୁଦ୍ଧବିମାନ ପ୍ରଯୁକ୍ତିବିଦ୍ୟା ଦେବାକୁ ପୁଟିନ ପ୍ରସ୍ତୁତ

ସେଣ୍ଟ ପିଟର୍ସବର୍ଗ, ୫।୬(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଭାରତକୁ ପଞ୍ଚମ ପିଢ଼ିର ଅତ୍ୟାଧୁନିକ ଷ୍ଟେଲଥ୍ ଯୁଦ୍ଧବିମାନ 'ସୁଖୋଇ ସୁ-୫୭' ମିଳିତ ଭାବେ ନିର୍ମାଣ କରିବା ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ପାଇଁ ଏକ ବଡ଼ ପ୍ରସ୍ତାବ ଦେଇଛନ୍ତି। ସେଣ୍ଟ ପିଟର୍ସବର୍ଗ ଅନ୍ତର୍ଜାତୀୟ ଅର୍ଥନୈତିକ ଫୋରମ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ପୁଟିନ କହିଛନ୍ତି ଯେ, ରୁଷିଆ ଏହି ବିମାନ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ଷେତ୍ରରେ ଭାରତ ସହ ମିଶି କାମ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ରୁଷିଆ ସହ ସମ୍ପର୍କ କମାଇବା ପାଇଁ ପାଶ୍ଚାତ୍ୟ ଦେଶ ଏବଂ ଆମେରିକା ଭାରତ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏଭଳି ଚାପ ଆଗରେ ମୁଣ୍ଡ ନୁଆଇବ ନାହିଁ। ଭାରତ ନିଜ ଜାତୀୟ ସ୍ୱାର୍ଥ ଅନୁଯାୟୀ ନିଷ୍ପତ୍ତି ନେଉଛି। ଭାରତ ଦୁନିଆର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ଅର୍ଥନୀତି ଏବଂ ଆଗାମୀ ବର୍ଷଗୁଡ଼ିକରେ ଭାରତ-ରୁଷିଆ ମଧ୍ୟରେ ବାଣିଜ୍ୟ କାରବାର ୧୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ପୁଟିନ ଆଶା ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଭାରତ ବ୍ରିକ୍ସ ସମ୍ମିଳନୀର ଅଧ୍ୟକ୍ଷତା କରୁଛି। ଏଥିପାଇଁ ଆସନ୍ତା ସେପ୍ଟେମ୍ବର ୧୨ ଓ ୧୩ ରେ ପୁଟିନ ନୂଆଦିଲ୍ଲୀ ଗସ୍ତ କରିବେ। ଗତ ୨୦୨୫ ଡିସେମ୍ବରରେ ପୁଟିନଙ୍କ ଭାରତ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଶକ୍ତି, ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଏବଂ ସାମୁଦ୍ରିକ ପରିବହନ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

## ରାଜ୍ୟରେ ବସ୍ ଭଡ଼ା ବୃଦ୍ଧି ପ୍ରସଙ୍ଗ

# ସରକାରଙ୍କୁ ୩୦ ତାରିଖ ପର୍ଯ୍ୟନ୍ତ ମହଲତ

**ପରିବହନ କମିସନରଙ୍କ ସହ ବସ୍ ମାଲିକଙ୍କ ବୈଠକ**

**୧୬ତାରିଖ ସୁଦ୍ଧା ସରକାରଙ୍କୁ ପଠାଯିବ ପ୍ରସ୍ତାବ**

କଟକ, ୫।୬ (ସମିସ): ଡିଜେଲ ଦରବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ ଦ୍ୱିତୀୟ ଥର ପାଇଁ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲେ ସୁଦ୍ଧା ଅନ୍ୟ ୧୨ଟି ମାପଦଣ୍ଡ ଆଧାରରେ ସରକାର ଏ ପର୍ଯ୍ୟନ୍ତ ଭଡା ବଢ଼ାଇନାହାନ୍ତି। ଆଜି ଏ ନେଇ ରାଜ୍ୟ ଘରୋଇ ବସ ମାଲିକ ସଂଘ ସହ ପରିବହନ କମିସନର ଅମିତାଭ ଠାକୁରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ବସ ମାଲିକ ସଂଘ ପକ୍ଷରୁ ୧୦ଦିନ ସମୟ ଦିଆଯାଇ ଧର୍ମଘଟ ଚେତାବନୀ ଦିଆଯାଇଥିଲା। ଆଗକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ରହିଥିବାରୁ ସରକାରଙ୍କୁ ୩୦ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି ମାଲିକ ସଂଘ। ୧୨ଟି ମାପଦଣ୍ଡ ଆଧାରରେ ବସ୍ ଭଡ଼ା ବୃଦ୍ଧି କ୍ଷମତା ସରକାରଙ୍କ ହୋଇଥିବାରୁ ପରିବହନ ପ୍ରାଧିକରଣ ପକ୍ଷରୁ ଏ ସଂକ୍ରାନ୍ତୀୟ ପ୍ରସ୍ତାବ ଆସନ୍ତା ୧୬ ତାରିଖ ସୁଦ୍ଧା ସରକାରଙ୍କୁ ପଠାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଗୋଟିଏପଟରେ କେବଳ ଡିଜେଲ ଦର ବୃଦ୍ଧି ପାଇଁ ପରିବହନ ପ୍ରାଧିକରଣ ପକ୍ଷରୁ ଅଟୋମେଟିକ ମେକାନିଜିମ ଅନୁସାରେ ବସ ଭଡା ବୃଦ୍ଧି କରାଯାଇଥିଲା ବେଳେ ବାକି ୧୨ଟି ମାପଦଣ୍ଡ ଆଧାରରେ ବସ ଭଡା ବୃଦ୍ଧି ନିଷ୍ପତ୍ତି ଏବେ ବି ଝୁଲୁଛି। ନିକଟରେ ସମସ୍ତ ୧୩ଗୋଟି ମାପଦଣ୍ଡକୁ ଦୃଷ୍ଟିରେ ରଖି ଭଡା ବଢାଇବା ପାଇଁ ବସ ମାଲିକ ସଂଘ ସରକାରଙ୍କୁ ଦାବି ଜଣାଇଥିଲା। ଏପରିକି ୧୦ଦିନ ଭିତରେ ନିଷ୍ପତ୍ତି ନ ନେଲେ ବସ ଚଳାଚଳ ବନ୍ଦ କରିବାକୁ ପଛାଇବେ ନାହିଁ ବୋଲି ସଂଘ ଚେତାବନୀ ଦେଇଥିଲା। ବିଗତ ୬ ବର୍ଷ ହେବ ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇ ନାହିଁ। ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା। ଡିଜେଲ ସହ ଲୁବ୍ରିକାଣ୍ଟ, କର୍ମଚାରୀଙ୍କ ଦରମା, ଟାୟାର୍, ବ୍ୟାଟେରି, ବୀମା, ଟୋଲ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଆଦି ବୃଦ୍ଧି ଆଦି ୧୩ଟି ମାପଦଣ୍ଡକୁ ଦୃଷ୍ଟିରେ ରଖି ଭଡ଼ା ବଢ଼ାଇବା ପାଇଁ ଦାବି କରାଯାଇଥିଲା। ଆଜିର ବୈଠକରେ ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ପ୍ରିୟବ୍ରତ ତ୍ରିପାଠୀଙ୍କ ସମେତ ବହୁ ବସ୍ ମାଲିକ ଯୋଗ ଦେଇଥିଲେ।



**ରଥ ଖଳାରୁ...** ତିନି ରଥ ଉପରେ ପଡ଼ିଲା ଛନ୍ଦା ଗୟଳ



ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବୃଦ୍ଧି ପରେ ମନ୍ତ୍ରୀ ଓ ବିଧାୟକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି

## ପରିଚାଳନା କମିଟି ବୈଠକ | ସ୍ନାନଯାତ୍ରା ଓ ରଥଯାତ୍ରା ନୀତିକାନ୍ତିରେ ବାଜିଲା ମୋହର



ପୁରୀ, ୫।୬ (ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମେତ ସ୍ନାନଯାତ୍ରା, ସୁନାବେଶ, ନୀଳାଦ୍ରିବିଜେ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ସୁଚାରୁରୂପେ ସଂପାଦନ ନିମନ୍ତେ ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଗତ ମାସ ୩୧ ତାରିଖରେ ଅନୁଷ୍ଠିତ ଛତିଶା ନିଯୋଗ ଏବଂ ନୀତି ସବ୍-କମିଟି ଯୁଗ୍ମ ବୈଠକରେ ପ୍ରସ୍ତୁତ ଚିଠା ନୀତିକାନ୍ତି ଏବଂ ବ୍ୟବସ୍ଥାବଳୀ ଉପରେ ଆଲୋଚନା କରାଯାଇ ମୋହର ଲାଗିଛି।

ଅନୁମୋଦନ ପାଇଥିବା ନୀତିକାନ୍ତି ଅନୁଯାୟୀ, ରଥଯାତ୍ରା ଦିନ ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବ। ମଙ୍ଗଳାର୍ପଣ ପରେ ସାଢ଼େ ୯ଟାରୁ ଆରମ୍ଭ ହେବ ଠାକୁରଙ୍କ ପହଣ୍ଡି। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୂଢ଼ ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥି ଲାଗିବେ। ପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ଚୂଡ଼ାନ୍ତ ହୋଇଛି।

ଏହା ପୂର୍ବରୁ ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର୍ ୫ଟାରୁ ପହଣ୍ଡି ଆରମ୍ଭ ହେବ। ସକାଳ ୭ଟାରେ ପହଣ୍ଡି ସରି ସକାଳ ୯ଟାରେ ମଙ୍ଗଳ ଆଳତି ହେବ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ଣ ସାଢ଼େ ୩ଟାରେ ଛେରାପହଁରା ପରେ ଅପରାହ୍ଣ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୯ଟା ଅର୍ଥାତ୍ ୨ ଘଣ୍ଟା ସାହାଣମେଳା ଦର୍ଶନ ରହିଛି। ରାତି ୧୦ଟାରେ ହାତୀବେଶ ମଇଲମ ଓ ବାହୁଡ଼ା ପହଣ୍ଡି ରାତି ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ଏହାପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୨୪ ତାରିଖ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୨ଟାରେ ପହଣ୍ଡି ଶେଷ ହେବ। ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ସରି ଅପରାହ୍ଣ ୪ଟାରେ ରଥଟଣା ଯିବ। ଜୁଲାଇ ୨୫ ତାରିଖ ଅପରାହ୍ଣ ୫ଟାରୁ ସନ୍ଧ୍ୟା ସାଢ଼େ ୬ଟା ରଥ ଉପରେ ମହାପ୍ରଭୁଙ୍କୁ ସୁନାବେଶରେ ସଜେଇ ଦିଆଯିବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ଅର୍ଥାତ୍ ଭକ୍ତମାନେ ୬ ଘଣ୍ଟା ରଥ ଉପରେ ମହାପ୍ରଭୁଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରିପାରିବେ ବୋଲି ନୀତି ନିର୍ଘଣ୍ଟ ହୋଇଛି। ୨୬ ତାରିଖ ରାତି ୮ଟାରେ ଅଧରପଣା ନୀତି ସମ୍ପନ୍ନ ହେବ। ୨୭ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତିକାନ୍ତିରେ ମୋହର ଲଗାଇଛି ପରିଚାଳନା କମିଟି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେଇଥିଲେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ।

## ଓଡ଼ିଶାକୁ ମିଳିଲା ୬ଟି ସ୍ନାତକୋତ୍ତର ଡାକ୍ତରୀ ସିଟ୍

ଭୁବନେଶ୍ୱର, ୫।୬(ସମିସ): ଓଡ଼ିଶାକୁ ଅତିରିକ୍ତ ଭାବେ ୬ଟି ସ୍ନାତକୋତ୍ତର ଡାକ୍ତରୀ ସିଟ୍‌ରେ ପାଠପଢ଼ା ପାଇଁ ଅନୁମତି ମିଳିଛି। କୋରାପୁଟସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗରେ ୪ଟି ସିଟ୍‌ରେ ନାମଲେଖା ପାଇଁ ଅନୁମତି ମିଳିଛି। ସେହିପରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶିଶୁରୋଗ ବିଭାଗରେ ୨ଟି ଏମ୍‌ବିବିଏସ୍ ଡିପ୍ଲୋମା ସିଟ୍ ପାଇଁ ସ୍ୱୀକୃତି ମିଳିଛି। ଏନେଇ ନୂଆଦିଲ୍ଲୀର ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ରାଜ୍ୟରେ ଡାକ୍ତରୀ ଶିକ୍ଷା ଏବଂ ବିଶେଷଜ୍ଞ ସ୍ୱାସ୍ଥ୍ୟସେବାକୁ ପ୍ରୋତ୍ସାହନ ମିଳିବ। କେବିକେ ଅଞ୍ଚଳ ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜେଜେମା'ଙ୍କ ଶବ ସଂସ୍କାର ବେଳେ ଅଘଟଣ

# ମହାନଦୀରେ ବୁଡ଼ି ନାତି ନିଖୋଜ

ନରସିଂହପୁର, ୫।୬(ସମିସ): ନରସିଂହପୁର ଥାନା ଅଞ୍ଚଳରେ ଏକ ଅତ୍ୟନ୍ତ ହୃଦୟବିଦାରକ ତଥା ଦୁଃଖଦାୟକ ଘଟଣା ଘଟିଛି। ଜେଜେମା'ଙ୍କ ଶବ ସଂସ୍କାର ସାରି ମହାନଦୀରେ ଗାଧୋଉଥିବା ସମୟରେ ଗଭୀର ପାଣିରେ ବୁଡ଼ି ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ଧନିପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କ ପୁଅ ଆଦିତ୍ୟ ମଲ୍ଲିକ (୨୫)। ସୂଚନାନୁଯାୟୀ, ଧନିପୁର ଗ୍ରାମର ପ୍ରଫୁଲ୍ଲ ମଲ୍ଲିକଙ୍କ ମା'ଙ୍କର ଶୁକ୍ରବାର ଦିନ ପରଲୋକ ଘଟିଥିଲା। ପରିବାର ଓ ଗ୍ରାମବାସୀ ଶବ ସଂସ୍କାର ନିମନ୍ତେ ମୃତଦେହକୁ ଘୋରାଡ଼ିଆ ସ୍ଥିତ ମହାନଦୀ କୂଳ ଶ୍ମଶାନକୁ ନେଇଥିଲେ ଏବଂ ସେଠାରେ ଯଥାରୀତି ରୀତିନୀତି ଅନୁଯାୟୀ ଶବଦାହ ସମ୍ପନ୍ନ ହୋଇଥିଲା। ଜେଜେମା'ଙ୍କ ସଂସ୍କାର କାର୍ଯ୍ୟ ଶେଷ ହେବା ପରେ ନାତି ଆଦିତ୍ୟ ଅନ୍ୟ ସାଙ୍ଗମାନଙ୍କ ସହ ଘୋରାଡ଼ିଆ ମହାନଦୀ ଘାଟକୁ ଗାଧୋଇବା ପାଇଁ ଯାଇଥିଲେ। ମାତ୍ର ନଦୀରେ ଗାଧୋଇବା ସମୟରେ ସେ ଅସାବଧାନତାବଶତଃ ଗଭୀର ପାଣି ଭିତରକୁ ପଶି ଯାଇଥିଲେ। ସେଠାରେ ତାଙ୍କ ସହ ଅନ୍ୟ ୩ଜଣ ଯୁବକ ଗାଧୋଉଥିବା ବେଳେ ଆଦିତ୍ୟ ହଠାତ୍ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଏହି ଅଘଟଣ ସମ୍ପର୍କରେ ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନରସିଂହପୁର ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ନଦୀଗର୍ଭରେ ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଆଦିତ୍ୟଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ଖବର ପାଇ ନରସିଂହପୁର ତହସିଲଦାର ସୁଶ୍ରୀ ଅର୍ପିତା ସାହୁ ଏବଂ ନରସିଂହପୁର ଥାନା ଅଧିକାରୀ ତପନ କୁମାର ପତି ପୁଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଗୋଟିଏପଟେ, ବୃଦ୍ଧାଙ୍କ ମୃତ୍ୟୁ ଏବଂ ଅନ୍ୟପଟେ ଯୁବକ ନିଖୋଜ ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ରାଜ୍ୟସଭା ପାଇଁ ଦେବାଶିଷଙ୍କ ନାମାଙ୍କନ

ଭୁବନେଶ୍ୱର, ୫।୬(ସମିସ): ଓଡ଼ିଶାରୁ ଖାଲି ହୋଇଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ନାମାଙ୍କନ ଭରିଛନ୍ତି ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ। ବିଜେପି ପାର୍ଟି ଅଫିସରୁ ଶୋଭାଯାତ୍ରାରେ ଆସି ଓଡିଶା ବିଧାନସଭାରେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦେବାଶିଷ ନାମାଙ୍କନ ଫର୍ମ ଦାଖଲ କରିଛନ୍ତି। ଦେବାଶିଷଙ୍କ ନାମାଙ୍କନ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ବିଜେପିର ବହୁ ବରିଷ୍ଠ ନେତା ସାମିଲ ହୋଇଛନ୍ତି। ଦେବାଶିଷ ୩ ସେଟ୍ ନାମାଙ୍କନ ଫର୍ମ ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ତାଙ୍କ ପାଇଁ ପ୍ରସ୍ତାବକ ରହିଛନ୍ତି। ଆସନ୍ତା ଜୁନ ୧୮ ତାରିଖରେ ରାଜ୍ୟସଭା ଉପନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଜୁନ ୮ ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷ ତାରିଖ ରହିଛି।

## ଅଦିନିଆ ରଥଯାତ୍ରା ପ୍ରସଙ୍ଗ

# ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ପରିଚାଳନା କମିଟି

ପୁରୀ, ୫।୬ (ସମିସ): ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଛି ଇସ୍କନ। ବିଧି, ପରମ୍ପରାକୁ ଭାଙ୍ଗି ଅଦିନିଆ ରଥଯାତ୍ରା କରୁଛି। ମନମାନି କରି କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହ ଖେଳୁଛି। ଏଭଳି ପରମ୍ପରା ବିରୋଧୀ କାମ ନ କରିବା ପାଇଁ ପୂର୍ବରୁ ଅନେକଥର ଅବଗତ କରାଯାଇଥିଲେ ମଧ୍ୟ ନିଜ ଚରିତ୍ରରେ ସୁଧାର ଆଣୁନାହିଁ। ଏପରିକି, ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ଶାସ୍ତ୍ର ପୁରାଣ ପ୍ରମାଣିକତାକୁ ବି ଗ୍ରହଣ କରୁନାହିଁ। ନିକଟରେ ବିଦେଶରେ ଏକାଧିକ ଜାଗାରେ ଅଦିନିଆ ରଥଯାତ୍ରା କରିଛି। ଇସ୍କନର ଏଭଳି ମନମାନିକୁ ଭକ୍ତ ଓ ସେବାୟତ ତୀବ୍ର ବିରୋଧ କରିଆସୁଥିବା ବେଳେ ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଗଜପତି ମହାରାଜା ଦିବ୍ୟସିଂହଦେବ କ୍ଷୋଭ ପ୍ରକାଶ କରିଛନ୍ତି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଅଦିନିଆ ରଥଯାତ୍ରା କିପରି ବନ୍ଦ କରାଯିବ, ସେନେଇ ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯିବ ବୋଲି ସୂଚନା ଦେଇଛନ୍ତି।

ମୁଖ୍ୟ ପ୍ରଶାସକ କହିଛନ୍ତି, ଫିରୋଜପୁର ଓ ହାପୁରରେ ଅଦିନିଆ ରଥଯାତ୍ରା ହେବାକୁ ଯାଉଥିଲା, ତାକୁ ବନ୍ଦ କରିଥିଲୁ ବୋଲି କମିଟିକୁ ଅବଗତ କରାଇଥିଲୁ। କିନ୍ତୁ, ଇସ୍କନ କିମ୍ବା ଅନ୍ୟ କୌଣସି ସଂସ୍ଥା ଅଦିନରେ ରଥଯାତ୍ରା ଏବଂ ମହାପ୍ରଭୁଙ୍କ ପର୍ବପର୍ବାଣି କରୁଛନ୍ତି, ଯାହା ଠିକ୍ ନୁହେଁ। ତାହା ଶାସ୍ତ୍ରବିରୋଧୀ। ଭାରତବର୍ଷ ଭିତରେ ଏବେ ସ୍ନାନଯାତ୍ରା ଓ ରଥଯାତ୍ରା ହେବାର ଆମ ନଜରରେ ନାହିଁ। କିନ୍ତୁ ନଜରକୁ ଆସିଲେ ଆମେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ନେଉଛୁ। ହେଲେ ଭାରତ ବାହାରେ ଆମେ ଶାସ୍ତ୍ରଗତ ମତ ଦେଲା ପରେ ବି ଇସ୍କନ ମାନୁନାହିଁ। ଏହାକୁ ନେଇ ପରିଚାଳନା କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ଯାହା ନିଷ୍କର୍ଷ ବାହାରିଛି ତାହା ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି କମିଟି ପରାମର୍ଶ ରଖିଛନ୍ତି। ତେବେ ନୀଳାଦ୍ରି ବିଜେ ପରେ ପରିଚାଳନା କମିଟିର ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ଅଥବା ଯେଉଁମାନେ ନୀତି ନିର୍ଦ୍ଧାରକ ଅଛନ୍ତି, ସେମାନଙ୍କୁ ଏ ସମ୍ବନ୍ଧରେ ଅବଗତ କରାଇବେ। ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

## ବିଏଡ୍ ପ୍ରବେଶିକା ପରୀକ୍ଷା ଆନ୍‌ସର କି ପ୍ରକାଶିତ

ଭୁବନେଶ୍ୱର, ୫।୬(ସମିସ): ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପକ୍ଷରୁ ବିଏଡ୍ ପ୍ରବେଶିକା ପରୀକ୍ଷାର ଆନସାର୍ କି ପ୍ରକାଶ ପାଇଛି। ବିଇଡି ସମେତ ବିଏଚ୍‌ଇଡି ଓ ଏମ୍‌ଇଡି ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ସେମାନଙ୍କ ଉତ୍ତର ଯାଞ୍ଚ କରିପାରିବେ। ବୋର୍ଡ ପକ୍ଷରୁ ଦିଆଯାଇଥିବା ଉତ୍ତରରେ କୌଣସି ଆପତ୍ତି ଥିଲେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ସାମ୍ସ ପୋର୍ଟାଲରେ ନିଜ ଷ୍ଟୁଡେଣ୍ଟ ଲଗ୍‌ଇନ୍ ମାଧ୍ୟମରେ ଆପତ୍ତି ଦାଖଲ କରିପାରିବେ। ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ ବୋଲି ଏସ୍‌ଏସ୍‌ବି ପକ୍ଷରୁ କୁହାଯାଇଛି।

# ରାଜ୍ୟ ପ୍ରତୀକକୁ କଦର୍ଥ କଲା ଉଚ୍ଚଶିକ୍ଷା ବିଭାଗ

**ଓଡ଼ିଆ ଲିପି, ଅଶୋକ ସ୍ତମ୍ଭ ଓ କୋଣାର୍କ ଘୋଡ଼ା ବିକୃତ**

**ଏଆଇରେ ଏଡିଟ୍ କରି ଓଡ଼ିଆ ଅସ୍ମିତାକୁ କୁଠାରଘାତ**

**ସ୍ୱୀକାର କଲା ବିଭାଗ; ଜୋର୍ ଧରିଲା କାର୍ଯ୍ୟାନୁଷ୍ଠାନ ଦାବି**

ଭୁବନେଶ୍ୱର, ୫।୬(ସମିସ): ଓଡ଼ିଆ ଭାଷା ଓ ଅସ୍ମିତାକୁ ବିକୃତ କରୁଛି ଉଚ୍ଚଶିକ୍ଷା ବିଭାଗ। ଓଡ଼ିଆ ଲିପିକୁ କଦର୍ଥ କରିବା ସହ ଓଡ଼ିଶା ସରକାରଙ୍କ ରାଜ୍ୟ ପ୍ରତୀକ (ଲୋଗୋ)କୁ ବିକଳାଙ୍ଗ କରୁଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ମାଧ୍ୟମରେ ପୋଷ୍ଟ ଏଡିଟ୍ କରି ଅଶୋକ ସ୍ତମ୍ଭକୁ ମଧ୍ୟ ଅସମ୍ମାନ କରିବାକୁ ପଛାଇ ନାହିଁ। ଏହାସହ ଲୋଗୋରେ ଥିବା ଓଡ଼ିଶାର ସଂସ୍କୃତିର ପରିଚୟ କୋଣାର୍କ ଘୋଡ଼ାକୁ ମଧ୍ୟ ବିକୃତ କରାଯାଇଛି। ଯାହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଗତକାଲି ଅର୍ଥାତ୍ ଗୁରୁବାର ଦିନ ଏନ୍‌ସିଇଟି ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତାର ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରସାର କରାଯାଇଥିଲା। ଏକ ଡିଜାଇନ୍ ସଂଲଗ୍ନ କରିବା ସହ ରେଜଲ୍ଟ ସମ୍ପର୍କରେ ସୂଚନା ଦିଆଯାଇଥିଲା। ମାତ୍ର ତହିଁରେ ଲାଗିଥିବା ଓଡ଼ିଶା ସରକାରଙ୍କ ଲୋଗୋକୁ ବିକୃତ କରାଯାଇଥିବା ଦେଖାଯାଇଥିଲା। ଓଡ଼ିଆରେ ଲେଖାଥିବା ଓଡ଼ିଶା ଶାସନକୁ ଅତ୍ୟନ୍ତ କଦର୍ଯ୍ୟ କରାଯାଇଥିବାରୁ କେଉଁ ଭାଷାରେ ଓ କ'ଣ ଲେଖା ହୋଇଛି, ତାହା ବୁଝିବା କାଠିକର ହୋଇଥିଲା। ଅନୁରୂପ ଭାବେ ହିନ୍ଦୀରେ ଲିଖିତ ଓଡ଼ିଶା ଶାସନକୁ ମଧ୍ୟ କଦର୍ଯ୍ୟ କରାଯାଇଥିଲା। ଅଶୋକ ସ୍ତମ୍ଭର ମଧ୍ୟ ଭାଗ ଅଦୃଶ୍ୟ ହୋଇଯିବା ସହ ମଧ୍ୟ ଭାଗରେ ଥିବା ଓଡ଼ିଶାର ଅନନ୍ୟ ଐତିହ୍ୟ କୋଣାର୍କ ଘୋଡ଼ାକୁ ମଧ୍ୟ ଭୂତ ସଜାଇ ଦିଆଯାଇଥିଲା। କେବଳ ଏହି ଗୋଟିଏ ପୋଷ୍ଟରେ ନୁହେଁ; ବରଂ ଏହା ପୂର୍ବରୁ ଗ୍ରୀନ୍ ଏନର୍ଜିକୁ ନେଇ କରାଯାଇଥିବା ଅନ୍ୟ ଏକ ପୋଷ୍ଟରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ରାଜ୍ୟର ଉଚ୍ଚଶିକ୍ଷା ବିଭାଗ ପରି ଦାୟିତ୍ୱସମ୍ପନ୍ନ ବିଭାଗ ଦ୍ୱାରା ଏପରି ତ୍ରୁଟିକୁ ନେଇ ଛାତ୍ରଛାତ୍ରୀ ଓ ସୋସିଆଲ୍ ମିଡିଆ ୟୁଜରମାନେ କଡ଼ା ଭାଷାରେ ଭର୍ତ୍ସନା କରିଥିଲେ। ରାଜ୍ୟର ଐତିହ ଓ ସଂସ୍କୃତି ପ୍ରତି ସରକାରଙ୍କ ଏହା କି ପ୍ରକାର ସମ୍ମାନ ବୋଲି ଅନେକ ପ୍ରଶ୍ନ କରିଥିଲେ। ସେହିପରି ରାଜ୍ୟ ପ୍ରତୀକକୁ ଉଚ୍ଚଶିକ୍ଷା ବିଭାଗ ଅସମ୍ମାନ କରିଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଉଠିଛି। କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଓଡ଼ିଆ ଭାଷା ଓ ସଂସ୍କୃତିକୁ କଦର୍ଥ କରିବାକୁ ପ୍ରାୟ ସମସ୍ତ ୟୁଜର ନାପସନ୍ଦ କରିଛନ୍ତି।

ଉଚ୍ଚ ଶିକ୍ଷା ବିଭାଗର ଏହି କାରନାମା ରାତାରାତି ଭାଇରାଲ୍ ହେବା ସହ ଜାତୀୟ ସ୍ତରରେ ପ୍ରମୁଖ ଖବର ପାଲଟିଥିଲା। ପୋଷ୍ଟର କମେଣ୍ଟରେ ତୀବ୍ର ଭର୍ତ୍ସନା ପରେ ଆଜି ସକାଳୁ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାକୁ ସ୍ୱୀକାର କରାଯାଇଛି। ଏପରିକି ତ୍ରୁଟିକୁ ସାମ୍ନାକୁ ଆଣିଥିବାରୁ ୟୁଜରଙ୍କୁ ଧନ୍ୟବାଦ ମଧ୍ୟ ଦିଆଯାଇଛି। ମାତ୍ର ୟୁଜରଙ୍କୁ ଏହା ଶାନ୍ତ କରିବା ପରିବର୍ତ୍ତେ ଅଧିକ ଉତ୍ତେଜିତ କରିଥିବା ପ୍ରତୀୟମାନ ହେଉଛି। ଗୁରୁଚଣ୍ଡାଳ ଦୋଷ କରି କ୍ଷମା ମାଗିଲେ ଗ୍ରହଣୀୟ ନୁହେଁ ବୋଲି କହିବା ସହ ୟୁଜରମାନେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଏପରି ବେପାରୁଆ କାର୍ଯ୍ୟ ପରେ ଓଡ଼ିଆ ଅସ୍ମିତା କଥା କହୁଥିବା ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

■ ବାରଙ୍ଗ ହାଜତ ହିଂସା ଘଟଣା

# ବିଚାର ବିଭାଗୀୟ ତଦନ୍ତ ନ ହେବାକୁ ନେଇ କଂଗ୍ରେସର ପ୍ରଶ୍ନ

ଭୁବନେଶ୍ୱର, ୫।୬(ସମିସ): ବାରଙ୍ଗ ହାଜତ ନିର୍ଯ୍ୟାତନା ଓ ରାଜ୍ୟରେ ଉଦବେଗଜନକ ଭାବେ ବୃଦ୍ଧି ପାଉଥିବା ହାଜତ ମୃତ୍ୟୁ ମାମଲାକୁ ନେଇ ସରକାରଙ୍କ ଉପରେ ବର୍ଷିଛି କଂଗ୍ରେସ। ଶୁକ୍ରବାର ପିସିସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଡଃ ଦେବାଶିଷ ପଟ୍ଟନାୟକ ଓ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି। ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ଦାସ କହିଥିଲେ ଡବଲ ଇଞ୍ଜିନ ସରକାର ଦୁଇ ବର୍ଷର ପୂର୍ତ୍ତି ଉପଲକ୍ଷେ ରାଜ୍ୟକୁ ଉତ୍ସବମୁଖର କରିବାରେ ଲାଗିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଉତ୍ସବରେ ଯୋଗଦାନ କରିବା କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି। ରାଜ୍ୟକୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଭିତରକୁ ଠେଲି ଦେଇ ଉତ୍ସବ ପାଳନ କରିବା ଜନତାଙ୍କୁ ହତବାକ୍ କରୁଛି। ଓଡିଶାକୁ ଭିଡ଼ହିଂସା କବଳିତ କରିଯାଇଛି। ବର୍ତ୍ତମାନ ପୁଲିସ ହାଜତ ନିର୍ଯାତନା ଓ ତଦ୍‌ଜନିତ ମୃତ୍ୟୁ ରାଜ୍ୟରେ ଗଭୀର ଚିନ୍ତାର ବିଷୟ ପାଲଟିଛି। ସରକାର ଭିଆଇପି ସୁରକ୍ଷା ତଥା ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହାର କରିବା ଦ୍ୱାରା ପୁଲିସ ନିଷ୍କ୍ରିୟ ହୋଇ ପଡୁଛି। ଫଳରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଜନତାଙ୍କ ଆକ୍ରୋଶରୁ ରକ୍ଷା ପାଇବା ପାଇଁ ପୁଲିସକୁ ଏନ୍‌କାଉଣ୍ଟର କରିବା ପାଇଁ ବାଧ୍ୟ କରାଯାଉଛି ବୋଲି ଶ୍ରୀ ଦାସ କହିଛନ୍ତି।



**ଜନତାଙ୍କ ଆକ୍ରୋଶରୁ ବର୍ତ୍ତିବାକୁ ଏନ୍‌କାଉଣ୍ଟର ପାଇଁ ବାଧ୍ୟ ପୁଲିସ**

**ସ୍ଥିତି ନ ସୁଧୁରିଲେ ଦୁର୍ବାର ଆନ୍ଦୋଳନ ହେବ କହିଲା କଂଗ୍ରେସ**

ଡଃ ପଟ୍ଟନାୟକ କହିଛନ୍ତି, ସୌମ୍ୟ ହତ୍ୟା ମାମଲାଠାରୁ ତାଳଚୁଆ, କେନ୍ଦ୍ରାପଡ଼ା ଓ ବାରଙ୍ଗ ଇତ୍ୟାଦି ଘଟଣା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ବାରଙ୍ଗର ରାକେଶ ବେହେରଙ୍କୁ ବିନା କୌଣସି ପ୍ରମାଣରେ ପୁଲିସ ଥାନାରେ ଥାର୍ଡ଼ ଡିଗ୍ରୀ ଦେବା ଏବଂ ସେ ମେଡିକାଲରେ ମରଣ ସହ ସଂଘର୍ଷ କରିବା ଘଟଣାକୁ ନେଇ ସେ ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ଏହି ଘଟଣାରେ କାହିଁକି ବିଚାର ବିଭାଗୀୟ ତଦନ୍ତ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିବା ସହ ଏଚ୍‌ଆର୍‌ପିସି ଯାହା ସରକାରଙ୍କ ଦ୍ୱାରା ନିଯୁକ୍ତ ତାଙ୍କ ଦ୍ୱାରା ତଦନ୍ତ କରାଯିବାକୁ ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ସରକାର ଯଦି ଆଇନଶୃଙ୍ଖଳା ଠିକ୍ ନ କରି ପାରନ୍ତି, ତେବେ ରାଜ୍ୟରେ କଂଗ୍ରେସ ନେତୃତ୍ୱରେ ଭୟଙ୍କର ଆନ୍ଦୋଳନ ହେବ ଓ ଏହି ଆନ୍ଦୋଳନରେ ହଜାର ହଜାର ଯୁବକ ସାମିଲ ହେବେ ବୋଲି ସେ ଚେତାଇ ଦେଇଛନ୍ତି।

# ଦହିଖାଲରେ ବକ୍ସାଇଟ୍ ଡମ୍ପିଙ୍ଗ୍‌କୁ ବିରୋଧ, ଗ୍ରାମବାସୀଙ୍କ ଧାରଣା



ମୁନିଗୁଡା, ୫।୬(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଅନ୍ତର୍ଗତ ଦହିଖାଲ ଗ୍ରାମରେ ବକ୍ସାଇଟ୍ ଡମ୍ପିଙ୍ଗ୍‌କୁ ବିରୋଧ କରି ଗ୍ରାମବାସୀମାନେ ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ, ପରିବେଶ ଓ ଜନଜୀବନ ସୁରକ୍ଷା ଦାବିରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନକୁ ମୁନିଗୁଡା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ନୈତିକ ସମର୍ଥନ ଜଣାଯାଇଛି। ଆନ୍ଦୋଳନକାରୀମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମ ନିକଟରେ ବକ୍ସାଇଟ୍ ଡମ୍ପିଙ୍ଗ୍ ହେବା ଫଳରେ ପରିବେଶ ପ୍ରଦୂଷଣ ବଢ଼ିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ଓ ଦୈନନ୍ଦିନ ଜୀବନ ଉପରେ କୁପ୍ରଭାବ ପଡୁଛି। ଏଥିସହ ଅଞ୍ଚଳର ଜଳ, ବାୟୁ ଓ କୃଷିଜମି ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଉଛି। ଗ୍ରାମବାସୀମାନେ ବକ୍ସାଇଟ୍ ଡମ୍ପିଙ୍ଗ୍ ତୁରନ୍ତ ବନ୍ଦ କରିବା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ପ୍ରଶାସନ ଘଟଣାରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ କରିବାକୁ ଦାବି କରିଛନ୍ତି। ମୁନିଗୁଡା ବ୍ଲକ୍ କଂଗ୍ରେସ କମିଟିର ନେତୃବୃନ୍ଦ ଆନ୍ଦୋଳନ ସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ସେମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ଲୋକଙ୍କ ସ୍ୱାର୍ଥ ଓ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ଗଣ ଧାରଣାରେ ଶିବପଦର ପଞ୍ଚାୟତ କଂଗ୍ରେସ ସଭାପତି ରାଧା ମୋହନ ଟାକ୍ରି , ଉପ ସଭାପତି ଗୋପାଳ କୃଷ୍ଣ ମାଝୀ, ସୁବାସ ପତାଲି, ରାମଗୋଗି, ଦଶରଥ ସୁନାନୀ, ଭୀମରାଜ ସିକୋକା , ଆତ୍ମାରାମ, ଚକ୍ରପାଣି ଡାଁମ୍ବେସି, ନକୁଳ ଡାଁମ୍ବେସି, ବାରିକ ମାଝୀ , ନିୟମଗିରି ସୁରକ୍ଷା ସମିତି ଲଦ ସିକୋକା ପ୍ରମୁଖ ଯୋଗ ଦେଇଥିବା ବେଳେ ୧୦ଖଣ୍ଡ ଗ୍ରାମର ଲୋକେ ସମର୍ଥନ କରିଛନ୍ତି।

# ମାଥିଲି ଲ୍ୟାମ୍ପସରେ କୋଟି କୋଟି ଟଙ୍କାର ଆର୍ଥିକ ଅନିୟମିତତା !

ମାଥିଲି, ୫।୬ (ସମିସ):



ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ)ରେ ବ୍ୟାପକ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ବରିଷ୍ଠ ଆଦିବାସୀ ନେତା ତଥା ପୂର୍ବତନ ଉଚ୍ଚ ପୁଲିସ ଅଧିକାରୀ ଶରତ ଚନ୍ଦ୍ର ବୁରୁଦା ଶୁକ୍ରବାର ନିଜ ବଳଦିଆଗୁଡାସ୍ଥିତ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଉଠାଇଛନ୍ତି। ତାଙ୍କ କହିବାନୁସାରେ, ମାଥିଲି ଲ୍ୟାମ୍ପସର ଏସବିଟି ଆକାଉଣ୍ଟରେ ପ୍ରାୟ ୧୮ ହଜାରରୁ ଅଧିକ ବୈଧ ହିତାଧିକାରୀ ରହିଥିବା ବେଳେ ସେଥିରେ ୩୪ଟି ବେନାମୀ ବା ଭୂତ ଆକାଉଣ୍ଟ ସାମିଲ କରାଯାଇଥିବା ଚିହ୍ନଟ ହୋଇଛି। ଏହି ଆକାଉଣ୍ଟଗୁଡ଼ିକରେ ଆକାଉଣ୍ଟଧାରୀଙ୍କ ସଠିକ୍ ନାମ, ଠିକଣା କିମ୍ବା ପରିଚୟ ସମ୍ପର୍କିତ ସୂଚନା ନଥିବାରୁ ଏଗୁଡ଼ିକୁ ସନ୍ଦେହଜନକ ବୋଲି କୁହାଯାଉଛି। ଶ୍ରୀ ବୁରୁଦା ଦାବି କରିଛନ୍ତି ଯେ ପ୍ରାଥମିକ ତଦନ୍ତରେ ୪ ଜଣ ବେନାମୀ ହିତାଧିକାରୀଙ୍କ ନାମ ସାମ୍ନାକୁ ଆସିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେମାନେ ହେଲେ କିରଣ କୁମାର ଜେନା, ବିଜୟ ସମରଥ, ଏମ୍. ଅରୁଣା ରାଓ ଓ ଏମ୍. ଗୀତା। ଏହି ୪ଟି ଆକାଉଣ୍ଟ ମାଧ୍ୟମରେ ୧୮ ଲକ୍ଷ ଟଙ୍କାରୁ ଅଧିକ ରାଶି ହେରଫେର ହୋଇଥିବା ଅଭିଯୋଗ କରାଯାଇଛି ତାଙ୍କ ମତରେ, ଯଦି କେବଳ ୪ଟି ଆକାଉଣ୍ଟରେ ଏତେ ପରିମାଣର ଅର୍ଥ ହେରଫେର ହୋଇଥାଏ, ତେବେ ଅବଶିଷ୍ଟ ୩୦ଟି ବେନାମୀ ଆକାଉଣ୍ଟର ସଠିକ୍ ତଦନ୍ତ କରାଗଲେ ଏହି ଦୁର୍ନୀତିର ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିପାରେ। ସାମ୍ବାଦିକ ସମ୍ମିଳନୀରେ ସେ ଆହୁରି କହିଥିଲେ ଯେ ଏହି ଆର୍ଥିକ ଅନିୟମିତତା ଫଳରେ ଲ୍ୟାମ୍ପସର ଆର୍ଥିକ ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ବର୍ତ୍ତମାନ ସମିତିର କରେଣ୍ଟ ଆକାଉଣ୍ଟରେ ମାତ୍ର ୨ ଲକ୍ଷ ଟଙ୍କା ବଳକା ଥିବା ବେଳେ କର୍ମଚାରୀଙ୍କ ଦରମା ବାବଦରେ ପ୍ରତିମାସ ପ୍ରାୟ ୪ ଲକ୍ଷ ଟଙ୍କା ଆବଶ୍ୟକ ହେଉଛି। ଫଳରେ ଗତ ୩ ମାସ ଧରି ଲ୍ୟାମ୍ପସର କର୍ମଚାରୀମାନେ ଦରମା ପାଇନାହାନ୍ତି ଏବଂ ଆର୍ଥିକ ସଙ୍କଟ ଭିତରେ ଦିନ କାଟୁଛନ୍ତି। ଏହି ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହା ସହ ଚାଷୀ ମାନଙ୍କ ଜମା ଅର୍ଥର ସୁରକ୍ଷା ଏବଂ କର୍ମଚାରୀଙ୍କ ବକେୟା ଦରମା ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନ ଓ ସମବାୟ ବିଭାଗ ନିକଟରେ ଅନୁରୋଧ କରିଛନ୍ତି। ତେବେ ଏହି ସମସ୍ତ ଅଭିଯୋଗ ସମ୍ପର୍କରେ ଲ୍ୟାମ୍ପସ କର୍ତ୍ତୃପକ୍ଷ କିମ୍ବା ସମ୍ପୃକ୍ତ ବିଭାଗର ପ୍ରତିକ୍ରିୟା ମିଳି ପାରି ନାହିଁ। ଅଭିଯୋଗ ଗୁଡ଼ିକର ସତ୍ୟତା ସମ୍ପର୍କରେ ସରକାରୀ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

> ୩୪ ବେନାମୀ ଆକାଉଣ୍ଟ ଚିହ୍ନଟ
> ୩ ମାସ ହେଲା କର୍ମଚାରୀଙ୍କୁ ମିଳିନି ଦରମା

■ ରାୟଗଡ ଡିଭିଜନରେ ଆମ୍ବଦଳା ଷ୍ଟେସନକୁ ସାମିଲ ଦାବି

# ରେଳମନ୍ତ୍ରୀଙ୍କୁ ନାଗରିକ କମିଟିର ଦାବିପତ୍ର



ମୁନିଗୁଡା, ୫।୬(ସମିସ ): ନବଗଠିତ ରାୟଗଡ଼ା ରେଳ ଡିଭିଜନରେ ଆମ୍ବଦଳା ରେଳ ଷ୍ଟେସନକୁ ସାମିଲ କରିବା ଦାବିରେ ଆମ୍ବଦଳା ସିଟିଜେନ କମିଟି ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆମ୍ବଦଳା ଷ୍ଟେସନ ମାଧ୍ୟମରେ ପ୍ରେରିତ ଏହି ଦାବିପତ୍ରରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାୟଗଡ଼ାକୁ ନୂତନ ରେଳ ଡିଭିଜନ ଭାବେ ଘୋଷଣା କରାଯିବା ଏବଂ ତାହାର କାର୍ଯ୍ୟକ୍ଷମତା ଆରମ୍ଭ ହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଅବହେଳିତ ଅଞ୍ଚଳଗୁଡ଼ିକରେ ରେଳ ସଂଯୋଗ ଓ ବିକାଶକୁ ତ୍ୱରାନ୍ୱିତ କରିବ। କିନ୍ତୁ ଆମ୍ବଦଳା ରେଳ ଷ୍ଟେସନକୁ ଏହି ଡିଭିଜନରେ ସାମିଲ ନ କରାଯିବା ଅଞ୍ଚଳବାସୀଙ୍କୁ ନିରାଶ କରିଛି। କମିଟି ପକ୍ଷରୁ କୁହାଯାଇଛି ଯେ, ଆମ୍ବଦଳା ରାୟଗଡ଼ା ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ହୋଇଥିବାବେଳେ ଏହା ରାୟଗଡ଼ା ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ୭୯ କିଲୋମିଟର ଦୂରରେ ଅବସ୍ଥିତ। ଶିକ୍ଷା, ଚାକିରି ଓ ବିଭିନ୍ନ ପ୍ରଶାସନିକ କାର୍ଯ୍ୟ ପାଇଁ ଏହି ଅଞ୍ଚଳର ଲୋକମାନେ ନିୟମିତ ଭାବେ ରାୟଗଡ଼ା ଯାତାୟାତ କରୁଛନ୍ତି। ତେଣୁ ଆମ୍ବଦଳା ଷ୍ଟେସନ ରାୟଗଡ଼ା ରେଳ ଡିଭିଜନ ଅଧୀନରେ ରହିଲେ ଲୋକମାନେ ଅଧିକ ସୁବିଧା ପାଇପାରିବେ। ବର୍ତ୍ତମାନ ଆମ୍ବଦଳା ଷ୍ଟେସନ ସମ୍ବଲପୁର ରେଳ ଡିଭିଜନ ଅଧୀନରେ ରହିଥିବାବେଳେ ଏହା ଦୂରତା ଦୃଷ୍ଟିରୁ ଅସୁବିଧାଜନକ ବୋଲି ଦାବି କରାଯାଇଛି। ରାୟଗଡ଼ା ଜିଲ୍ଲାରେ ଥିବା ସତ୍ତ୍ୱେ ଏହି ଅଞ୍ଚଳ ରେଳ ବିକାଶ କ୍ଷେତ୍ରରେ ଅବହେଳିତ ହେଉଥିବା ଅଭିଯୋଗ ମଧ୍ୟ କରାଯାଇଛି। ତେଣୁ ଅଞ୍ଚଳବାସୀଙ୍କ ସୁବିଧା, ଉନ୍ନତ ରେଳ ସଂଯୋଗ ଏବଂ ସମନ୍ୱିତ ରେଳ ପ୍ରଶାସନକୁ ଦୃଷ୍ଟିରେ ରଖି ଆମ୍ବଦଳା ରେଳ ଷ୍ଟେସନକୁ ରାୟଗଡ଼ା ରେଳ ଡିଭିଜନରେ ସାମିଲ କରିବା ପାଇଁ ନାଗରିକ କମିଟି ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛି।

# ନିଲାବାଡ଼ି ଗ୍ରାମରେ ଘୁଷୁରି ମଡ଼କ ନେଇ ଗୁଜବ



ବନ୍ଧୁଗାଁ ,୫।୬ (ସମିସ): ବନ୍ଧୁଗାଁ ବ୍ଲକ ନିଲାବାଡ଼ି ପଞ୍ଚାୟତ ସଦର ଗ୍ରାମରେ ଘୁଷୁରି ମଡ଼କକୁ ନେଇ ମିଥ୍ୟା ଖବର ପ୍ରଚାରିତ ହୋଇଛି। ଏହାକୁ ନେଇ ପ୍ରାଣୀ ଚିକିତ୍ସାଳୟର ସମସ୍ତ ଷ୍ଟାଫ ଗ୍ରାମରେ ପହଞ୍ଚିବା ପରେ କାହାରି ମଧ୍ୟ ଘୁଷୁରି ମୃତ୍ୟୁ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ବହୁ ଦିନ ତଳେ କାହାର ଦୁଇଟି ଘୁଷୁରି ମୃତ୍ୟୁ ହୋଇଥିଲା। ସେହି ପୁରୁଣା ଖବରକୁ ନେଇ ଖବର ପ୍ରସାରଣ ହୋଇ ଥିଲା। କିଏ ଜଣେ ଘୁଷୁରି ମୃତ୍ୟୁ ହୋଇଥିବା କହିଲେ ତାଙ୍କୁ ଟଙ୍କା ମିଳିବ ବୋଲି କହିବାରୁ ଏଭଳି କଥା ଉଠିଥିଲା। ଏହାକୁ ନେଇ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ମୁକ୍ତି କାନ୍ତ ସେଠୀଙ୍କୁ ଫୋନ କରିବାରୁ ଘୁଷୁରି ମୃତ୍ୟୁ ହୋଇ ନାହିଁ, ଏହା ପୁରୁଣା ଖବର ଛପା ଯାଇଛି। ଆଜି ତାଙ୍କ ଟିମ ଯାଇଥିଲେ, ପୁଣି ଆସନ୍ତା କାଲି ଗାଁରେ କ୍ୟାମ୍ପ୍ କରାଯିବ ବୋଲି ସେ କହିଛନ୍ତି।

# ତୁରୁଞ୍ଜି ପ୍ରାଥମିକ ବିଦ୍ୟାଳୟରୁ ଚୋରି,୨ ଗିରଫ

ନନ୍ଦାହାଣ୍ଡି, ୫।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ତୁରୁଞ୍ଜି(ବଡ଼ଗାଁ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ମେ ମାସ ୧୧ ତାରିଖ ରାତିରେ ଚୋରି ହୋଇଥିଲା। ଚୋରି ଘଟଣାର ଦ୍ୱିତୀୟ ଦିନ ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକଙ୍କ ଦ୍ୱାରା ତେନ୍ତୁଳିଖୁଣ୍ଟି ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲେ । ପ୍ରାୟ କୋଡ଼ିଏ ଦିନ ପରେ ଦୁଇ ଜଣ ସନ୍ଦିଗ୍ଧଙ୍କୁ ଠାବ କରିବା ସହ ଚୋରି ସାମଗ୍ରୀ ମଧ୍ୟ ଜବତ କରିବାରେ ସକ୍ଷମ ହୋଇଥିଲା ପୁଲିସ। ଉଲ୍ଲେଖଯୋଗ୍ୟ ଯେ, ୫୬ ଇଞ୍ଚର ଏକ ସ୍ମାର୍ଟ ଟିଭି ଓ ଏକ ପ୍ରିଣ୍ଟର



ମେସିନ ଚୋରି ହୋଇଥିଲା। ପୁଲିସ ତୁରୁଞ୍ଜି(ବଡ଼ଗାଁ) ନିକଟବର୍ତ୍ତୀ ଡମୁନାୟକଗୁଡାର ଦୁଇ ଜଣ ସନ୍ଦିଗ୍ଧଙ୍କୁ ଗତକାଲି ରାତିରେ ତାଙ୍କ ଘରୁ ଉଠାଇ ଆଣିଥିଲା। ଉକ୍ତ ଦୁଇ ସନ୍ଦିଗ୍ଧ ଜଣ ହେଲେ ପ୍ରଫୁଲ୍ଲ ଗୌଡ଼(୨୨), ପିତା ଈଶ୍ୱର ଗୌଡ଼ ଓ ବନ୍ଧୁ (ଏ କାପୂଲ୍) ହରିଜନ(୧୮) ପିତା ଘାସିରାମ ହରିଜନ। ଉଭୟଙ୍କ ନାଁରେ ୧୨୮/୨୬ ସଂଖ୍ୟାରେ କେସ ଦାଏର କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ନାଁରେ ୩୩୧(୪), ୩୦୫(କ) ଓ ୩(୫) ବିଏନଆର ଧାରାରେ ମାମଲା ରୁଜୁ କରାଯାଇଛି। ପୁଲିସର ସୂଚନା ମୁତାବକ ଚୋରି କରିଥିବା ଜିନିଷକୁ ରାତିରେ ଏକ ଜଙ୍ଗଲ ମଧ୍ୟରେ ରଖିଥିଲେ ଏବଂ ପରେ ଏକ ଅଟୋ ଯୋଗେ ଘରକୁ ନେଇଥିଲେ। ଏବେ ପୁଲିସ ଚୋରକୁ ଧରିବା ସହ ଉକ୍ତ ଚୋରି ସାମଗ୍ରୀକୁ ଉଦ୍ଧାର କରି ପାରିଥିଲା। ଏଏସଆଇ ଭରତ ମାଝୀ ଏହି ଘଟଣାର ତଦନ୍ତ ଭାର ନେଇଥିବା ବେଳେ ଘଟଣାର ଅଧିକ ତଦନ୍ତ ପାଇଁ ଜାରି ରହିଥିବା ସୂଚନା ଦେଇଛନ୍ତି।

# କୁମ୍ଭିକୋଟାର ପାନୀୟ ଜଳ ସମସ୍ୟାର ସମାଧାନ

## ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ



ରାୟଗଡ଼,୫।୬(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମରେ ଆଜି ଦେଖାଦେଇଥିବା ପାନୀୟ ଜଳ ସମସ୍ୟାର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ ସମାଧାନ କରାଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏସଡ଼ିଓ) ମନୋଜ ନାୟକ, ରାୟଗଡ଼ ବ୍ଲକର ଏବିଡିଓ କାଳୁଚରଣ ନାୟକ, ଆରଡବ୍ଲୁଏସଏସ ଜେଇ ଅଜିତ ମିଶ୍ର ଏବଂ ଏଇ ସୁଶ୍ରୀ ଦୀପ୍ତି ସକ୍ରିୟ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହି ପାନୀୟ ଜଳ ସମସ୍ୟାର ତ୍ୱରିତ ସମାଧାନ ପାଇଁ କାର୍ଯ୍ୟ କରିଥିଲେ। ପାନୀୟ ଜଳ ଯୋଗାଣକୁ ତୁରନ୍ତ ସ୍ୱାଭାବିକ କରିବା ପାଇଁ ଜଳ ଟ୍ୟାଙ୍କର ନିୟୋଜିତ କରାଯିବା ସହ ଡିଜି ସେଟ୍ ମାଧ୍ୟମରେ ଜଳ ଉତ୍ତୋଳନ ବ୍ୟବସ୍ଥା କରାଯାଇଥିଲା। ସେହିପରି ଜଳ ଉତ୍ସର ଆବଶ୍ୟକ ମରାମତି ଓ ସଫେଇ କାର୍ଯ୍ୟ ପାଇଁ ଜେସିବି ନିୟୋଜିତ କରାଯାଇଥିବା ବେଳେ ଦୀର୍ଘମିଆଦୀ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୋରୱେଲ ଖନନ ଯାନ ମଧ୍ୟ ନିୟୋଜିତ କରାଯାଇଥିଲା। ଫଳରେ ଗ୍ରାମରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା ଏବଂ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିଥିଲା। ପ୍ରଶାସନର ଏହି ତ୍ୱରିତ ଓ ଫଳପ୍ରଦ ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିବା ସହ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ଜଣାଇଥିଲେ। ସମସ୍ୟାର ସମାଧାନ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା ଏବଂ କୋରାପୁଟରାୟଗଡ଼ ମୁଖ୍ୟ ସଡ଼କରେ ଯାତାୟାତ ପୁନର୍ବାର ସୁଚାରୁ ଭାବେ ଚାଲିଥିଲା।

# ଭତ୍ତା ପାଇଁ ବିଡିଓଙ୍କ ଦ୍ୱାରସ୍ଥ ହିତାଧିକାରୀ




କୁନ୍ଦୁରା, ୫।୬(ସମିସ): କୁନ୍ଦୁରା ବ୍ଲକରେ ୩ ମାସ ହେବ ମିଳୁନି ଭତ୍ତା। ଭତ୍ତା ନ ପାଇ ହିତାଧିକାରୀ ହନ୍ତସନ୍ତ। ଦୌଡି ଦୌଡି ନୟାନ୍ତ ହେଲେଣି ବୃଦ୍ଧ ବୃଦ୍ଧା। ହିତାଧିକାରୀଙ୍କୁ ମିଳୁନି ସନ୍ତୋଷଜନକ ଉତ୍ତର। ଶେଷରେ ଆଜି ବାଧ ହୋଇ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ଶତାଧିକ ଭତ୍ତା ହିତାଧିକାରୀ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଡିଓଙ୍କୁ ଘେରିଛନ୍ତି। ବିଡିଓଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କୁନ୍ଦୁରା ବିଡ଼ିଓ ଦାବିପତ୍ର ଗ୍ରହଣ କରିବା ସହ ଅତି ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ଆଶ୍ୱାସନା ଦେଇଛନ୍ତି । କିଏ ତିନି ମାସ ହେବ ପାଇନାହିଁ ତ ଆଉ କିଏ ଦୁଇ ମାସ ହେବ ଭତ୍ତା ଟଙ୍କାରୁ ବଞ୍ଚିତ। ପଞ୍ଚାୟତରୁ ବ୍ଲକ୍, ବ୍ଲକ୍‌ରୁ ବ୍ୟାଙ୍କ୍‌କୁ ଦୌଡି ଦୌଡି ନୟାନ୍ତ ହେଲେଣି ହିତାଧିକାରୀ। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ସୂଚନା ଅନୁଯାୟୀ, ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ତଥା ପେନ୍‌ସନ୍ ଯୋଜନାରେ କୁନ୍ଦୁରା ବ୍ଲକରେ ବୃଦ୍ଧ ବୃଦ୍ଧା, ଦିବ୍ୟାଙ୍ଗ, ଅବିବାହିତ, ବିଧବା ସମେତ ପ୍ରାୟ ଦଶ ହଜାର ୬ ଶହ ୮୩ ହିତାଧିକାରୀ ସରକାରୀ ସହାୟତା ପାଇଥାନ୍ତି । ଏହି ସମସ୍ତ ହିତାଧିକାରୀଙ୍କ ନିମନ୍ତେ ପ୍ରାୟ ଏକ କୋଟି ଟଙ୍କା ସହାୟତା ରାଶି ଆସୁଛି । ସେଥି ମଧ୍ୟରୁ ପ୍ରାୟ ପାଞ୍ଚ ହଜାର ୬୩ ହିତାଧିକାରୀ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଟଙ୍କା ପାଉଛନ୍ତି । ଯାହାକି ଏବେ ୩ ମାସ ହେବ ବନ୍ଦ ରହିଛି। କୁନ୍ଦୁରା ବ୍ଲକରେ ପ୍ରାୟ ୫୦୬୩ ହିତାଧିକାରୀ ଭତ୍ତା ଟଙ୍କା ନ ପାଇ ହନ୍ତସନ୍ତ ହେଉଛନ୍ତି।

# 'ଆପ୍'ର ସଦସ୍ୟତା ଅଭିଯାନ ଆରମ୍ଭ

ରାୟଗଡ,୫।୬(ସମିସ): ଚଳିତ ଜୁନ ୧ ତାରିଖରୁ ଆସନ୍ତା ୧୫ ତାରିଖ ଯାଏଁ ୧୫ ଦିନ ଧରି ରାୟଗଡ ଜିଲ୍ଲା ଆମ୍ ଆଦ୍‌ମି ପାର୍ଟି (ଆପ୍)ର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଆଜି ରାୟଗଡା ସହର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଗଠନ ସଂପାଦକ ତଥା ରାୟଗଡ ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁ ତାଙ୍କର ମତ ପ୍ରକାଶ କରିଛନ୍ତି। ଆଜି ଠାରୁ ରାୟଗଡା ଜିଲ୍ଲାର ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ,୧୮୨ ପଞ୍ଚାୟତ, ୧୧ଟି ବ୍ଲକ, ମ୍ୟୁନିସିପାଲଟି, ଏନଏସିରେ ଆପ୍ ରାୟଗଡାର ସମସ୍ତ କର୍ମକର୍ତ୍ତା ମାନେ ସଦସ୍ୟତା ଅଭିଯାନ ଆରମ୍ଭ କରିବେ। ସାମ୍ବାଦିକ ସମ୍ମିଳନୀରେ ଆପ ଆଦିବାସି ମୋର୍ଚ୍ଚା ସଭାପତି ଟି. ସଂଗନା, ସାଧୁରାମ ନାଏକ, ସୁନ୍ଦର କାଡ୍ରାକା, ସନ୍ତୋଷ ପାଇକ, ଆଜେସ ବାଚିଲି, ଜୁନେଶ କୌଶଲ୍ୟା, ବି, ଜଗଦୀଶ କୁମାର, ଏବଂ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ତେଜରାତି ଦୋକାନରୁ ଚୋରି

କୋରାପୁଟ,୫।୬(ସମିସ):କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରିପୁଟ ବସଷ୍ଟାଣ୍ଡ ସ୍ଥିତ ଦୁଇଟି ତେଜରାତି ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ବସଷ୍ଟାଣ୍ଡରେ ଥିବା ଧର୍ମେନ୍ଦ୍ର ବେହେରା ଓ ପ୍ରଫୁଲ୍ଲ କୁମାର ପୃଷ୍ଟିଙ୍କ ତାଲା ଭାଙ୍ଗି ଦୋକାନରୁ ଚାଉଳ, ଥଣ୍ଡା ପାନୀୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହ କିଛି ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ହେବ ବୋଲି ଦୁଇଜଣ ଦୋକାନୀ କହିଛନ୍ତି। ଏ ସମ୍ପର୍କରେ ଉଭୟେ ଡୁମୁରିପୁଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ଅନୁଧାନ କରୁଥିବା ଜଣାପଡ଼ିଛି।

● ମାଲକାନଗିରି ସରକାରୀ ପଲିଟେକ୍‌ନିକରେ କ୍ୟାମ୍ପସ ନିଯୁକ୍ତି

# ବିଭିନ୍ନ କମ୍ପାନୀରେ ୯୭ ଛାତ୍ରଛାତ୍ରୀ ମନୋନୀତ



ମାଲକାନଗିରି,୫।୬(ସମିସ): ମାଲକାନଗିରି ସରକାରୀ ପଲିଟେକ୍‌ନିକ୍ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଚଳିତ ବର୍ଷର କ୍ୟାମ୍ପସ ସିଲେକ୍ସନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ଅଧକ୍ଷ ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ରଙ୍କ ପ୍ରେରଣା ଏବଂ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ୟାମ୍ପସ ଡ୍ରାଇଭ୍‌ରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଦେଶର ପ୍ରତିଷ୍ଠିତ କମ୍ପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି କ୍ୟାମ୍ପସ ନିଯୁକ୍ତି ପ୍ରକ୍ରିୟାକୁ ଅନୁଷ୍ଠାନର ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ ସେଲ୍ ସଫଳତାର ସହ ପରିଚାଳନା କରିଥିଲା। ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ, କଟକ ଏବଂ ସେଣ୍ଟ୍ରାଲ ପ୍ଲେସମେଣ୍ଟ ସେଲ୍‌ର ସହଯୋଗ ଓ ମାର୍ଗଦର୍ଶନରେ ଏହି ବୃହତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ନିକଟରେ ବେଙ୍ଗାଲୁରୁ ସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କ୍ୟାମ୍ପସ ଡ୍ରାଇଭ୍‌ରେ ଅନୁଷ୍ଠାନର ୪୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାକ୍ଷାତକାର ପ୍ରକ୍ରିୟା ପରେ ୨୪ ଜଣ ଛାତ୍ରଛାତ୍ରୀ ସଫଳତାର ସହ ମନୋନୀତ ହୋଇ ନିଯୁକ୍ତି ପତ୍ର ପାଇଛନ୍ତି ଏହା ପୂର୍ବରୁ ଚେନ୍ନାଇ ସ୍ଥିତ ସୁବ୍ରୋସ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ପ୍ଲେସମେଣ୍ଟ ଡ୍ରାଇଭ୍‌ରେ ୪୨ ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇ ନିଯୁକ୍ତି ପତ୍ର ପାଇଥିଲେ। ସେହିପରି ପୁଣେ ସ୍ଥିତ ଫ୍ଲାସ୍ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଆୟୋଜିତ ଅନ୍ୟ ଏକ କ୍ୟାମ୍ପସ ଡ୍ରାଇଭ୍‌ରେ ୩୧ ଜଣ ଛାତ୍ରଛାତ୍ରୀ ସଫଳତାର ସହ ମନୋନୀତ ହୋଇଛନ୍ତି। ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠାନର ୯୭ ଜଣ ଛାତ୍ରଛାତ୍ରୀ ପ୍ରତିଷ୍ଠିତ ଜାତୀୟ କମ୍ପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପାଇଥିବାରୁ ଅନୁଷ୍ଠାନ ତଥା ସମଗ୍ର ଜିଲ୍ଲା ପାଇଁ ଏହା ଏକ ଗୌରବର ବିଷୟ ପାଲଟିଛି।

## ପିଇବା ପାଣି ପାଇଁ ହନ୍ତସନ୍ତ କୁମ୍ଭୀକୋଟା ଗ୍ରାମବାସୀ

# ୩୨୬ନଂ ଜାତୀୟ ରାଜପଥ ଅବରୋଧ

ରାୟଗଡ଼,୫।୬(ସମିସ): ପାନୀୟ ଜଳ ଯୋଗାଣରେ ଅବହେଳାକୁ ନେଇ ତାତିଲେ ମହିଳା। ଦୀର୍ଘଦିନ ଧରି ଅଞ୍ଚଳକୁ ପିଇବା ପାଣି ଯୋଗାଣ ହେଉ ନ ଥିବାରୁ ଆକ୍ରୋଶ ପ୍ରକାଶ କରି ୩୨୬ ନଂ ଜାତୀୟ ରାଜପଥ ରାୟଗଡା - କୋରାପୁଟର କୁମ୍ଭୀକୋଟା ଠାରେ ରାଜପଥ ଅବରୋଧ କରିଛନ୍ତି ସ୍ଥାନୀୟ ମହିଳା। ହାଣ୍ଡି, ଗରା, ବାଲଟି ଧରି ରାସ୍ତା ଉପରେ ବସି ପ୍ରତିବାଦ କରିବା ସହ ସରକାର ଓ ପ୍ରଶାସନ ବିରୋଧରେ ନାରାବାଜି କରିଛନ୍ତି। ଫଳରେ ଆଜି ସକାଳ ୮ଟାରୁ ରାୟଗଡା-କୋରାପୁଟ ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଉଭୟ ପଟେ ଶତାଧିକ ଯାନବାହନ ଅଟକି ରହିଥିଲା। ରାୟଗଡା ଏବିଡିଓ, ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରୁଛନ୍ତି। ସୂଚନା ପ୍ରକାରେ କୁମ୍ଭୀକୋଟା ଗ୍ରାମରେ ପ୍ରାୟ ୧୭୦ ରୁ ଅଧିକ ପରିବାର ରହି ଆସୁଛନ୍ତି। ଗାଁରେ ପାନୀୟ ଜଳ ସୁବିଧା ନିମନ୍ତେ ନଳକୂପ ଓ ଘରକୁ ଘର ଟ୍ୟାପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ରହିଛି।




କିନ୍ତୁ ଟାଣ ଖରାରେ ନଳକୂପରୁ ପାଣି ମାରି ଘରକୁ ବୋହି ନେବା ସମସ୍ତ ପରିବାର ପାଇଁ କଷ୍ଟସାଧ୍ୟ ହୋଇଥିବା ବେଳେ ଟ୍ୟାପ୍ ଯୋଗେ ପାନୀୟ ଜଳ ମିଳୁନାହିଁ । ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଅନ୍ୟ ଉପାୟ ନ ପାଇ ବାଧ ହୋଇ ସ୍ଥାନୀୟ ମହିଳା ମାନେ ନିକଟସ୍ଥ ନଦୀ, ଝରଣାରୁ ଚୁଆ କରି ସେଠାର ଅପରିଷ୍କାର ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଗ୍ରାମରେ ପାନୀୟ ଜଳ ଯୋଗାଣ ପାଇଁ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ବାଧ ହୋଇ ଆଜି ରାଜପଥ ଅବରୋଧ କରିଥିବା କହିଛନ୍ତି ମହିଳା ମାନେ। ଘଟଣାସ୍ଥଳରେ ରାୟଗଡ ଏବିଡ଼ିଓ କାଳୁ ଚରଣ ନାୟକ, ଆଇଆଇସି ପ୍ରସନ୍ନ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ମହିଳାଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ ହଟିଥିଲା। ତେବେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୀପ୍ତି ଏ ନେଇ ଗ୍ରାମବାସୀଙ୍କ ସହ ଆଲୋଚନା ବେଳେ ପାଣି ଉତ୍ସରେ ବିଦ୍ୟୁତ ସରବରାହ ବନ୍ଦ ରହିବା ମୁଖ୍ୟ ସମସ୍ୟା ବୋଲି ଜାଣିବାକୁ ପାଇଥିଲେ। ପରେ ବିଦ୍ୟୁତ ବିଭାଗ କର୍ମଚାରୀ ଓ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିବା ବେଳେ ଯଥାଶୀଘ୍ର ବିଦ୍ୟୁତ ସଂଯୋଗ କରାଯିବାର ପ୍ରତିଶୃତି ଦେବା ପରେ ରାସ୍ତା ରୋକ ହଟିଥିବା ବେଳେ ଆଜି ବଡ଼ ଜେନେରେଟର ମାଧ୍ୟମରେ ବିଦ୍ୟୁତ ସଂଯୋଗ ଦିଆଯାଇ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ବ୍ୟବସ୍ଥା କରାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି ।

# ଦୁଇ କାଜୁ ମିଲ୍ ମାଲିକଙ୍କୁ ଲୁଟ୍ ମାମଲା, ୫ ଅଭିଯୁକ୍ତ ଗିରଫ



ଜୟପୁର,୫।୬ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍‌ର କେବଡି ଗ୍ରାମପଞ୍ଚାୟତର ଦୋରାଗୁଡା ସ୍ଥିତ ଜଗତ୍‌ଜନନୀ କାଜୁ ମିଲର ଦୁଇ ମାଲିକ ଗତ ୩୦ ତାରିଖ ରାତି ୮ ସମୟରେ କାଜୁ ମିଲରୁ ଘରକୁ ବାଇକ୍ ଯୋଗେ ଫେରୁଥିବା ବେଳେ ରାସ୍ତାରେ ଅଟକାଇ ମାଡମାରି ସୁନା ଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟ ମାମଲାରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଏହି ମାମଲାରେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବୋରିଗୁମ୍ମା ଥାନା ଫୁଫୁଗାଁର ଆଲୋକ ହରିଜନ ଓରଫ ରମେଶ (୨୨), ସାନକେବିଡି ଗ୍ରାମର ଟୁକୁନା ହରିଜନ (୧୯), ଦଣ୍ଡସେନାଗୁଡାର ଡମ୍ବରୁଧର ମାଝି (୩୦). ଡାଙ୍ଗରା ଗ୍ରାମର ଦୈତାରୀ ହରିଜନ (୨୨) ଏବଂ ପ୍ରଫୁଲ୍ଲ ନାୟକ (୨୩)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଡାଙ୍ଗରା ଗ୍ରାମର ବାବୁଲୁ ନାୟକ ଫେରାର ରହିଛି। ସେହିପରି ଅଭିଯୁକ୍ତ ମାନେ ଲୁଟରେ ବ୍ୟବହାର କରିଥିବା ଦୁଇଟି ବାଇକ୍ (ଓଡି-୧୦ ଏବି- ୭୧୦୭ ଏବଂ ଓଡି ୧୦ ଏସି ୮୪୭୩) ଜବତ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଘଟଣାଦିନ ରାତିରେ କେବିଡି ଗ୍ରାମପଞ୍ଚାୟତର ଦୋରାଗୁଡା ସ୍ଥିତ ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଜୟପୁର ଦାଶରୀ ସାହିର କେ ଅମରନାଥ ଏବଂ ଭୂପତି ସାହିର ଏସ, ବୈକୁଣ୍ଠ କାରାକାନର କାର୍ଯ୍ୟ ବନ୍ଦ ପରେ ବାଇକ ଯୋଗେ ନିଜ ଘରକୁ ଫେରୁଥିଲେ। ଏହିପରି କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ ଜଣ ମୁଖାଧାରୀ ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ନେଇ ଜୟପୁର ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ବେଳେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିବା ଏବଂ ନୀଳଗିରି କାଠ ଏବଂ ଭାଙ୍ଗିଥିବା ଖଣ୍ଡ ହେଲମେଟ ସହିତ ଗୋଟିଏ ଗାମୁଛା ଏବଂ ନାପକିନ୍ ପୁଲିସ ଜବତ କରିଥିଲେ। ତଦନ୍ତ ବେଳେ ଅଭିଯୁକ୍ତ ଫୁଫୁ ଗାଁର ରମେଶ ହରିଜନକୁ ଗିରଫ କରିଥିଲେ। ଅଭିଯୁକ୍ତକୁ ପଚରା ଉଚରା ବେଳେ ଏହି ଘଟଣାରେ ସଂଶ୍ଳିଷ୍ଟ ଅନ୍ୟାନ୍ୟ ୪ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଏହି ଘଟଣା ଘଟାଇବାର ମାଷ୍ଟର ମାଇଣ୍ଡ କାଜୁ ମିଲର କର୍ମଚାରୀ ଦଣ୍ଡସେନାଗୁଡା ଗ୍ରାମର ଡମ୍ବରୁଧର ମାଝି ବୋଲି ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲେ। ଏହିପରି ଅଭିଯୁକ୍ତ ଗତ ୧୪ ମାସ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ ଏବଂ ୨ ହଜାର ଟଙ୍କା ଉଦ୍ଧାର ମାଲିକଙ୍କୁ ମାଗିଥିଲେ। କିନ୍ତୁ ମାଲିକମାନେ ଉଦ୍ଧାର ଦେବାକୁ ମନା କରିବାରୁ ଏହି ଲୁଟ କରିଥିବା ନେଇ ଯୋଜାନ କରିଥିବା ଅଭିଯୁକ୍ତ ମିଲ କର୍ମଚାରୀ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି। ସେହିପରି ଏହି ଲୁଟର ଅନ୍ୟତମ ଫେରାର ଅଭିଯୁକ୍ତ ବବୁଲୁ ନାୟକଙ୍କ ଭାଇ ପ୍ରଫୁଲ୍ଲ ସେମିଳିଗୁଡାରେ ଗାଡି ମେକାନିକ୍ ଭାବେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କ ଦ୍ୱାରା ସେମିଳିଗୁଡାର ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାରେ ଉକ୍ତ ଲୁଟ୍ ସୁନା ଚେନ ଏବଂ ସୁନା ମୁଦି ବନ୍ଧକ ରଖିବା ସହିତ ୪୦ ହଜାର ୮୯୧ ଟଙ୍କା ଉଠାଣ କରିଥିଲେ। ଏହି ମାମଲାର ତଦନ୍ତ ଏସ୍.ଆଇ ସିରିଶ ମହାପାତ୍ର କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିବା ବେଳେ ଅନ୍ୟତମ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

■ ଟାଇଲ୍ କଟିଂ ମେସିନକୁ ନେଇ ବଚସା

# ବିଳମ୍ବିତ ରାତ୍ରିରେ ଛୁରାମାଡ଼

ରାୟଗଡ,୫।୬(ସମିସ): ଗତକାଲି ଗୁରୁବାର ବିଳମ୍ବିତ ରାତିରେ ଟାଇଲ୍ କଟିଂ ମେସିନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ଜଣଙ୍କୁ ଛୁରା ମାଡ ହୋଇଛି । ଛୁରା ମାଡ଼ ପରେ ଗୁରୁତର ଅବସ୍ଥାରେ ରାୟଗଡ଼ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ବିହାର ରାଜ୍ୟର ମହମ୍ମଦ ସରଫରାଜ। ସୂଚନାରୁ ଜଣାପଡିଛି ଯେ ରାୟଗଡ କସ୍ତୁରୀ ନଗର ଅଞ୍ଚଳରେ ବିହାର ରାଜ୍ୟର ବେଲା ଅଞ୍ଚଳର କିଛି ଯୁବକ ସହରରେ ରହି ଟାଇଲ କାମ କରୁଥିଲେ। ସରଫରାଜଙ୍କ ପଡୋଶୀ ମହମ୍ମଦ ସୟଦ ତାଙ୍କ ଠାରୁ ଟାଇଲ୍ କଟିଂ ମେସିନ ନେଇ ଫେରାଉ ନଥିଲେ। ଉକ୍ତ ଘଟଣାକୁ ନେଇ ସରଫରାଜ ଓ ସୟଦ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସୟଦ ଛୁରୀରେ ଶରୀରର ବିଭିନ୍ନ ସ୍ଥାନରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ସରଫରାଜଙ୍କ ସହଯୋଗୀ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏ ନେଇ ରାୟଗଡା ଥାନାରେ ସୂଚନା ଦେବା ପରେ ରାୟଗଡ ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛ।



# ନୂଆ ମେଡିକାଲ୍ ବିଲ୍ଡିଂରେ ଆରମ୍ଭ ହେଲା ରୋଗୀ ସେବା

ଅମ୍ବାଦଳା,୫।୬(ସମିସ): ଅମ୍ବାଦଳାରେ ସ୍ୱାସ୍ଥ୍ୟକେନ୍ଦ୍ର ଭବନ ନିର୍ମାଣ ଶେଷ ହୋଇ ହସ୍ତାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ରୋଗୀ ସେବା ଆରମ୍ଭ ହୋଇନଥିଲା। ଏ ନେଇ "ସକାଳ" ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରି ନୂତନ ଭବନରେ ସ୍ୱାସ୍ଥ୍ୟସେବା ଆରମ୍ଭ କରିଛି। ଗୁରୁବାର ସକାଳେ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ନୂତନ ଭବନରେ ଓପିଡି ସେବା ଆରମ୍ଭ ହୋଇଥିଲା। ଏହା ଫଳରେ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାବେଳେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆଶ୍ୱସ୍ତହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ର ଭବନରେ ସ୍ଥାନାଭାବ ଓ ଆବଶ୍ୟକ ସୁବିଧାର ଅଭାବ ଯୋଗୁଁ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ନୂତନ ଭବନରେ ପ୍ରଶସ୍ତ କକ୍ଷ, ଅପେକ୍ଷାକୃତ ଭଲ ପରିବେଶ ଓ ଉନ୍ନତ ସୁବିଧା ଉପଲବ୍ଧ ହୋଇଥିବାରୁ ଚିକିତ୍ସା ସେବା ଅଧିକ ସୁଚାରୁ ଭାବେ ପ୍ରଦାନ କରାଯାଇପାରିବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ନୂତନ ଭବନରେ ରୋଗୀ ସେବା ଆରମ୍ଭ ହେବା ପରେ ଅମ୍ବାଦଳା ଓ ଆଖପାଖ ଅଞ୍ଚଳର ଲୋକମାନେ ଖୁସି ବ୍ୟକ୍ତ କରିବା ସହ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।



'ସକାଳ' ପ୍ରଭାବ

# ଅଧିକାରୀଙ୍କ କୃଷି ଉତ୍ପାଦନ ଗୁଚ୍ଛ ପରିଦର୍ଶନ



କୋଷାଗୁମୁଡ଼ା,୫।୬(ସମିସ): ଆଜି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଛଛାଣକଟ ଏବଂ ପୂଜାରୀଗୁଡା ଠାରେ ଥିବା କୃଷି ଉତ୍ପାଦନ ଗୁଚ୍ଛ ପରିଦର୍ଶନ କରିଛନ୍ତି କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ । ଜୈବିକ ପଦ୍ଧତିରେ କୃଷି ଉତ୍ପାଦନକୁ ଦୁଇ ଗୁଣିତ କରିବା ସହ ମାର୍କେଟିଙ୍ଗ ଲିଙ୍କେଜ କରିବା ସହ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ମତ ଦେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ। ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ମତ୍ସ୍ୟ ବିଭାଗ, ଏପିସି, ଆରସିଡିସି, ପ୍ରଦାନ ମିଳିତ ସହାଭାଗିତାରେ ମହିଳାଙ୍କୁ କୃଷି ମାଧ୍ୟମରେ ସଶକ୍ତ ସ୍ୱାବଲମ୍ବୀ କରାଯାଉଛି। ଛଛାଣକଟ ଠାରେ ପିଜି ଗ୍ରୁପର ମହିଳା ମାନେ ପ୍ରାୟ ୨୫ ଏକରରେ ବାଇଗଣ ଚାଷ କରି ସ୍ୱବଲମ୍ବୀ ହୋଇପାରିଛନ୍ତି। ସେହିପରି ପୂଜାରୀଗୁଡା ଗ୍ରାମରେ ପିଜି ଗ୍ରୁପର ମହିଳା ମାନେ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ତଥା ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଉଭୟ ଦୁଇ ଗ୍ରାମର ଗ୍ରୁପ ର ମହିଳା ମାନଙ୍କୁ ନେଇ ପୃଥକ ପୃଥକ ବୈଠକ କରିବା ସହ ଆଗକୁ କିପରି ଅଧିକ ମାତ୍ରାରେ ନିଜ ରୋଜଗାରକୁ ବଢାଇବା ସହ ମାର୍କେଟିଙ୍ଗ ଲିଂକେଜ କରାଯିବ ସେ ନେଇ ଆଲୋଚନ ହୋଇଥିଲା । ସମସ୍ତ ଅଧିକାରୀ ଚାଷ କରିଥିବା ଜମିକୁ ପରିଦର୍ଶନ କରିବା ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ତ ଚାଷ କେବଳ ଜୈବିକ ପଦ୍ଧତିରେ ହିଁ କରାଯାଇଛି, ଜୈବିକ ଚାଷ ନିଜେ ତିଆରି କରିବା ସହ କିପରି ପ୍ରୟୋଗ କରିଛନ୍ତି ମହିଳା ମାନେ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ତଥା ଚାଷୀଙ୍କୁ ଚାଷରେ ଦୁଇ ଗୁଣିତ କରିବ। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ରବି ଶଙ୍କର ପଣ୍ଡା, ବ୍ଲକ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଯାନୀ, ବ୍ଲକ ପ୍ରାଣୀ ଚିକିତ୍ସକ ପ୍ରିତମ ଦିବେଦୀ, ସହକାରୀ ମତ୍ସ୍ୟ ଅଧିକାରୀ ନିପ୍ରବର ରାଉତ, ଆରସିଡିସି ରିଜିଅନାଲ ମ୍ୟନେଜର କେଶବ ଚନ୍ଦ୍ର ଦାସ, ପ୍ରଦାନ ରିଜିଓନାଲ ମେନେଜର ଭାସ୍କର ବରା ସମେତ ପିଜି ଗ୍ରୁପର ସମସ୍ତ ମହିଳା ଉପସ୍ଥିତ ରହିଥିଲେ।

# କୃଷି ଜନଗଣନା ନେଇ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ




ନବରଙ୍ଗପୁର,୫।୬(ସମିସ): ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ଚନ୍ଦ୍ର ବର୍ମନଙ୍କ ଅଧକ୍ଷତାରେ ତୃତୀୟ ପର୍ଯ୍ୟାୟ ୧୧ ତମ କୃଷି ଜନଗଣନା ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁମୋଦନ ପରେ କେନ୍ଦ୍ର ସରକାରଙ୍କ ନିକଟକୁ କୃଷିର ଉନ୍ନତି ସକାଶେ ପ୍ରଭାବଶାଳୀ ଯୋଜନା ଓ ନୀତି ନିର୍ଦ୍ଧାରଣ ପାଇଁ ତଥ୍ୟ ପ୍ରେରଣ କରାଯିବ। ନବରଙ୍ଗପୁର ଜିଲ୍ଲାରେ କୃଷି ସମ୍ବନ୍ଧୀୟ ନିର୍ଭର ଯୋଗ୍ୟ ଓ ସମ୍ପୂର୍ଣ୍ଣ ତଥ୍ୟ ପାଇବା ପାଇଁ ୨୦୨୨-୨୩ ଆଧାର ବର୍ଷରେ ଚାଷୀଙ୍କ ସଂଖ୍ୟା, ଜମିର ଆକାର, ସାର ବ୍ୟବହାର, କୀଟନାଶକ, ଫସଲ ବୀମା, ମୃତ୍ତିକା ସ୍ୱାସ୍ଥ୍ୟ, କୃଷି ଯାନ୍ତ୍ରିକୀକରଣ, ବିହନ, ଜଳସେଚନ, ଚାଷୀଙ୍କ ଆୟ,ନାମକୁ ମାତ୍ର, କ୍ଷୁଦ୍ର, ମଧ୍ୟମ ଚାଷୀଙ୍କ ଗଣନା,ପ୍ରାଣୀ, ମତ୍ସ୍ୟ ଓ ଉଦ୍ୟାନ ଚାଷୀ, କୃଷି ଋଣ ଇତ୍ୟାଦି ଉପରେ କୃଷି ଜନଗଣନା ତୃତୀୟ ପର୍ଯ୍ୟାୟ ସର୍ଭେ ୬୭ଟି ଚିହ୍ନଟ ନମୁନା ଗ୍ରାମରେ କରାଯାଇଥିଲା। ଯାହା ୨୦୨୫ ଅକ୍ଟୋବର ୧୪ ତାରିଖରେ ସମ୍ପୂର୍ଣ୍ଣ ହୋଇଥିଲା। ଏଡିଡି ପ୍ଲାନିଙ୍ଗ ଐଶ୍ୱର୍ଯ୍ୟ ଭଞ୍ଜ ସଭା ପରିଚାଳନା ସହ ସ୍ଲାଇଡ୍ ମାଧ୍ୟମରେ ତଥ୍ୟ ପରିବେଷଣ କରିଥିଲେ। ସଭାରେ ଡିଡି, ଡିପିଏମୟୁ ଜୟନ୍ତୀମାଳା ନାୟକ ସିଡିଏଓ ସୁଧିର ରଞ୍ଜନ ବେହେରା, ସିଡିଭିଓ ଡ.ରମେଶ ଚନ୍ଦ୍ର ବେହେରା, ଡିଡିଏଚ୍ ସୁବ୍ରତ ମହାନ୍ତି, ଡିଆଇପିଆର୍‌ଓ ମନୋଜ ବେହେରା, ଡିଆର୍‌ସିଏସ ଶରତ ଚନ୍ଦ୍ର ପାଣିଗ୍ରାହୀ, ଏଡିଏଚ ଶୁଭେନ୍ଦୁ ବିଶ୍ୱାସ , ଏଡିଭିଓ ଦିଲ୍ଲୀପ କୁମାର କବିରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁଗାଁ ବ୍ଲକରେ ପରିବେଶ ସଚେତନତା




ବନ୍ଧୁଗାଁ,୫।୬(ସମିସ): ବନ୍ଧୁଗାଁ ବ୍ଲକର ୧୩ଟି ପଞ୍ଚାୟତରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ପରିବେଶକୁ ନେଇ ଗ୍ରାମସଭା ମାଧ୍ୟମରେ ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର, ଅଙ୍ଗନୱାଡ଼ି କର୍ମୀ, ଆଶା ଓ ଜନସାଧାରଣଙ୍କ ଉପସ୍ଥିତିରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷ କରି ଜଙ୍ଗଲ କ୍ଷୟ, ଜଙ୍ଗଲରେ ନିଆଁ ଲଗାଇବା, ଜଳ ପ୍ରଦୂଷଣ, ପ୍ଲାଷ୍ଟିକ ଆବର୍ଜନା, ଝରି, ଚାଷରେ ୟୁରିଆ ସାର ପ୍ରୟୋଗ ବଢୁ ଥିବାରୁ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅଦିନିଆ ବର୍ଷା, ବିଜୁଳୀ ଘଡଘଡି, କମ୍ ବର୍ଷା ହେଉଛି। ଏଥିପାଇଁ ଆମେ ସଚେତନତା ହେବା ଓ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଭାସ୍କର ୱାଟେକା, ଶେଖର କଣ୍ଡାଗରି, ଲୁଦ୍ର ଜାକାକା, ସୁନ୍ଦୁରୁ ପିଡିକା, ସୁସ୍ମିତା ପିଡିକା, ଗୌରୀ ମେଲେକା, ମୋତି ମାଣ୍ଡିଙ୍ଗୀ, ସମସ୍ତ ପିଇଓ, ବ୍ଲକର କିଛି ବିଭାଗ ଅଧିକାରୀ ଓ ବେସରକାରୀ ଅନୁଷ୍ଠାନ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ। ପରେ ଜଙ୍ଗଲ ବିଭାଗ ପକ୍ଷରୁ କିଛି ଚାରାରୋପଣ ପାଇଁ ଯୋଗାଇ ଥିବାରୁ ତାହାକୁ ପଞ୍ଚାୟତ ପରିସରରେ ରୋପଣ କରାଯାଇଥିଲା।

# ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ



ତେନ୍ତୁଳିଖୁଣ୍ଟି,୫।୬(ସମିସ):

ତୈଳ ଦର ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି। ଯୁବନେତା ଅଖିଳ ଭତରାଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରହଲ୍ଲାଦ ହିଆଲ, ଜିଲ୍ଲା କଂଗ୍ରେସ ମହିଳା ଶୋଭାନେତ୍ରୀ ପି. ନଗରତ୍ନମ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମସେନ ପାଣିଗ୍ରାହୀ, ବରିଷ୍ଠ ନେତା କିଶୋର ଚନ୍ଦ୍ର ସିଂଘ,ପଙ୍କଜ ଖୁରା,ଅଜୟ ହିଆଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଦରଦାମ ବୃଦ୍ଧି ପ୍ରତିବାଦରେ କୁର୍ମାକୋଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଶାନ୍ତି ଶୃଙ୍ଖଳାର ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାରମ୍ବାର ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପାଇବା ଯୋଗୁଁ ଅନ୍ୟ ସାମଗ୍ରୀ ବୃଦ୍ଧି ଉପରେ ଏହାର ପ୍ରଭାବ ପଡୁଛି। ଯାହାକୁ ନେଇଁ ଜନସାଧାରଣ ତ୍ରାହି ତ୍ରାହି ହେବାକୁ ଲାଗିଲେଣି। ଏହାରି ପ୍ରତିବାଦରେ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ପକ୍ଷରୁ କୁର୍ମାକୋଟ ପେଟ୍ରୋଲ ପମ୍ପ ସମ୍ମୁଖରେ ପ୍ଲାକାର୍ଡ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ଏକ ଘଣ୍ଟା କାଳ ଶାନ୍ତିପୁର୍ଣ ବିକ୍ଷୋଭ ପଦର୍ଶନ କରାଯାଇଥିଲା। କଂଗ୍ରେସ ବରିଷ୍ଠ ନେତା ବିଶ୍ୱନାଥ ସିଂଘ, ରୁନୁ ପାଣି, ଲିଙ୍ଗରାଜ ଭଞ୍ଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ଆଜିର ବିକ୍ଷୋଭ ପଦର୍ଶନରେ ସାମିଲ ଥିଲେ।

# ଶିକ୍ଷା ବିଭାଗର ନିର୍ଦ୍ଦେଶ ନ ମାନି ଶିକ୍ଷକ ଅଡୁଆରେ

ମାଥିଲି, ୫।୬ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମୁରପାଲି ପଞ୍ଚାୟତ ଅନ୍ତର୍ଗତ ଦୁରୁମାଗୁଡା ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତ ଶିକ୍ଷକ ମହେଶ୍ୱର ପଣ୍ଡା ବାରମ୍ବାର କାର୍ଯ୍ୟରେ ଅବହେଳା କରିବା ଯୋଗୁ କିଛି ଦିନ ତଳେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ସମୟରେ ସେ ମାଥିଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଜ ଉପସ୍ଥାନ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଶ୍ରୀ ପଣ୍ଡା ସେଠାରେ ଉପସ୍ଥାନ ନଦେଇ ତାଙ୍କର ବ୍ୟକ୍ତିଗତ କାର୍ଯ୍ୟରେ ଚାଲି ଯାଇଥିଲେ। ଏହି ଘଟଣାକୁ ନେଇ ଏବେ ଶ୍ରୀ ପଣ୍ଡା ଅଡୁଆରେ ପଡ଼ିଛନ୍ତି। ମାଥିଲି ସରକାରୀ ଉଚ୍ଚ ବିଦ୍ୟାଳୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତାଙ୍କର ଅନୁପସ୍ଥିତ ସମ୍ପର୍କରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରିବାପରେ ଶ୍ରୀ ପଣ୍ଡାଙ୍କ ନିଜସ୍ୱ ଠିକଣାରେ କାରଣ ଦର୍ଶାଅ ନୋଟିସ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିଲା। ତିନିଥରରୁ ଅଧିକ ତାଙ୍କୁ ଜଣାଇବା ପରେ ଶେଷ ଥର ପାଇଁ ଶ୍ରୀ ପଣ୍ଡା ନିଜ ପକ୍ଷ ରଖିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୧୮୫୯/୨୦୨୬ ଅନୁସାରେ ସାର୍ବଜନୀନ ସୂଚନା ଜାରି କରିଛି। ୭ଦିନ ମଧ୍ୟରେ ନିଜର ମତ ଓ ପକ୍ଷ ରଖିବାକୁ କୁହାଯାଇଛି। ଏଥିରେ ଅବହେଳା କଲେ ଚାକିରିରୁ ବହିଷ୍କାର କରାଯିବ ବୋଲି ଉଲ୍ଲେଖ ରହିଛି। ସୂଚନାନୁଯାୟୀ ଶ୍ରୀ ପଣ୍ଡା ନିଜ କର୍ତ୍ତବ୍ୟ ଅବହେଳା ପାଇଁ ନିଜର ଚାକିରି କାଳରେ ୪/୫ଥର ନିଲମ୍ବିତ ସହ ବାରମ୍ବାର ଦରମା ବନ୍ଦ ଓ ବିଭିନ୍ନ ଆପତି ପୂର୍ଣ କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହି ଆସିଛନ୍ତି। କିଛି ମାସ ତଳେ ଦରମା ଜିପିଏଫ ମିଳୁ ନାହିଁ କହି ବିଇଓ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ।

# ଜି ଗୋଲ୍ଡସ୍ମିଥ୍‌ଙ୍କ ସ୍ମୃତିରେ ରକ୍ତଦାନ ଶିବିର; ୩୨ ୟୁନିଟ୍ ରକ୍ତ ସଂଗ୍ରହ

## ଉତ୍କଳ କଳା ସଂସଦର ସାମାଜିକ ସେବାକୁ ପ୍ରଶଂସା

ଉମରକୋଟ,୫।୬(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଦଣ୍ଡକାରଣ୍ୟ ସ୍ଥିତ ଉତ୍କଳ କଳା ସଂସଦ ପକ୍ଷରୁ ଅବସରପ୍ରାପ୍ତ ନୌସେନା ଅଧିକାରୀ ଜି ଗୋଲ୍ଡସ୍ମିଥ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମାନବ ସେବା ହିଁ ମାଧବ ସେବା ଉକ୍ତିକୁ ସାର୍ଥକ କରି ଉତ୍କଳ କଳା ସଂସଦ କ୍ଲବ୍ ପକ୍ଷରୁ ଆୟୋଜିତ ଏହି ମହତ୍ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଯୁବକ, ଯୁବତୀ ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ସୁରେନ୍ଦ୍ରନାଥ ଦାଶ ଯୋଗଦେଇ ଉଦ୍‌ଘାଟନ କରି ରକ୍ତଦାନ ଭଳି ମହାନ ସେବା କାର୍ଯ୍ୟ ସମାଜରେ ଜୀବନ ବଞ୍ଚାଇବାର ଏକ ପବିତ୍ର ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ନୌସେନା ଅଧିକାରୀଙ୍କ ମାଁ ଜି ଦମୟନ୍ତୀ ରାଜୁ , ଧର୍ମପତ୍ନୀ ଅର୍ଚ୍ଚନା ମିଶ୍ର, , ଝିଅ ଜି ରେହେନା, ବଡ ଭାଇ ଜି ସଲମନ ରାଜୁ, ବୁଦ୍ଧିଜୀବୀ ନାରାୟଣ ବାରିକ, ସଂସଦ ପ୍ରତିନିଧି ରାମ ନାୟକ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ,ସମାଜସେବୀ ମନୋଜ କୁମାର ପାତ୍ର, ବରିଷ୍ଠ ନେତା ଅକ୍ଷୟ କୁମାର ସାହୁ, ଏହା ସହିତ ଯୁବପିଢ଼ିଙ୍କୁ ନିୟମିତ ଭାବେ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍କଳ କଳା ସଂସଦର ସଭାପତି ବିପିନ କୁମାର ମାଝୀ ଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସମ୍ପାଦକ ସତ୍ୟ ନାରାୟଣ ଦାସ, କୋଷାଧ୍ୟକ୍ଷ ନକୁଳ ଚାନ୍ଦ,ପ୍ରଦୀପ କୁମାର ନାୟକ ,କୁନା ସାହୁ, ରାମ ତୁରୁକ, ଲିକନ ଦାସ, ଶଙ୍କର ତୁରୁକ, ସାଧନ ମଣ୍ଡଳ, ଶୁଶିଲ ପଣ୍ଡା , ନାରାୟଣ ସାହୁଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶିବିରକୁ ସୁଚାରୁ ଭାବେ ପରିଚାଳନା କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବାରେ ସଂଗଠନର ସମସ୍ତ କର୍ମକର୍ତ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୩୨ରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସଂଗୃହୀତ ରକ୍ତ ଆଗାମୀ ଦିନରେ ବିଭିନ୍ନ ଜରୁରୀ ପରିସ୍ଥିତିରେ ରୋଗୀମାନଙ୍କ ଜୀବନ ରକ୍ଷାରେ ସହାୟକ ହେବ। ଶେଷରେ ସମସ୍ତ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଭବିଷ୍ୟତରେ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରହିବ ବୋଲି ଉତ୍କଳ କଳା ସଂସଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶିବିର ଅଞ୍ଚଳରେ ସାମାଜିକ ସଚେତନତା ଓ ମାନବିକତାର ଏକ ଉଜ୍ଜ୍ୱଳ ନିର୍ଦ୍ଦଶନ ସୃଷ୍ଟି କରିଛି।





# ମୁଖ୍ୟମନ୍ତ୍ରୀ ଟ୍ରଫି ଫାଇନାଲ୍‌ରେ ନବରଙ୍ଗପୁର ଜିଲ୍ଲା ବାଳିକା ଦଳ

ନବରଙ୍ଗପୁର, ୫।୬ (ସମିସ): ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଚାଲିଥିବା ଜୋନାଲ୍ ସ୍ତରୀୟ ୧୪ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି-୨୬ ଚାମ୍ପିଅନ୍‌ସିପରେ ନବରଙ୍ଗପୁର ଜିଲ୍ଲା ବାଳିକା ଦଳ ନିଜର ଶେଷ ଲିଗ୍ ମ୍ୟାଚ୍‌ରେ ଗଞ୍ଜାମ ଜିଲ୍ଲା ବାଳିକା ଦଳକୁ ୭-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ନବରଙ୍ଗପୁର ଦଳ ପକ୍ଷରୁ ରଶ୍ମିତା ଗଣ୍ଡ ୩ଟି, ପିଙ୍କି ଗଣ୍ଡ ୩ଟି ଏବଂ ନାଇକା ବାଘ ଗୋଟିଏ ଗୋଲ କରିଥିଲେ। ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାଇତ୍ୱ ନେଉଥିବା ବେଳେ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାୟିତ୍ୱ ନିର୍ବାହ କରୁଛନ୍ତି। ନବରଙ୍ଗପୁର ବାଳିକା ଦଳର ଏହି ସଫଳତା ନବରଙ୍ଗପୁର ମାଟିକୁ ରାଜ୍ୟ ସ୍ତରରେ ଗର୍ବିତ କରିଛି।ଏହି ଖବର ପ୍ରାପ୍ତ ହେଲାପରେ ନବରଙ୍ଗପୁର କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜ୍ୟୋତି ପରିଛା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନେ ବାଳିକା ଦଳକୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ ଟୁର୍ଣ୍ଣାମେଣ୍ଟରେ ଏଥି ପୂର୍ବରୁ ନିଜ ଅନ୍ୟ ଲିଗ୍ ମ୍ୟାଚରେ କୋରାପୁଟ ଜିଲ୍ଲା ଦଳକୁ ୮-୦ ଗୋଲ ଏବଂ ମାଲକାନଗିରି ଜିଲ୍ଲା ଦଳକୁ ୫-୦ ଗୋଲ ରେ ପରାସ୍ତ କରିଥିବା ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।



ସକାଳ
THE SAKALA

# ସମ୍ପାଦକୀୟ



କୃଷି ହିଁ ମଣିଷ ପାଇଁ ସବୁଠାରୁ ସ୍ୱାସ୍ଥ୍ୟପ୍ରଦ, ସର୍ବାଦୌ ଉପଯୋଗୀ ଓ ସର୍ବୋତ୍ତମ ନିଯୁକ୍ତି କ୍ଷେତ୍ର।
-ଜର୍ଜ ୱାଶିଂଟନ୍

## କୁମ୍ଭୀର ଆତଙ୍କ

କେନ୍ଦ୍ରାପଡ଼ାର ରାଜନଗର ବ୍ଲକ ପୁଣି ଥରେ କୁମ୍ଭୀର ଆତଙ୍କର ଅବାଞ୍ଛିତ ଘଟଣାକୁ ସାମ୍ନା କରିଛି। ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗାଁରେ ବନବିଭାଗ ଦ୍ୱାରା ନିର୍ମିତ ଗାଧୁଆ ତୁଠରୁ ଜନୈକ ବ୍ୟକ୍ତିଙ୍କୁ କୁମ୍ଭୀର ପାଣିଭିତରକୁ ଟାଣି ନେଇଥିବା ବେଳେ କୁମ୍ଭୀର ସହିତ ସଂଘର୍ଷ କରି ସେ ଭାଗ୍ୟବଳରେ ବଞ୍ଚିଯାଇଛନ୍ତି। ଗୁରୁତର କ୍ଷତାକ୍ତ ଅବସ୍ଥାରେ ସେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ବନବିଭାଗ ଦ୍ୱାରା ଚିହ୍ନିତ ସୁରକ୍ଷିତ ଅଞ୍ଚଳରେ ଘଟିଥିବାରୁ ଲୋକଙ୍କ ଅସାବଧାନତା କହି ଉତ୍ତରଦାୟିତ୍ୱରୁ ଓହରି ଯାଇପାରିବ ନାହିଁ। ରାଜନଗର ବ୍ଲକ ଏଭଳି କୁମ୍ଭୀର-ମଣିଷ ଲଢ଼େଇର ଏକପ୍ରକାର ପ୍ରୟୋଗସ୍ଥଳ ପାଲଟିଥିବା ବେଳେ କର୍ତ୍ତୃପକ୍ଷ ଓ ଜନସାଧାରଣ ପରସ୍ପରକୁ ଦୋଷ ଲଦାଲଦି ହୋଇ ଆସୁଛନ୍ତି।

ମଣିଷ-ପଶୁ ଲଢ଼େଇ ଓ ମୃତାହତ ଘଟଣା ଅସ୍ୱାଭାବିକ ନୁହେଁ। ଜୀବନ ସଂଘର୍ଷରେ ଉଭୟେ ଉଭୟଙ୍କୁ ଆକ୍ରମଣ ଓ ପ୍ରତିଆକ୍ରମଣର କ୍ରିୟା-ପ୍ରତିକ୍ରିୟା ପ୍ରାଗ୍‌ଐତିହାସିକ ଯୁଗରୁ ଚାଲିଆସିଛି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା, ବିଶେଷକରି ରାଜନଗର ବ୍ଲକର ବିଭିନ୍ନ ନଦୀକୂଳିଆ ଅଞ୍ଚଳରେ ଘଟୁଥିବା କୁମ୍ଭୀର-ମଣିଷ ଲଢ଼େଇର କାହାଣୀ ଭିନ୍ନ ଧରଣର। ସ୍ଥାନୀୟ ଭିତରକନିକା ଅଭୟାରଣ୍ୟରେ ବିଶ୍ୱବିଦିତ ଘଡ଼ିଆଳ କୁମ୍ଭୀର ପ୍ରକଳ୍ପ ଆରମ୍ଭ ହେବାର କିଛି ବର୍ଷ ପରେ ଏହି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟତଃ ଘଡ଼ିଆଳ କୁମ୍ଭୀରର ବଂଶବୃଦ୍ଧି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପରେ ଏବେ କୁମ୍ଭୀର ସଂଖ୍ୟା ଏତେ ବଢ଼ିଯାଇଛି ଯେ ସେମାନେ ଖାଦ୍ୟ ଅନ୍ୱେଷଣରେ ନଦୀ ତଟକୁ ଚାଲି ଆସି ମଣିଷମାନଙ୍କୁ ଆକ୍ରମଣ କରୁଛନ୍ତି। ଏଣୁ ସେମାନଙ୍କ ସଂଖ୍ୟା ହ୍ରାସ କରିବାକୁ ସ୍ଥାନୀୟ ଅଞ୍ଚଳରୁ ବାରମ୍ବାର ଦାବି ହୋଇଆସୁଛି।

ଅପରପକ୍ଷରେ ପରିବେଶବିତ୍ ଓ ପ୍ରାଣୀ ଅଧିକାର ବିଶେଷଜ୍ଞମାନେ ଭିନ୍ନ ମତ ପୋଷଣ କରୁଛନ୍ତି। ସେମାନଙ୍କ କହିବା ଅନୁଯାୟୀ ପଶୁମାନେ ପ୍ରଥମେ ମଣିଷକୁ ଆକ୍ରମଣ କରନ୍ତି ନାହିଁ। ପ୍ରଜନନ ସମୟରେ କିମ୍ବା ଜନ୍ମିତ ଶାବକ କିମ୍ବା ସେମାନଙ୍କ ଅଣ୍ଡାର ସୁରକ୍ଷା ବେଳେ ସେମାନେ ଆକ୍ରମଣାତ୍ମକ ହୁଅନ୍ତି। ଆକ୍ରମଣ ପୂର୍ବରୁ ଏକ ସତର୍କ ସଙ୍କେତ ଦେଇଥା'ନ୍ତି। ତାହାକୁ ଭ୍ରୂକ୍ଷେପ ନ କଲେ ସେମାନେ ଆକ୍ରମଣ କରନ୍ତି। ତେଣୁ ରାଜନଗର ଅଞ୍ଚଳରେ କୁମ୍ଭୀର-ମଣିଷ ଲଢ଼େଇର ଯେଉଁ ଦୁର୍ଭାଗ୍ୟଜନକ ଅଘଟଣମାନ ଘଟୁଛି ତାହା ମୁଖ୍ୟତଃ ନଦୀକୂଳରେ କୁମ୍ଭୀରମାନେ ଦେଇଥିବା ଅଣ୍ଡାର ସୁରକ୍ଷା ଦୃଷ୍ଟିରୁ ହୋଇଥାଇପାରେ। ପୁଣି ଘଡ଼ିଆଳ କୁମ୍ଭୀରମାନେ ଏତେ ଆକ୍ରମଣାତ୍ମକ ନୁହନ୍ତି। ସେଠାରେ ବାହାରୁ ଆସି ବସବାସ କରୁଥିବା ମଗର କୁମ୍ଭୀରମାନେ ହିଁ ମଣିଷମାନଙ୍କୁ ଅଧିକ ଆକ୍ରମଣ କରୁଥାଇପାରନ୍ତି।

ଏ ସବୁ ତର୍କ-ବିତର୍କ ଏବଂ ଆରୋପ-ପ୍ରତ୍ୟାରୋପରୁ ଊର୍ଦ୍ଧ୍ୱରେ ଏକ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଜଙ୍ଗଲୀ ପଶୁମାନଙ୍କ ସଂଖ୍ୟା ନିର୍ଦ୍ଧାରିତ ସୀମା ଟପିଲେ ଜୈବ ସନ୍ତୁଳନ ନିୟନ୍ତ୍ରଣ ପାଇଁ ସରକାରୀ ଭାବେ ସେମାନଙ୍କୁ ନିପାତ ବା ଶିକାର କରିବାକୁ ଆଇନରେ ପ୍ରାବଧାନ ରହିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏଭଳି ବନ୍ୟଜନ୍ତୁ ନିପାତ(କଲିଂ) ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। ଏପରିକି 'ମଣିଷଖିଆ' ପ୍ରମାଣିତ ହେଲେ ଜାତୀୟ ପଶୁ ବାଘକୁ ମଧ୍ୟ ଶିକାର କରାଯିବା ପାଇଁ ଭାରତରେ ଅନୁମତି ରହିଛି। ସେହି ନିୟମ ଅଧୀନରେ ଭିତରକନିକାରେ ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ଏବଂ ଜନବସତି ପ୍ରତି ଆତଙ୍କ ସୃଷ୍ଟି କରୁଥିବା କୁମ୍ଭୀରମାନଙ୍କର ନିପାତ ବା ଶିକାର କରା ନ ଯିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ଭିତରକନିକା ଅଭୟାରଣ୍ୟରେ କୁମ୍ଭୀର ସର୍ବାଧିକ ସଂଖ୍ୟା କେତେ ରହିବା ଉଚିତ ଏବଂ ସେଠାରେ କେତେ କୁମ୍ଭୀର ଅଛନ୍ତି(କୁମ୍ଭୀର ଗଣନା) ସେ ବିଷୟରେ କୌଣସି ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇଥିବା ଜଣାନାହିଁ। ସମୟ ଆସିଛି ଏବେ ଏ ବିଷୟରେ ବନ ବିଭାଗ ଓ ସରକାର ଗମ୍ଭୀରତାର ସହ ଚିନ୍ତା କରିବା ଆବଶ୍ୟକ।

ହାତୀ-ମଣିଷ, ବାଘ-ମଣିଷ, ବାର୍‌ହା-ମଣିଷ ଆଦି ଲଢ଼େଇରେ ଉଭୟ ପକ୍ଷ ମୃତାହତ ହୁଅନ୍ତି। କିନ୍ତୁ କୁମ୍ଭୀର-ମଣିଷ ଲଢ଼େଇରେ କେବଳ ମଣିଷ ହିଁ ମୃତାହତ ହେଉଥିବା ଅଭିଯୋଗ ହେଉଛି। ପୁଣି ଏହି ଲଢ଼େଇର ଦୃଶ୍ୟ ଅତି କରୁଣ, ବୀଭତ୍ସ ଓ ହୃଦୟବିଦାରକ ହୋଇଥିବାରୁ କୁମ୍ଭୀର ପ୍ରକଳ୍ପ ପ୍ରତି ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏ ସମ୍ପର୍କରେ ପରିବେଶବିତ୍ ବା ବନ୍ୟପ୍ରାଣୀ ବିଶେଷଜ୍ଞମାନଙ୍କ ଯୁକ୍ତି ହେଉଛି ଯେ କୁମ୍ଭୀର ଆକ୍ରମଣ ଜନିତ ମୃତାହତ ଘଟଣାରେ ସରକାରୀ କ୍ଷତିପୂରଣ ରାଶି ପରିମାଣ ବୃଦ୍ଧି ପାଉଥିବାରୁ ଏଭଳି ଅଘଟଣ ଓ ଅଭିଯୋଗ ସଂଖ୍ୟା ବଢ଼ୁଛି। ଏହାପଛରେ ଯୁକ୍ତି ଥାଇପାରେ। କିନ୍ତୁ ସରକାରୀ ଅନୁକମ୍ପା ରାଶି ପାଇବା ପାଇଁ ଜାଣିଶୁଣି ଯେ କେହି ମରଣ ମୁହଁକୁ ଯିବ ସେ ଯୁକ୍ତ ଅବାନ୍ତର ଲାଗୁଛି। ଆହୁରି ମଧ୍ୟ ସେଠାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦଖଲରେ ଅନେକ ବେଆଇନ ଚିଙ୍ଗୁଡ଼ି ଘେରି ରହିଥିବାରୁ ବନ୍ୟ ବିଭାଗର ବାରଣ ସତ୍ତ୍ୱେ ଲୋକମାନେ ପାଣି ଭିତରକୁ ଯାଉଛନ୍ତି ଏବଂ କୁମ୍ଭୀର ଆକ୍ରମଣର ଶିକାର ହେଉଥିବା ପାଲଟା ଅଭିଯୋଗ ହେଉଛି। ଏହି ଅଭିଯୋଗ ପଛରେ ଯଥାର୍ଥତା ଓ ଯୌକ୍ତିକତା ଥାଇପାରେ। ବିକାଶ ଆଳରେ ଯେଭଳି ପ୍ରକୃତିର ବିନାଶ ଚାଲିଛି ସେ ଦୃଷ୍ଟିରୁ କୁମ୍ଭୀରମାନଙ୍କୁ ଉକ୍ତ ଅଭୟାରଣ୍ୟର ରକ୍ଷକ ମାନ୍ୟତା ଦେବାରେ କୁଣ୍ଠିତ ହେବା କଥା ନୁହେଁ। ଏହା ଆଉ ଏକ ପ୍ରସଙ୍ଗ ଓ ବିବାଦକୁ ଜନ୍ମ ଦେଉଛି। କିନ୍ତୁ ମୂଳ ପ୍ରଶ୍ନ ହେଉଛି ଏଭଳି କୁମ୍ଭୀର-ମଣିଷ ଲଢ଼େଇରେ ଜନପଦ କ୍ରମଶଃ ଜନଶୂନ୍ୟ ହୋଇଯିବ ନାହିଁ ତ?

ଏ ସମ୍ପର୍କରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଏତେ ସହଜ ନୁହେଁ। ତେଣୁ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଓ ସ୍ଥାନୀୟ ଅଧିବାସୀଙ୍କୁ ନେଇ ଏକାଧିକ ଆଲୋଚନାମାନ ଆୟୋଜନ ହେବା ଆବଶ୍ୟକ। ଏଥିରୁ ଯେଉଁ ନିଷ୍କର୍ଷ ବାହାରିବ ସେହି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ ନିଷ୍ପତ୍ତି ନିଆଯାଇପାରେ। ପରିବେଶବିତ୍ ଓ ବନ୍ୟପ୍ରାଣୀ ବିଶେଷଜ୍ଞ ସବୁବେଳେ ବନ୍ୟ ପ୍ରାଣୀ ସୁରକ୍ଷା ଓ ଅଧିକାର ବିଷୟରେ ମତ ଦେବେ ଏବଂ ମାନବାଧିକାର କର୍ମୀ ମଣିଷର ସ୍ୱାର୍ଥ ସପକ୍ଷରେ ଯୁକ୍ତି କରିବେ। ଏହି ପୃଷ୍ଠଭୂମିରେ ଅଦାଲତ ନିଜ ଆଡ଼ୁ ଏକ ମାମଲା ରୁଜୁ କରି ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାୟ ଦେଲେ ତାହା ସବୁପକ୍ଷ ପାଇଁ ମଙ୍ଗଳକର ହୋଇପାରନ୍ତା।

# ଜଳ, ଜଙ୍ଗଲ, ଜମିର ଲଢ଼େଇ: ବିକାଶ ନା ବିନାଶ?

**ଅଂଶୁମାନ ଦାସ**

ଓଡ଼ିଶା ଆଜି ଏକ ବିଚିତ୍ର ସାମାଜିକ ଓ ପରିବେଶଗତ ସ୍ଥିତି ଦେଇ ଗତିକରୁଛି। ଗୋଟିଏ ପଟେ ଆମେ ପ୍ରାକୃତିକ ସମ୍ପଦ ଏବଂ ଜୈବବିବିଧତାର ସଂରକ୍ଷଣ ପାଇଁ ବିଶ୍ୱସ୍ତରରେ ପ୍ରଶଂସିତ ହେଉଛୁ, ଅନ୍ୟପଟେ ସେହି ସୁରକ୍ଷିତ ଜୈବମଣ୍ଡଳର ଅସଲ ଜଗୁଆଳିମାନେ ଗଭୀର ସଂକଟର ସମ୍ମୁଖୀନ ହେଉଥିବା ଘଟଣାକୁ ଉପେକ୍ଷା କରିଚାଲିଛୁ। ସିଜିମାଳିର ଉପତ୍ୟକାଠାରୁ ଆରମ୍ଭ କରି ଶିମିଳିପାଳର ଗହନ ବନାନୀ ପର୍ଯ୍ୟନ୍ତ ପ୍ରକୃତି ସହ ନିବିଡ଼ ଭାବେ ଜଡ଼ିତ ଥିବା ସମୁଦାୟର ସ୍ୱର ଆଜି ବିପନ୍ନ। ଏଠାରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି: ପ୍ରଗତିର ବ୍ୟାଖ୍ୟା କେବଳ ଶିଳ୍ପାୟନ କିମ୍ବା ଖଣି ଖନନ ମଧ୍ୟରେ ସୀମିତ କି? ଅର୍ଥନୈତିକ ଅଭିବୃଦ୍ଧି ସତ୍ତ୍ୱେ ଯଦି ପରିବେଶର ସୁରକ୍ଷା ଏବଂ ମାଟିର ମଣିଷର ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇ ନ ପାରେ, ତେବେ ତାହା ଭବିଷ୍ୟତ ପାଇଁ ଏକ ବଡ଼ ପରିବେଶଗତ ସଂକଟ ପାଲଟିବ। କେବଳ ବିକାଶର ବାହ୍ୟ ଚେହେରା ବଦଳିଲେ ହେବ ନାହିଁ, ବରଂ ପ୍ରକୃତି ଓ ମଣିଷକୁ ସାଥୀରେ ନେଇ ଚାଲୁଥିବା ବ୍ୟବସ୍ଥାକୁ ବିକଶିତ କରିବାକୁ ପଡ଼ିବ।

ଡଙ୍ଗରିଆ କନ୍ଧ ସମୁଦାୟ ପାଇଁ ଓଡ଼ିଶାର ନିୟମଗିରି କେବଳ ଏକ ଭୂଗୋଳ ନୁହେଁ, ସେମାନଙ୍କ ଇଷ୍ଟଦେବତା 'ନିୟମରାଜା'ଙ୍କ ପବିତ୍ର ବାସସ୍ଥଳୀ। ସେହିପରି କୋରାପୁଟର ବାଲଡ଼ା ଗୁମ୍ଫା ସ୍ଥାନୀୟ ଜନଜାତିଙ୍କ ପାଇଁ ପୂଜ୍ୟ ଆଦିଦେବତାଙ୍କ ଆସ୍ଥାନ। କିନ୍ତୁ ବିଡ଼ମ୍ବନା ହେଉଛି ଯେତେବେଳେ ପ୍ରଶାସନ ଓ ଶିଳ୍ପପତି ଏହି ପର୍ବତକୁ କେବଳ 'ବକ୍ସାଇଟ୍‌ର ସ୍ତୂପ' କିମ୍ବା ଟଙ୍କା ରୋଜଗାରର ମାଧ୍ୟମ ଭାବେ ଦେଖନ୍ତି, ସେତେବେଳେ ସାଧାରଣ ଆଦିବାସୀ ତା'କୁ ନିଜର 'ଆତ୍ମା' ଓ 'ଅସ୍ମିତା' ଭାବେ ଗ୍ରହଣ କରେ। ଏଠାରେ ବିକାଶର ପରିଭାଷା ସମ୍ପୂର୍ଣ୍ଣ ଭିନ୍ନ। ପ୍ରଶାସନିକ ଦୃଷ୍ଟିକୋଣରେ ପାହାଡ଼ ଖୋଳିଲେ ଅର୍ଥ ଆସେ, କିନ୍ତୁ ଆଦିବାସୀ ଜାଣେ ଯେ ପାହାଡ଼ ଖୋଳିଲେ ତା'ର ଭଗବାନ ହଜିଯିବେ, ତା'ର ଜଳର ଉତ୍ସ ଶୁଖିଯିବ ଏବଂ ତା'ର ସଂସ୍କୃତି ବିଲୟ ହେବ। ଏହି ଦୁଇ ଭିନ୍ନ ଚିନ୍ତାଧାରା ମଧ୍ୟରେ ଚାଲିଥିବା ଲଢ଼େଇ ଆଜି ଓଡ଼ିଶାର ଗାଁ ଗାଁରେ ଦେଖିବାକୁ ମିଳୁଛି। ବାଲଡ଼ା ଓ ନିୟମଗିରି କେବଳ ଖଣି ବିରୋଧୀ ଆନ୍ଦୋଳନ ନୁହେଁ, ଏହା ହେଉଛି ନିଜର ମୂଳ ଓ ପରମ୍ପରାକୁ ବଞ୍ଚାଇ ରଖିବାର ଏକ ନୈତିକ ସଂଗ୍ରାମ।

ରାୟଗଡ଼ାର ସିଜିମାଳି ପାହାଡ଼ ଆଜି ଏକ ରଣକ୍ଷେତ୍ରରେ ପରିଣତ ହୋଇଛି। ଗତ ଏପ୍ରିଲ ମାସରେ କାନ୍ତମାଳ ଗ୍ରାମରେ ଯେଉଁ ହିଂସାତ୍ମକ ପରିସ୍ଥିତି ଉପୁଜିଲା, ତାହା କେବଳ ଆଇନ ଶୃଙ୍ଖଳାର ପ୍ରଶ୍ନ ନୁହେଁ, ବରଂ ପ୍ରଶାସନର ନୈତିକତା ଓ କାର୍ଯ୍ୟଶୈଳୀ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଭାରତୀୟ ସମ୍ବିଧାନ ଓ 'ପେସା' ଆଇନ ଅନୁଯାୟୀ, ଆଦିବାସୀ ଅଞ୍ଚଳରେ ଯେକୌଣସି ପ୍ରକଳ୍ପ ପାଇଁ ସ୍ଥାନୀୟ ଗ୍ରାମସଭାର ସହମତି ଅପରିହାର୍ଯ୍ୟ। କିନ୍ତୁ ବିଡ଼ମ୍ବନାର ବିଷୟ, ସିଜିମାଳିରେ ଗ୍ରାମସଭାଗୁଡ଼ିକୁ କେବଳ ଏକ 'ପ୍ରହସନ'ରେ ପରିଣତ କରାଯାଇଛି। ଯେତେବେଳେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ଶୀର୍ଷରେ ଥିବା ନେତୃତ୍ୱ ନିଜେ ଜାଣନ୍ତି ଯେ ଜଳ, ଜଙ୍ଗଲ ଓ ଜମି ଉପରେ ଗ୍ରାମସଭାର ଅଧିକାର କେତେ ଗୁରୁତ୍ୱପୂର୍ଣ୍ଣ, ସେତେବେଳେ ରାୟଗଡ଼ାରେ ଏହି ସଭାଗୁଡ଼ିକୁ 'ଜାଲ୍' ବୋଲି କାହିଁକି ଅଭିଯୋଗ କରାଯାଉଛି? ସ୍ଥାନୀୟ ଲୋକଙ୍କୁ ନଜରବନ୍ଦୀ ରଖିବା ଏବଂ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ପ୍ରକଳ୍ପ ଜାରି ରଖିବା କ'ଣ ଏକ ଲୋକତାନ୍ତ୍ରିକ ସରକାରର ପରିଚୟ? ଯଦି ଜନତାଙ୍କ ସ୍ୱରକୁ ଚପାଇ ଖଣିଜ ସମ୍ପଦ ଉତ୍ତୋଳନ କରାଯାଏ, ତେବେ ତାହାକୁ 'ବିକାଶ' ନୁହେଁ, ବରଂ 'ସମ୍ପଦର ଲୁଟ୍' ବୋଲି କୁହାଯିବ। ପ୍ରଶାସନର ଏଭଳି ଏକତରଫା କାର୍ଯ୍ୟାନୁଷ୍ଠାନ ସାଧାରଣ ଆଦିବାସୀଙ୍କ ମନରେ ସରକାରଙ୍କ ପ୍ରତି ଥିବା ବିଶ୍ୱାସକୁ ଧୂଳିସାତ୍ କରିଦେଉଛି।

ଶିମିଳିପାଳ ଅଭୟାରଣ୍ୟରେ ବିକାଶ ଓ ସଂରକ୍ଷଣର ପରିଭାଷା ଆହୁରି କରୁଣ। ନିକଟରେ ମହାରାଷ୍ଟ୍ରରୁ ଆସିଥିବା ବାଘୁଣୀ 'ଜିନତ'ର ସଫଳ ସ୍ଥାନାନ୍ତରଣକୁ ନେଇ ରାଜ୍ୟ ପ୍ରଶାସନ ଉତ୍ସବ ପାଳନ କରୁଛି। ବାଘ ବଂଶବୃଦ୍ଧି ନିଶ୍ଚିତ ଭାବେ ପରିବେଶ ପାଇଁ ଏକ ଶୁଭ ସଙ୍କେତ। କିନ୍ତୁ ସଂରକ୍ଷଣ ନାମରେ ଜାମୁନଗଡ଼ର ମୁଣ୍ଡା ସମୁଦାୟକୁ ସେମାନଙ୍କ ଭିଟାମାଟିରୁ ବିତାଡ଼ିତ କରାଯାଉଛି। ଦୁଃଖର ବିଷୟ ହେଉଛି, ବାଘୁଣୀ 'ଜିନତ' ପାଇଁ ୨୦ ଏକରର ବିଶାଳ ପରିସର(ଏନ୍‌କ୍ଲୋଜର) ତିଆରି କରିବା ପାଇଁ ଆଦିବାସୀଙ୍କ ପବିତ୍ର 'ଜାୟର' (ଦେବସ୍ଥଳୀ) ଏବଂ 'ଶାସନ ପିଲି' (ପୁରୁଖା ଶ୍ମଶାନ) କୁ ମେସିନ ଲଗାଇ ସମତଳ କରିଦିଆଯାଉଛି। ସମାଜବିଜ୍ଞାନ ଦୃଷ୍ଟିକୋଣରୁ ଜଣେ ଆଦିବାସୀ ପାଇଁ ଶ୍ମଶାନ ହେଉଛି ତା'ର ଇତିହାସ ଏବଂ ସେହି ମାଟି ଉପରେ ତା'ର ଅଧିକାରର ପ୍ରମାଣ। ଯେତେବେଳେ ପ୍ରଶାସନ ବୁଲଡୋଜର ଲଗାଇ ଏହି ସ୍ମୃତିପୀଠଗୁଡ଼ିକୁ ନିଶ୍ଚିହ୍ନ କରିଦିଏ, ସେତେବେଳେ ସେମାନେ କେବଳ ପଥର କିମ୍ବା ମାଟି ନୁହେଁ, ବରଂ ସମୁଦାୟର ସଂସ୍କୃତି ଓ ଅସ୍ମିତାକୁ ହତ୍ୟା କରନ୍ତି। ବାଘୁଣୀର ସଂରକ୍ଷଣ ପାଇଁ ମଣିଷର ସାଂସ୍କୃତିକ ବିନାଶ କେତେଦୂର ଯୁକ୍ତିଯୁକ୍ତ? ଏହି 'କୋଠରି ମଧ୍ୟରେ ସଂରକ୍ଷଣ' ପ୍ରକ୍ରିୟା ଆଦିବାସୀଙ୍କୁ ନିଜ ମାଟିରେ ପରକରି ଦେଉଛି।

ଓଡ଼ିଶାର ଶିଳ୍ପ ସମୃଦ୍ଧ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତିରୋଧର ସ୍ୱର ଏବେ ଅଧିକ ଶାଣିତ। ଲାଠିକଟା ବ୍ଲକରେ ପ୍ରସ୍ତାବିତ 'ଚନ୍ଦ୍ରିନାଳା ଜଳସେଚନ ପ୍ରକଳ୍ପ' ବିରୋଧରେ ହଜାର ହଜାର ଆଦିବାସୀ ପୁରୁଷ ଓ ମହିଳା ଧନୁ-ତୀର ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ଯେଉଁ ପ୍ରକଳ୍ପ ଜଳସେଚନ ପାଇଁ ଉଦ୍ଦିଷ୍ଟ, ତାହା ଚାଷଜମି ଓ ଘରକୁ ବୁଡ଼ାଇ ଦେବାକୁ ବସିଛି। ସେହିପରି ଲାଞ୍ଜିବେର୍ଣ୍ଣାରେ ଡାଲମିଆ ସିମେଣ୍ଟର ଖଣି ପ୍ରସାରଣ ପାଇଁ ପ୍ରାୟ ୪୯୫ ରୁ ଅଧିକ ପରିବାର ନିଜର ଭିଟାମାଟି ହରାଇବା ଭୟରେ ଅଛନ୍ତି। ଏହି ସଂଘର୍ଷ ପ୍ରମାଣ କରୁଛି ଯେ ବିକାଶର ଯୋଜନା ପ୍ରସ୍ତୁତ ବେଳେ ସ୍ଥାନୀୟ ଲୋକଙ୍କ 'ଇଚ୍ଛାଶକ୍ତି'କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ପ୍ରଶାସନ 'ଜାଲ୍ ଗ୍ରାମସଭା' ଓ ପୁଲିସର ଲାଠି ସାହାଯ୍ୟରେ ସହମତି ହାସଲ କରିବାକୁ ଚେଷ୍ଟା କରୁଛି, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଯେତେବେଳେ ଜଣେ ଆଦିବାସୀ ନିଜ ହାତରେ ଧନୁ-ତୀର ଧରେ, ସେତେବେଳେ ବୁଝିବାକୁ ହେବ ଯେ ତା'ର ସମ୍ବିଧାନ ପ୍ରଦତ୍ତ ଅଧିକାର ସମ୍ପୂର୍ଣ୍ଣ ବିପନ୍ନ। ପୁଲିସ ଛାଉଣୀ ମଧ୍ୟରେ କରାଯାଉଥିବା ଶିଳ୍ପାୟନ କେବେ ବି ସ୍ଥାୟୀ ବିକାଶ ଆଣିପାରିବ ନାହିଁ, ବରଂ ଏହା ଦୀର୍ଘକାଳୀନ ଅସନ୍ତୋଷର କାରଣ ସାଜିବ।

ଓଡ଼ିଶାର ଖଣିଜଭିତ୍ତିକ ବିକାଶର ଆଲୋଚନା କଲେ 'ରେଡ୍ ମଡ୍ ପଣ୍ଡ' ବା ବକ୍ସାଇଟ୍ ପରିଶୋଧନ ପରେ ବାହାରୁଥିବା ବିଷାକ୍ତ ଲାଲ୍ କାଦୁଅ ପୋଖରୀର ଭୟାବହତାକୁ ଏଡ଼ାଇ ଦିଆଯାଇ ନପାରେ। କୋରାପୁଟର ଦାମନଯୋଡ଼ି ହେଉ କିମ୍ବା କଳାହାଣ୍ଡିର ଲାଞ୍ଜିଗଡ଼, ଏହି ବିଶାଳକାୟ ପୋଖରୀଗୁଡ଼ିକ ଆଜି ସ୍ଥାନୀୟ ଆଦିବାସୀଙ୍କ ପାଇଁ ଏକ 'ଅଦୃଶ୍ୟ ମୃତ୍ୟୁର ଜାଲ' ପାଲଟିଛି। ପ୍ରଶାସନିକ ସ୍ତରରେ 'ଜିରୋ ଡିସଚାର୍ଜ' ବା ଶୂନ୍ୟ ନିଷ୍କାସନର କାଗଜରେ ଦାବି କରାଯାଉଥିଲେ ମଧ୍ୟ ବାସ୍ତବତା ଅତ୍ୟନ୍ତ ଭୟଙ୍କର। ବାରମ୍ବାର ଏହି ପୋଖରୀରୁ ବିଷାକ୍ତ କ୍ଷାରୀୟ ପାଣି ନିକଟସ୍ଥ ନଦୀ ଓ ନାଳରେ ମିଶିବାର ଅଭିଯୋଗ ଆସୁଛି। କୋରାପୁଟର ଡେଙ୍ଗାଜାନିଗୁଡ଼ା ଭଳି ଗାଁରେ ଲୋକମାନେ ଆଜି ଚର୍ମରୋଗ, ଶ୍ୱାସକ୍ରିୟାରେ ସମସ୍ୟା ଓ କର୍କଟ ଭଳି ମାରାତ୍ମକ ବ୍ୟାଧିର ଶିକାର ହେଉଥିବା ଅଭିଯୋଗ ହେଉଛି। ଖରାଦିନେ ଏହି ପୋଖରୀର ଶୁଖିଲା ଲାଲ୍ ଗୁଣ୍ଡ ପବନରେ ଉଡ଼ି ଲୋକଙ୍କ ଫୁସଫୁସକୁ ଆକ୍ରାନ୍ତ କରୁଥିବା ବେଳେ ବର୍ଷାଦିନେ ଏହି ବିଷାକ୍ତ କାଦୁଅ ଚାଷଜମିକୁ ବନ୍ଧ୍ୟା କରିଦେଉଛି। ଏହା କି ପ୍ରକାର ବିକାଶ, ଯେଉଁଠି ଖଣିରୁ ଲାଭ ଶିଳ୍ପପତିଙ୍କ ପକେଟକୁ ଯାଉଛି, କିନ୍ତୁ ବିଷାକ୍ତ ପାଣି ଓ ବ୍ୟାଧି ଆଦିବାସୀଙ୍କ ଭାଗ୍ୟରେ ଜୁଟୁଛି?

ଏହି 'ପରିବେଶଗତ ବର୍ଣ୍ଣବୈଷମ୍ୟ' (ଏନ୍‌ଭାର୍ୟନମେଣ୍ଟାଲ୍ ରାସିଜିମ୍) ଆମ ଶାସନ ବ୍ୟବସ୍ଥାର ଚରମ ବିଫଳତାକୁ ଦର୍ଶାଉଛି। ଓଡ଼ିଶା ଆଜି ଏକ ସନ୍ଧିକ୍ଷଣରେ ଛିଡ଼ା ହୋଇଛି। ୨୦୩୬ ମସିହାରେ ଆମେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବା। କିନ୍ତୁ ଆମେ କେଉଁପ୍ରକାର ଓଡ଼ିଶା ଗଢ଼ିବାକୁ ଚାହୁଁଛୁ? ବିକାଶର ଅର୍ଥ କେବଳ ରାସ୍ତା କିମ୍ବା ଡ୍ୟାମ୍ ନୁହେଁ। ବିକାଶର ପ୍ରକୃତ ଅର୍ଥ ହେଉଛି, ସମ୍ମାନଜନକ ସହାବସ୍ଥାନ। ଯଦି ଆଜିର ଶାସକବର୍ଗ ନିଜର ମୂଳଶୃଙ୍ଖଳାକୁ ଭୁଲି ଯାଆନ୍ତି, ତେବେ ଇତିହାସ ସେମାନଙ୍କୁ କେବେ କ୍ଷମା କରିବ ନାହିଁ।

ଭୁବନେଶ୍ୱର, ମୋ: ୭୦୦୮୧୯୦୧୬୦

# ସଂରକ୍ଷଣ ରାଜନୀତିର ଗତି କେଉଁଦିଗକୁ

**ମୀରା ବେଉରା**

ସ୍ୱାମୀ ବିବେକାନନ୍ଦ କହୁଥିଲେ ଯଦି ତୁମେ ଗୋଟିଏ ସମୃଦ୍ଧ ରାଷ୍ଟ୍ର ଗଢ଼ିବାକୁ ଚାହୁଁଛ ତେବେ ପ୍ରଥମେ ରାଷ୍ଟ୍ରର ଲୋକମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ପଡ଼ିବ। କିନ୍ତୁ ନେଲସନ୍ ମଣ୍ଡେଲାଙ୍କ କଥା ଟିକିଏ ଭିନ୍ନ ଥିଲା। ସେ କହିଥିଲେ - ଯଦି ତୁମେ କୌଣସି ରାଷ୍ଟ୍ରକୁ ଧ୍ୱଂସ କରିବାକୁ ଚାହୁଁଛ ତେବେ କୌଣସି କ୍ଷେପଣାସ୍ତ୍ରର ଆବଶ୍ୟକତା ନାହିଁ, ତୁମେ କେବଳ ତା'ର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଅ। ରାଷ୍ଟ୍ର ଆପେ ଆପେ ଧ୍ୱଂସ ହୋଇଯିବ। ଏହି ପ୍ରସଙ୍ଗ ଏଠାରେ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି - ଆମ ରାଜ୍ୟ ସରକାର ଅନୁସୂଚିତ ଜନଜାତି(ଏସ୍‌ଟି), ଅନୁସୂଚିତ ଜାତି(ଏସ୍‌ସି) ଏବଂ ସାମାଜିକ ଓ ଆର୍ଥିକ ପଛୁଆ ବର୍ଗ(ଓବିସି) ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାକ୍ଷେତ୍ରରେ ଯେଉଁ ସଂରକ୍ଷଣ ବ୍ୟବସ୍ଥା ଆଣିଛନ୍ତି ତାହା ଗୋଟିଏ ପଟେ ସମୃଦ୍ଧ ଓଡ଼ିଶା ଗଠନରେ ଆୟୁଧ ହେବ ବୋଲି ଆଶା କରାଯାଉଥିବା ବେଳେ ଅନ୍ୟପଟେ ରାଷ୍ଟ୍ରର ମେଧାବୀ ଛାତ୍ରଛାତ୍ରୀମାନଙ୍କ ଭାଗ୍ୟକୁ ଅନ୍ଧାରକୁ ଠେଲି ଦେବା ଭଳି ପରିସ୍ଥିତି ସୃଷ୍ଟି କରିବ।

ଦୁର୍ବଳ ଓ ପଛୁଆ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା କିଛି ଭୁଲ୍ ନୁହେଁ। ଏହାଦ୍ୱାରା ରାଷ୍ଟ୍ରର ବିକାଶ ସାଧନ ହେବ; କିନ୍ତୁ ପଛୁଆ ବର୍ଗଙ୍କ ବିକାଶ ଆଳରେ ଆମ ସମାଜର ମେଧାବୀ ଛାତ୍ରଛାତ୍ରୀମାନେ ଯେଉଁମାତ୍ରାରେ ଯୋଗ୍ୟତା ଥାଇ ମଧ୍ୟ ଅବହେଳାର ଶିକାର ହେବେ ତାହା ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ର ପାଇଁ କଦାପି ଗ୍ରହଣୀୟ ନୁହେଁ। ଏବେ ପ୍ରଥମ କରି ଓବିସିକୁ ମିଳିବାକୁ ଯାଉଛି ସଂରକ୍ଷଣ ସୁବିଧା। ଇତିହାସ କହେ ଏହି ସାମାଜିକ ନ୍ୟାୟର ରାଜନୀତି ଜନିତ ଆନ୍ଦୋଳନ ପ୍ରାୟତଃ ୯୦ଦଶକରୁ ସମଗ୍ର ଦେଶ ଓ ରାଜ୍ୟରେ ଆରମ୍ଭ ହୋଇଥିଲା। ୧୯୯୦ ମସିହାରେ ଜନତା ଦଳ ସରକାର ମଣ୍ଡଳ କମିଶନ ଲାଗୁ କରିଥିବା ବେଳେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହାକୁ ବିରୋଧ କରିଥିଲେ। ପରେ ସୁପ୍ରିକୋର୍ଟଙ୍କ ରାୟ ମଣ୍ଡଳ କମିଶନ ସପକ୍ଷରେ ଆସିବା ପରେ ବିଜୁବାବୁ ଓଡ଼ିଶାରେ ଏହାକୁ ଲାଗୁ କରିଥିଲେ। ଏହାପରେ ୨୦୧୩ରେ ନିଷ୍ପତ୍ତି ଅନୁଯାୟୀ ୨୦୨୬ ଏପ୍ରିଲ ୪ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଗଲା।

ଶିକ୍ଷାକ୍ଷେତ୍ରରେ ସଂରକ୍ଷଣରେ ପୂର୍ବରୁ ଏସ୍‌ଟି ଥିଲା ୧୨%, ଏବେ ହେଲା ୨୨.୫୦%। ଏସସି ଥିଲା ୮%, ଏବେ ହେଲା ୧୬.୨୫%। ଓବିସି ଆଗରୁ ନଥିଲା, ଏବେ କିନ୍ତୁ ହେଲା ୧୧.୨୫%। ପାଖାପାଖି ୫୦ଭାଗ ଶିକ୍ଷା ସଂରକ୍ଷଣ ବ୍ୟବସ୍ଥା ଆଣିଛନ୍ତି ରାଜ୍ୟ ସରକାର। ଅପରପକ୍ଷରେ ଆମ ରାଜ୍ୟର ସଂଖ୍ୟାଧିକ ହେଉଛନ୍ତି ସାଧାରଣ ବର୍ଗର। ଓବିସି ସଂଖ୍ୟା ମଧ୍ୟ ଦ୍ୱିତୀୟ ସର୍ବାଧିକ। କିନ୍ତୁ ସଂରକ୍ଷଣରେ ସେମାନଙ୍କୁ ସଂଖ୍ୟାନୁପାତିକ ପ୍ରାଧାନ୍ୟ ଦିଆଯାଇନାହିଁ। ରାଜ୍ୟ ସରକାରଙ୍କ ଏହି ନୂତନ ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ବହୁଳ ପରିମାଣରେ ମେଧାବୀ ନିଜ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେବେ। ଫଳରେ ସେମାନଙ୍କ ଭିତରେ ହୀନମନ୍ୟତା ସହ ହତାଶା ଭାବ ସୃଷ୍ଟି ହେବ। ଯଦିଓ ଏହି ବ୍ୟବସ୍ଥା ସମାଜର ଅନ୍ତିମଶ୍ରେଣୀରେ ଥିବା ପ୍ରତିଭାମାନଙ୍କ ସ୍ୱପ୍ନକୁ ସାକାର କରିବ; କିନ୍ତୁ ସାଧାରଣ ବର୍ଗର ମେଧାଶକ୍ତିକୁ ଏହା ନିଶ୍ଚିତ ଭାବେ କୁଠାରାଘାତ କରିବ। ଯେଉଁ ସରକାର ଗୋଟିଏ ଜାତିବିହୀନ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା କରିବା ପାଇଁ ଚାରିଆଡ଼େ ବିଭିନ୍ନ ଯୋଜନା ପ୍ରଣୟନ କରି ଦେଶକୁ ବିକାଶ କ୍ଷେତ୍ରରେ ଆଗେଇ ନେବାକୁ ସଂକଳ୍ପବଦ୍ଧ ସେହି ସରକାର ପୁଣି ନିଜେ ହିଁ ଆମ ଛାତ୍ରଛାତ୍ରୀମାନଙ୍କ ଭିତରେ ଏତେ ତାରତମ୍ୟ କିପରି ସୃଷ୍ଟି କରୁଛନ୍ତି?

ଆମେ ସମସ୍ତେ ଜାଣିଛେ ଆମ ଦେଶ ଦାରିଦ୍ର୍ୟ, ବେକାରୀ, ଅର୍ଥନୈତିକ ଅନଗ୍ରସରତା ଭଳି ଗୁରୁତର ସମସ୍ୟା ଦେଇ ଗତିକରୁଛି। ସବୁଠାରୁ ଉତ୍କଟ ସମସ୍ୟା ହେଉଛି ବେରୋଜଗାରୀ। ଏହି ସଂରକ୍ଷଣ ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କ ପାରମ୍ପରିକ ପାର୍ଥକ୍ୟକୁ ଆହୁରି ବିସ୍ତାରିତ କରିଦେବ ଏବଂ ଦେଶର ଐକ୍ୟ ଓ ନିଷ୍ଠାପରତା ପ୍ରତି ନିଶ୍ଚିତ ଭାବେ କୁଠାରଘାତ କରିବ। ଏଥିସହ ଅନେକ ଧନୀବର୍ଗର ଛାତ୍ରଛାତ୍ରୀ ଜାଲିଆତି କରି ମିଛ ଜାତିଗତ ପ୍ରମାଣପତ୍ର ଯୋଗାଡ଼ କରି ବୈଷୟିକ ଶିକ୍ଷାରେ ନାମ ଲେଖାଇବାକୁ ଚେଷ୍ଟା କରିବେ। ଶିକ୍ଷକ ଓ ଡାକ୍ତର ହେଉଛନ୍ତି ଦେଶର ମେରୁଦଣ୍ଡ। ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ସେମାନେ ଯଦି ଦେଶ ସେବାରେ ଲାଗନ୍ତି ତେବେ ଦେଶ ବିକାଶ କ୍ଷେତ୍ରରେ ଆଗେଇ ପାରିବ ନାହିଁ। ଗୋଟିଏ ଜାତି ଧ୍ୱଂସ ହୋଇଯିବ। ସଂରକ୍ଷଣ ହେଉଛି ଏଭଳି ଏକ ବ୍ୟବସ୍ଥା, ଯାହା ଜାତୀୟ ମେଧାର ଏକ ପ୍ରାୟୋଜିତ ମେଧାବୀ ହତ୍ୟା।

ଶେଷରେ ଏତିକି କୁହାଯାଇପାରେ ଯେ ଶିକ୍ଷାକୁ ଯଦି ରୋଜଗାରର ମାଧ୍ୟମ ବୋଲି ଗ୍ରହଣ କରାଯାଏ ତେବେ ତାହା କେବେବି ଯୋଗ୍ୟ ପରିଧି ଭିତରେ ସୀମିତ ରହିବ ନାହିଁ। ଶିକ୍ଷା ନୈତିକ ମୂଲ୍ୟବୋଧର ଆଧାର ହେଉ ଏବଂ ଶିକ୍ଷକତା ଜୀବନର ବ୍ରତ ହେଉ।

ଗୋଟିଏ କଥା ନିଶ୍ଚିତ ଭାବେ ଆମକୁ ଆଶ୍ଚର୍ଯ୍ୟ କରୁଛି ଯେ ରାଷ୍ଟ୍ର ସ୍ୱାଧୀନ ହେବାର ୭୮ ବର୍ଷ ପରେ ଏବଂ ସରକାରଙ୍କ ଏତେ ଯୋଜନା ସତ୍ତ୍ୱେ କ'ଣ ଆମ ଦେଶରେ ପଛୁଆ ବର୍ଗ ତଥା ଏସ୍‌ଟି ଓ ଏସ୍‌ସି ବର୍ଗର ଲୋକମାନଙ୍କର ଆର୍ଥିକ ସୁଧାର ହୋଇପାରି ନାହିଁ। ଅନ୍ୟପଟେ ସବୁ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ନିଜର ଉତ୍କର୍ଷ ପ୍ରତିପାଦନ କରିପାରିବେ ନାହିଁ? ତେଣୁ ଏହି ବ୍ୟବସ୍ଥା ଆମ ସମାଜରେ ଗୋଟିଏ କୁତ୍ସିତ ପ୍ରଥା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ର ବିକାଶରେ ବାଧା ସୃଷ୍ଟି କରିବ। ମେଧା ହନନ ପ୍ରକ୍ରିୟା ଆରମ୍ଭ ହେବା ସହ ଦେଶର ଐକ୍ୟ, ନିଷ୍ଠାପରତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିବ। ତେଣୁ ନିୟମରେ ପରିବର୍ତ୍ତନ ଆଣିବା ନିହାତି ଆବଶ୍ୟକ। ଆଦିବାସୀ ଅଞ୍ଚଳରେ ସ୍ୱତନ୍ତ୍ର ଶିକ୍ଷାକେନ୍ଦ୍ରମାନ ଖୋଲିବା ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି କାହିଁକି? ଦେଶର ଐକ୍ୟନିଷ୍ଠତା ଉପରେ ଆଞ୍ଚ ନ ଆଣି ଯୋଜନାବଦ୍ଧ ଭାବେ ପ୍ରତ୍ୟେକ ଛାତ୍ରର ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥା ଲାଗୁ ନ କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ଆବଶ୍ୟକ। କିନ୍ତୁ ଦୁର୍ବଳବର୍ଗଙ୍କୁ ରାଷ୍ଟ୍ର ବିକାଶର ମୁଖ୍ୟସ୍ରୋତକୁ ଆଣିବା ଆଳରେ ସରକାର ଯଦି ମେଧାବୀ ଛାତ୍ରଛାତ୍ରୀଙ୍କୁ ବଳି ପକାନ୍ତି ତେବେ ଇତିହାସ ଆମକୁ କଦାପି କ୍ଷମା ଦେବ ନାହିଁ।


କଟକ, ମୋ: ୭୮୪୬୯୨୧୪୦୦

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**ସ୍ତମ୍ଭ ଲେଖ:** ଅଶୋକଙ୍କ ଛଅଟି ଅନୁଶାସନ ଖୋଦିତ ବାଲୁକାପଥର (ସ୍ୟାଣ୍ଡଷ୍ଟୋନ) ସ୍ତମ୍ଭ ଉତ୍ତରପ୍ରଦେଶର ମିରଟ ଓ ଏଲାହାବାଦ; ବିହାରର ଲଉରିଆ-ଅରାରାଜ (ରାଧିଆ ନିକଟରେ) ଲଉରିଆ-ନନ୍ଦନଗଡ଼ (ମାଥିଆ ନିକଟରେ) ଏବଂ ରାମପୂର୍ବଠାରେ ରହିଛି। ବିହାରରେ ରହିଥିବା ସ୍ତମ୍ଭ ସବୁ ଚମ୍ପାରନ ଅଞ୍ଚଳରେ। ଏହି ସମସ୍ତ ସ୍ତମ୍ଭର ଲେଖା ପ୍ରାୟ ସମାନ, କିନ୍ତୁ ସଂରକ୍ଷଣ ସନ୍ତୋଷଜନକ ନୁହେଁ। ଛଅଗୋଟି ସ୍ତମ୍ଭର ଏହି ପର୍ଯ୍ୟାୟ ବ୍ୟତୀତ ଅନ୍ୟ ଗୋଟିଏ ସ୍ତମ୍ଭ ମୂଳତଃ ତୋପରାଠାରେ ମିଳିଛି। ଏହି ସ୍ଥାନଟି ହରିୟାନାର ଆମ୍ବାଲା ଓ ସିର୍ସା ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ। ଉପରେ କାନ୍ଦାହାରରେ ରହିଥିବା ଏକ ଶିଳାଲେଖର ସପ୍ତମ ସ୍ତମ୍ଭଲେଖର କିଛିଅଂଶ ଖୋଦିତ ହୋଇଥିବା ଦର୍ଶାଯାଇଛି। ଉଭୟ ମିରଟ ଏବଂ ତୋପ୍‌ରା ସ୍ତମ୍ଭକୁ ସୁଲତାନ ଫିରୋଜ ଶାହ ଦିଲ୍ଲୀ ଅଣାଇ ଏଠାରେ ସ୍ଥାପନ କରିଛନ୍ତି। ପୁଣି ମଧ୍ୟ ଏଲାହାବାଦ ସ୍ତମ୍ଭ ପ୍ରଥମରୁ କୋଶମ୍ବୀ (ବର୍ତ୍ତମାନ କୋଶମ) ଠାରେ ରହିଥିଲା। କାହା ଦ୍ୱାରା ଓ କିପରି ଏହା ପ୍ରାୟ ପଚାଶ କିଲୋମିଟର ଦୂରରେ ଥିବା ନୂତନ ସ୍ଥାନ ଏଲାହାବାଦ ଆସିଲା ତାହା ଜଣାନାହିଁ। ଉପରୋକ୍ତ ଛଅଗୋଟି ସ୍ତମ୍ଭ ଅନୁଶାସନ ପର୍ଯ୍ୟାୟ ବ୍ୟତୀତ ଅଶୋକଙ୍କ ଅନ୍ୟ ଦୁଇଗୋଟି ଅନୁଶାସନ ଏଥିରେ ରହିଛି। ଏଗୁଡ଼ିକ କ୍ଷୁଦ୍ର ସ୍ତମ୍ଭଲେଖ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ।



ଓଡ଼ିଶାର ବୌଦ୍ଧ ପରମ୍ପରା

ଜାଲ୍ ଅଥବା ନକଲି ଶିଳାଲେଖ: ରୁମିନ୍‌ଦେଇ ସ୍ତମ୍ଭଲେଖର ଏକ ନକଲ ଅଭିଲେଖ ଓଡ଼ିଶାର ଅବିଭକ୍ତ ପୁରୀ ଜିଲ୍ଲା ଅନ୍ତର୍ଗତ ଅଞ୍ଚଳରୁ ମିଳିଛି ଏବଂ ଏହା କଲିକତା ବିଶ୍ୱଦ୍ୟାଳୟ ସଂଲଗ୍ନ ଆଶୁତୋଷ ସଂଗ୍ରହାଳୟରେ ସଂରକ୍ଷିତ। ସମାନ ଧରଣର ସମାନ ସ୍ତମ୍ଭଲେଖର ଅନ୍ୟ ଏକ ନକଲି ଅଭିଲେଖ ଅର୍ତ୍ତମାନ ମଥୁରା ସଂଗ୍ରହାଳୟରେ ରହିଛି। ସେହିଭଳି ଶାହବାଜଗଡ଼ିର ସପ୍ତମ ଶିଳାଲେଖର ଗୋଟିଏ ପଥରପାତ୍ରରେ ଖୋଦିତ ଅଂଶବିଶେଷ ବମ୍ବେଠାରେ 'ପ୍ରିନ୍ସ ଅଫ୍ ୱେଲ୍ସ ମ୍ୟୁଜିୟମରେ ରହିଛି। ଏଇଟିକୁ ଏକ ସଦ୍ୟ ନକଲି ନମୁନା ଭାବେ ଗ୍ରହଣ କରାଯାପାରେ।

**ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ:** ଏଗୁଡ଼ିକ ହେଉଛି ସମ୍ରାଟ ଅଶୋକଙ୍କ ଦ୍ୱାରା ଖୋଦିତ ଦୁଇଟି ସ୍ୱତନ୍ତ୍ର ବାର୍ତ୍ତା, ଯାହା କେବଳ କଳିଙ୍ଗର ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। ଏହି ଲେଖଗୁଡ଼ିକ ଧଉଳି (ଭୁବନେଶ୍ୱର ନିକଟରେ) ଏବଂ ଜଉଗଡ଼ (ଗଞ୍ଜାମ ଜିଲ୍ଲା)ରୁ ମିଳିଛି। ଏଗୁଡ଼ିକର ମୁଖ୍ୟ ତାତ୍ପର୍ଯ୍ୟ: (୧) 'ସବେ ମୁନିସେ ପଜା ମମ' - ଏହାର ଅର୍ଥ ହେଉଛି 'ସମସ୍ତ ମନୁଷ୍ୟ ମୋର ସନ୍ତାନ'। ଅଶୋକ କଳିଙ୍ଗବାସୀଙ୍କୁ ନିଜର ସନ୍ତାନ ଭଳି ଭଲ ପାଉଥିଲେ ଏବଂ ସେମାନଙ୍କର ସୁଖ ସମୃଦ୍ଧି ଚାହୁଁଥିଲେ। (୨) ପ୍ରଶାସନିକ ନିର୍ଦ୍ଦେଶ - ଏଥିରେ କଳିଙ୍ଗର ଅଧିକାରୀମାନଙ୍କୁ (ମହାମାତ୍ର) ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ଜନସାଧାରଣଙ୍କ ପ୍ରତି ନ୍ୟାୟପୂର୍ଣ୍ଣ ଏବଂ ଦୟାଳୁ ହେବେ, କୌଣସି ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଯେପରି କାରାଦଣ୍ଡ ଅଥବା ଶାରୀରିକ ନିର୍ଯାତନା ଦିଆ ନ ଯିବ। (୩) କଳିଙ୍ଗ ଯୁଦ୍ଧ ପରବର୍ତ୍ତୀ ବାର୍ତ୍ତା - ଏହି ଶିଳାଲେଖଗୁଡ଼ିକ ଯୁଦ୍ଧର ଭୟାବହତା ପରେ ଅଶୋକଙ୍କ ହୃଦୟ ପରିବର୍ତ୍ତନ ଏବଂ ପ୍ରେମ, ଶାନ୍ତି ଓ ଧର୍ମ ପ୍ରତି ତାଙ୍କର ଅନୁରାଗକୁ ପ୍ରକାଶ କରେ।

ସରଳ ଭାଷାରେ, ଏହା କଳିଙ୍ଗବାସୀଙ୍କୁ ଦିଆଯାଇଥିବା ଅଶୋକଙ୍କ 'ପିତୃସୁଲଭ ବାର୍ତ୍ତା' ଥିଲା, ଯେଉଁଥିରେ ସେ ନିଜ ପ୍ରଜାଙ୍କୁ ନିଜ ପିଲାଙ୍କ ଭଳି ଭଲ ପାଇବା ଏବଂ ସେମାନଙ୍କର ହିତ ସାଧନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଟ୍ରକ ପଛରେ ଧକ୍କା ହେଲା ବସ୍
# ଜଣେ ମୃତ, ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ



**ଅନୁଗୋଳ, ୫।୬(ସମିସ):** ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅନ୍ତର୍ଗତ ବଇଣ୍ଡା ଲୁହାମୁଣ୍ଡା ନିକଟରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା। ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାଉଥିବା 'ଦିଲଖୁସ୍' ବସ୍ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ୨ରୁ ୩ଟା ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଏତେ ଜୋରଦାର ହୋଇଥିଲା ଯେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକ, ପୁଲିସ ଓ ଅଗ୍ନିଶମ ବାହିନୀ ଆହତମାନଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ୧୪ଜଣଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଫେରାର୍ ଦୁଷ୍କର୍ମ ଅଭିଯୁକ୍ତ ମୌଲାନା ଗିରଫ

**କଟକ,୫।୬(ସମିସ):** ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁର ଅଞ୍ଚଳରେ ୬ବର୍ଷ ପୂର୍ବରୁ ହୋଇଥିବା ଏକ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ କମିଶନରେଟ୍ ପୁଲିସ ସଫଳ ହୋଇଛି। ଏହି ମାମଲାରେ ଫେରାର୍ ଥିବା ଅଭିଯୁକ୍ତ ପଦ୍ମପୁର ମୁତାରିଫା ଗ୍ରାମର ମୌଲାନା ସେକ୍ ନଜିମୁଲ ଅରଫିନ୍ ଓରଫ ହାଫିଜ୍ (୪୫)କୁ ଜଗତପୁର ଥାନା ପୁଲିସ ଗିରଫ କରିଛି। ଟାଟା ଜାମସେଦପୁରରୁ ଅଭିଯୁକ୍ତ ମୌଲାନାଙ୍କୁ ପୁଲିସ ଧରିଛି। ତାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଅଭିଯୁକ୍ତ ମୌଲାନା ଜଣେ ମହିଳାଙ୍କ ଅସୁସ୍ଥ ସ୍ୱାମୀଙ୍କ ଚିକିତ୍ସା କରିବା ଆଳରେ ତାଙ୍କ ସହ ଦୀର୍ଘ ଦିନ ଶାରୀରିକ ସମ୍ପର୍କ ରଖିଥିଲା। ୨୦୧୮ ମସିହାରେ ଏହି ଘଟଣା ଘଟିଥିଲା ଓ ପରେ ଏନେଇ ମହିଳାଜଣଙ୍କ ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ପରେ ମୌଲାନା ପୁଲିସ ଆଖିରେ ଧୂଳି ଦେଇ ରାଜ୍ୟ ବାହାରକୁ ଚାଲିଯାଇଥିଲା। ଏବେ ପୁଲିସ ପୁରୁଣା ମାମଲାକୁ ପୁଣି ତଦନ୍ତ କରି ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ ଜାମସେଦପୁରରେ ପହଞ୍ଚିଥିଲା। ସେଠାରେ ସ୍ଥାନୀୟ ପୁଲିସ ସହଯୋଗରେ ଅଭିଯୁକ୍ତ ମୌଲାନାଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଏହା ଜାଣିବା ପରେ ମୌଲାନାଜଣକ ବେଶ ବଦଳାଇ ଏକ ଭେଣ୍ଡିଂ ଜୋନ୍ ନିକଟରେ ଥିବା ଲୁଗା ଦୋକାନରେ ଲୁଚିଥିଲା। ପୁଲିସ ପ୍ରଥମେ ତାକୁ କାବୁ କରିବାକୁ ଚେଷ୍ଟା କରିଥିଲା, ହେଲେ ସେ ଖସିଯିବାକୁ ବସିଥିଲା। ତାକୁ ଜଗତପୁର ଥାନା ପୁଲିସ ଓ ସ୍ଥାନୀୟ ଥାନା ପୁଲିସ କାବୁ କରି ନେଇଥିଲେ। ତାକୁ ପ୍ରଥମେ ଜଗତପୁର ଥାନା ହାଜତରେ ରଖାଯାଇଥିଲା। ପରେ ଡିସିପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ଜେରା କରାଯାଇଥିଲା। ଏହି ଘଟଣାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାକୁ କୋର୍ଟ ଚାଲାଣ କରାଯାଇଥିଲା। ତା' ବିରୋଧରେ ବିଏନଏସ୍ ଦଫା, ୟୁ/ଏସ୍ ୩୭୬(୨)(ଏନ୍)/୫୦୬ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଡିସିପି ଖିଲାର ଋଷିକେଶ ଦ୍ୟାନଦେଓ କହିଛନ୍ତି ଯେ ଯଦି କାହାର ଶାରୀରିକ ଅସୁସ୍ଥତା ରହିଛି, ତେବେ ସେମାନେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏଭଳି କୌଣସି ଠକ କିମ୍ବା ମୌଲାନା ଯଦି ଚିକିତ୍ସା କରିଦେବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି, ପୁଲିସରେ ଜଣାଇବାକୁ ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଥୟ କରୁଛି...

ବିଦ୍ୟୁତର ଅଭାବ) ଏବଂ ସହରଗୁଡ଼ିକର ସବୁଜିମା ଭଳି ମୁକାବିଲା କ୍ଷମତାକୁ ଆଧାର କରି ମାପ କରାଯାଇଛି। ଭାରତର ମହାରାଷ୍ଟ୍ରରୁ ସର୍ବାଧିକ ୩ଟି ସହର ଏହି ତାଲିକାରେ ଅଛନ୍ତି – ନାଗପୁର (୪ର୍ଥ), ପୁଣେ (୨୩ତମ) ଏବଂ ମୁମ୍ବାଇ (୪୬ତମ)। ତାମିଲନାଡୁ (ଚେନ୍ନାଇ, ମାଦୁରାଇ) ଏବଂ ଉତ୍ତର ପ୍ରଦେଶରୁ (କାନପୁର, ଲକ୍ଷ୍ନୌ) ୨ଟି ଲେଖାଏଁ ସହର ସାମିଲ ଅଛନ୍ତି। ଭାରତୀୟ ସହରଗୁଡ଼ିକ ମଧ୍ୟରେ ଅହମଦାବାଦ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଦୁରାଇ (୭ମ), ଭୋପାଳ (୧୫ଶ) ଏବଂ କାନପୁର (୨୦ତମ) ସ୍ଥାନରେ ରହିଛି। ଏହାଛଡ଼ା ବେଙ୍ଗାଲୁରୁ, ପାଟନା, ଜୟପୁର, ହାଇଦ୍ରାବାଦ ଏବଂ କୋଲକାତା ମଧ୍ୟ ଏହି ତାଲିକାରେ ଅଛନ୍ତି। ଏଲ୍ ନିନୋ ପ୍ରଭାବ ଯୋଗୁଁ ଚଳିତ ବର୍ଷ ମାର୍ଚ୍ଚ ମାସରୁ ଅନେକ ସହରରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗବେଷକମାନେ କେବଳ ଏୟାର କଣ୍ଡିସନର (ଏସି) ଉପରେ ନିର୍ଭର ନକରିବାକୁ ଚେତାବନୀ ଦେଇଛନ୍ତି, କାରଣ ଏହା ବାୟୁମଣ୍ଡଳକୁ ଅଧିକ ଗରମ କରିଥାଏ। ଏହାର ସମାଧାନ ପାଇଁ ସହରଗୁଡ଼ିକରେ ଗଛଲତା ବଢ଼ାଇବା ଏବଂ କମ୍ ବିଦ୍ୟୁତ ଖର୍ଚ୍ଚ ହେଉଥିବା ପାରମ୍ପରିକ ପଙ୍ଖା ବା କୁଲର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି।

### ଅସହ୍ୟ ଗୁଳୁଗୁଳିରେ...

ହେଉଥିବା ତାପମାତ୍ରା ବା "ହିଟ୍ ଇଣ୍ଡେକ୍ସ' ୪୫-୫୦ ଡିଗ୍ରୀ ଲାଗୁଛି। ଏହି କ୍ରମରେ ଭୁବନେଶ୍ୱରରେ ଦିନ ୨ଟା ୩୦ ସୁଦ୍ଧା ତାପମାତ୍ରା ୪୧ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ହିଟ୍ ଇଣ୍ଡେକ୍ସ ୫୦ ଡିଗ୍ରି ଅନୁଭୂତ ହୋଇଛି।

ପାଣିପାଗ ବିଭାଗ ଅନୁସାରେ, ଏଭଳି ସ୍ଥିତି ଆହୁରି ୪ ଦିନ ପର୍ଯ୍ୟନ୍ତ ଜାରି ରହିବ। ଯଦିଓ ଏହି ସମୟରେ ଅନେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ, ମାତ୍ର ମୌସୁମୀ ଆଗମ ପୂର୍ବରୁ ବାୟୁମଣ୍ଡଳରେ ପ୍ରଚୁର ଜଳୀୟବାଷ୍ପ ରହୁଥିବା ହେତୁ ଗୁଳୁଗୁଳି ମଧ୍ୟ ଅଧିକ ରହିବ। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ, ଏବେ ସକାଳ ୭-୮ ଟା ବେଳୁ ହିଁ ଖରା ଆରମ୍ଭ ହୋଇ ଗୁଳୁଗୁଳି ହେଉଛି। ରାତିରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହୁଥିବା ହେତୁ ଶୋଇବା କଷ୍ଟକର ହେଉଛି। ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ରହୁଥିବାରୁ ଶରୀରରୁ ବାହାରୁଥିବା ଝାଳ ଶୁଖୁନାହିଁ। ଫଳରେ ମନୁଷ୍ୟ ଶରୀର ନିଜକୁ ପ୍ରାକୃତିକ ଭାବେ ଥଣ୍ଡା କରିବାରେ ବିଫଳ ହେଉଛି ଏବଂ ଗରମର ପ୍ରକୋପ ଦୁଇଗୁଣା ଅଧିକ ଅନୁଭୂତ ହେଉଛି। ଶନିବାର ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ବରଗଡ଼, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଓ ନୟାଗଡ଼ରେ ଗରମ ଗୁଳୁଗୁଳି ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ କାଳବୈଶାଖୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି।

### ୬ଟି ରାଜ୍ୟର...

ଅଭିଯୁକ୍ତମାନେ ବେଆଇନ ଭାବେ ଅର୍ଜନ କରିଥିବା ଅର୍ଥକୁ ବିଭିନ୍ନ ମାଧ୍ୟମରେ ବିନିଯୋଗ କରି ପ୍ରାୟ ୪୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ସୃଷ୍ଟି କରିଛନ୍ତି। ଅଭିଯୁକ୍ତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଅନେକ ସ୍ଥାବର ସମ୍ପତ୍ତିର କାଗଜପତ୍ର ମଧ୍ୟ ହସ୍ତଗତ ହୋଇଛି। ଇଡିର ସନ୍ଦେହ ଅନୁଯାୟୀ, ବେଆଇନ ଆୟକୁ ବୈଧ ରୂପ ଦେବା ପାଇଁ ଏକ ଜଟିଳ ନେଟୱର୍କ ଜରିଆରେ ନକଲି କ୍ରୟ-ବିକ୍ରୟ ଏବଂ ଆର୍ଥିକ କାରବାର କରାଯାଉଥିଲା। ତିରୁପତି ଲଡୁ ସହ ଜଡ଼ିତ ଏହି ଦୁର୍ନୀତି ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ଇଡିର ଏହି ଆକ୍ସନ ପରେ ଆର୍ଥିକ ଅନିୟମିତତାର ତଦନ୍ତ ଆହୁରି ଜୋରଦାର ହୋଇଛି।

### ମିଳିଲାନି ନ୍ୟାୟ...

ଜୀବନ ଥିବାବେଳେ ତ ନ୍ୟାୟ ମିଳିଲା ନାହିଁ, ଅନ୍ତତଃ ମୃତ୍ୟୁ ପରେ ନ୍ୟାୟ ଦିଅ ବୋଲି ପରିବାର ଲୋକ ଦାବି କରିଛନ୍ତି। ଥାନା ସମ୍ମୁଖରେ ମୃତ ଉପେନ୍ଦ୍ରଙ୍କ ଶବ ରଖି ତାଙ୍କର ପରିବାର ଲୋକମାନେ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁସାରେ କାକଟପୁର ବ୍ଲକ୍ ବର୍ଜିସାହିର ଉପେନ୍ଦ୍ର ରାଉତ ଏକ ଜମିଜମା ବିବାଦ ନେଇ ବାରମ୍ବାର କାକଟପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଥାନାକୁ ଯାଇଥିଲେ ମଧ୍ୟ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଏପରିକି ଥାନାରେ କାର୍ଯ୍ୟରତ ଜଣେ ମହିଳା ପୁଲିସ କର୍ମଚାରୀ ତାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ। ସହାୟତା ଓ ଆଇନଗତ ପରାମର୍ଶ ଦେବା ପରିବର୍ତ୍ତେ ତାଙ୍କୁ ମାନସିକ ଭାବେ ଭୟଭୀତ କରିଥିଲେ। ତମ ପାଖରେ ଟଙ୍କା ନାହିଁ, ତମେ କୋର୍ଟ ଯାଇପାରିବ ନାହିଁ, ତମ ପାଖରେ ଶକ୍ତିଶାଳୀ ଲୋକ ନାହାନ୍ତି, ତେଣୁ ଅଭିଯୋଗ ଉଠାଇ ନିଅ ବୋଲି ପରୋକ୍ଷରେ ଧମକ ଦେଇଥିଲେ। ମହିଳା ପୁଲିସ କର୍ମଚାରୀ ତାଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ ବୋଲି ମୃତ ଉପେନ୍ଦ୍ରଙ୍କ ପରିବାର ଅଭିଯୋଗ କରିଛନ୍ତି । ଏକ ପକ୍ଷରେ ପ୍ରତିପକ୍ଷର ଧମକ ଓ ଅନ୍ୟପକ୍ଷରେ ପୁଲିସର ମାନସିକ ଚାପ ଉପେନ୍ଦ୍ରଙ୍କୁ ମାନସିକ ଭାବରେ ଦୁର୍ବଳ କରି ଦେଇଥିଲା। ଭୟ, ମାନସିକ ଚାପ ଓ ନ୍ୟାୟ ନ ମିଳିବାର ଅନିଶ୍ଚିତତା ଯୋଗୁଁ ସେ ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି ବୋଲି ତାଙ୍କ ପରିବାର ଲୋକମାନେ ଅଭିଯୋଗ କରିବା ସହ ଶବ ରଖି ଥାନା ଆଗରେ ଧାରଣା ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି । ଯଦି ନ୍ୟାୟ ଆଶାରେ ଥାନାକୁ ଯାଇଥିବା ଜଣେ ସାଧାରଣ ନାଗରିକ ନିଜକୁ ଅସହାୟ ଓ ଭୟଭୀତ ଅନୁଭବ କରନ୍ତି, ତେବେ ସେ ନ୍ୟାୟ ପାଇଁ କେଉଁଠିକୁ ଯିବେ? ପରିବାର ଓ ସ୍ଥାନୀୟ ବାସିନ୍ଦାମାନେ ଘଟଣାର ନିରପେକ୍ଷ ନ୍ୟାୟିକ କିମ୍ବା ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ତେବେ ଉପେନ୍ଦ୍ରଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ସଂପର୍କରେ ପୁଲିସ କୌଣସି ପ୍ରତିକ୍ରିୟା ଦେଇନାହିଁ। ଘଟଣାର ପ୍ରକୃତ ସତ୍ୟ କେବଳ ଏକ ନିରପେକ୍ଷ ତଦନ୍ତ ପରେ ହିଁ ସାମ୍ନାକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ...

ମୁହଁ ଦେଖିବାକୁ ମିଳିବାରୁ ଏପରି ଚରମ ପଦକ୍ଷେପ ନେଇଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସରକାରୀ କାର୍ଯ୍ୟାଳୟ ଭିତରେ ଘଟିଥିବା ଏହି ଅଘଟଣ, ଜନସାଧାରଣଙ୍କ ସମସ୍ୟା ସମାଧାନ ବ୍ୟବସ୍ଥା, ପ୍ରଶାସନିକ ଜବାବଦେହୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ, ସୁରକ୍ଷିତ ବିବେଚିତ ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ କାର୍ଯ୍ୟାଳୟ ଭିତରେ କିପରି ଏଭଳି ଏକ ଅଘଟଣ ଘଟିଲା ଏବଂ କେହି ଏହାକୁ ଅଟକାଇପାରିଲେ ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାନୁଯାୟୀ, ପରିବାର ସହ ଶ୍ରୀଚନ୍ଦନ ଦୀର୍ଘ ବର୍ଷ ଧରି କେନ୍ଦ୍ରାପଡ଼ା ସହରର ବାସୁଲେଇରେ ରହୁଥିଲେ। ତାଙ୍କ ପରିବାର ଆର୍ଥିକ ଅନଟନ ମଧ୍ୟରେ ଗତି କରୁଥିବା ବେଳେ ସେ କିଛି ପୈତୃକ ଜମି ବିକ୍ରି କରିବାକୁ ଚାହୁଁଥିଲେ। ଏହାକୁ ନେଇ ଭାଇମାନଙ୍କ ସହ ତାଙ୍କର ବିବାଦ ରହିଥିଲା। କେଉଁ ପୁରୁଷରୁ ଜମିର ଉତ୍ତରାଧିକାରୀ ପରିବର୍ତ୍ତନ ହୋଇନଥିବାରୁ ଜମି ବିକିବାରେ ତାହା ବାଧକ ସାଜିଥିଲା। ଏହାର ସମାଧାନ ପାଇଁ ସେ ଆର୍‌ଆଇ ଅଫିସ୍‌ଠାରୁ ଆରମ୍ଭ କରି ତହସିଲ ଅଫିସ୍‌କୁ ବାରମ୍ବାର ଦୌଡ଼ିଥିଲେ ହେଁ ଆଶା, ଶାନ୍ତ୍ୱନା ବ୍ୟତୀତ ତାଙ୍କୁ ଅନ୍ୟ କିଛି ମିଳିନଥିଲା। ତେଣୁ, ସେ ଆଜି ଜିଲ୍ଲାପାଳଙ୍କ ଅଫିସ୍‌କୁ ଏହି ଅଭିଯୋଗ ନେଇ ଯାଇଥିଲେ। କିନ୍ତୁ ସେଠାରେ ବି ନିରାଶାର ମୁହଁ ଦେଖିବାକୁ ମିଳିବାରୁ ବେକରେ ଗାମୁଛା ବାନ୍ଧି ଜିଲ୍ଲାପାଳଙ୍କ ଅଫିସ୍‌ର ଶିଡି ରେଲିଂରେ ଝୁଲି ପଡ଼ିଥିଲେ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବିରାଦରୀ ପ୍ରୀତି...

ବିରାଦରୀ ପ୍ରୀତି ଏଡ଼ିଜିଙ୍କ ଚାରିପଟେ ସୁରକ୍ଷା ବଳୟ ସୃଷ୍ଟି କରି ତାଙ୍କୁ ବଞ୍ଚାଇ ଦେଇଥିବା କୁହାଯାଉଛି। ଏନ୍‌ଏଚ୍‌ଆରସିଙ୍କ ଗସ୍ତ ସୂଚନା ମିଳିବା ପରେ ସୌମ୍ୟଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଅଭିଯୋଗ ସଂକ୍ରାନ୍ତରେ ଆଗୁଆ ତଦନ୍ତ କରାଯାଇ ଏହାର ରିପୋର୍ଟ ଏନ୍‌ଏଚ୍‌ଆରସି ନିକଟରେ ଆଗୁଆ ଦାଖଲ କରାଯାଇଥିବା ସୂଚନା ମିଳିଛି। ତେଣୁ ଅଣ୍ଟି ଭବନରେ ଏନ୍‌ଏଚ୍‌ଆର୍‌ସିଙ୍କ ତଦନ୍ତ ସମୟରେ କେବଳ ରେଳବାଇ ପୁଲିସ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କୌଣସି ଆଇପିଏସ୍ ହାଜର ହୋଇ ନାହାନ୍ତି ।

ସୂଚନାନୁସାରେ ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଏଡିଜି ଦୟାଳ ଗଙ୍ଗୱାର ତାଙ୍କ ଘରେ ବେଆଇନ୍ ଭାବେ ବେଠି ଖଟାଉଥିବା ସଂକ୍ରାନ୍ତରେ ହୋଇଥିବା ଅଭିଯୋଗର ଗୋପନ ତଦନ୍ତ ଦାୟିତ୍ୱ ରେଳବାଇ ଓ ଉପକୂଳ ସୁରକ୍ଷା ଏଡ଼ିଜିଙ୍କୁ ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଏ ସଂକ୍ରାନ୍ତରେ ରେଳବାଇ ଏଡ଼ିଜିଙ୍କୁ ମଇ ୨୬ ତାରିଖରେ ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ତଦନ୍ତ ପାଇଁ ଚିଠି ଲେଖିଥିଲେ। ଏଡ଼ିଜି ଶ୍ରୀ ଗଙ୍ଗୱାର ରେଳବାଇ କନଷ୍ଟେବଳ ସୌମ୍ୟରଞ୍ଜନଙ୍କୁ କି ପ୍ରକାର କାର୍ଯ୍ୟରେ ନିୟୋଜିତ କରିଥିଲେ, ଏହା ବ୍ୟକ୍ତିଗତ କାର୍ଯ୍ୟ ଥିଲା କି ନାହିଁ ଓ ଏଥିରେ ମାନବାଧିକାର ଉଲ୍ଲଂଘନ ହୋଇଛି କି ନାହିଁ, ସେ ସମ୍ପର୍କରେ ତଦନ୍ତ ପାଇଁ କୁହାଯାଇଥିଲା। ଶ୍ରୀ ଗଙ୍ଗୱାରଙ୍କ ବିରୋଧରେ ସୌମ୍ୟଙ୍କ ପରିବାରର ଲୋକେ କ୍ରମାଗତ ଭାବେ ଏନେଇ ଅଭିଯୋଗ କରିଥିଲେ ମଧ୍ୟ ଏ ସମ୍ପର୍କରେ ପୁଲିସ କର୍ଣ୍ଣପାତ କରୁ ନ ଥିଲା; ମାତ୍ର ଏନ୍‌ଏଚ୍‌ଆର୍‌ସିଙ୍କ ଟିମ୍ ଓଡ଼ିଶା ଆସିବା କଥା ଶୁଣି କ୍ରାଇମ୍‌ବ୍ରାଞ୍ଚ ତୁରନ୍ତ ସକ୍ରିୟ ହୋଇ ଏହାର ତଦନ୍ତ ପାଇଁ ଚିଠି ଲେଖିବା ପଛରେ ଏଡିଜିଙ୍କୁ ବଞ୍ଚାଇବା ଏକମାତ୍ର ଲକ୍ଷ୍ୟଥିବା ସନ୍ଦେହ କରାଯାଉଛି।

ମାତ୍ର ୪ଦିନ ମଧ୍ୟରେ ଏଡ଼ିଜିଙ୍କ ବିରୋଧରେ ତଦନ୍ତ ଶେଷ କରି ଏନ୍‌ଏଚ୍‌ଆରସି ଓଡ଼ିଶାରେ ପହଞ୍ଚିବାର ଗୋଟିଏ ଦିନ ପୂର୍ବରୁ ତଦନ୍ତ ଶେଷ ହୋଇଥିଲା। ଏହି ରିପୋର୍ଟ ରାଜ୍ୟ ପୁଲିସ ଏଚ୍‌ଆର୍‌ପିସିକୁ ମଧ୍ୟ ପ୍ରଦାନ କରିଥିଲା। ସେହିପରି ତଦନ୍ତ ଆରମ୍ଭ ହେବା ଦିନ ଶ୍ରୀ ଗଙ୍ଗୱାରଙ୍କୁ ଗୃହ ବିଭାଗକୁ ଓଏସ୍‌ଡ଼ି ଭାବରେ ବଦଳି କରାଯାଇଥିଲା। ତେଣୁ ପୁଲିସ ଡ଼ିଜିଙ୍କ ଅନୁମୋଦନକ୍ରମେ ଏଡ଼ିଜିଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ, ଗୃହ ବିଭାଗକୁ ବଦଳି ଆଦି ଘଟଣା ଶ୍ରୀ ଗଙ୍ଗୱାରଙ୍କ ଚାରିପଟେ ଏକ ସୁରକ୍ଷା ବଳୟ ସୃଷ୍ଟି ଯୋଜନାର ଅଂଶବିଶେଷ ବୋଲି ଏବେ ସାଧାରଣରେ ଧାରଣା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏନ୍‌ଏଚ୍‌ଆର୍‌ସିଙ୍କ ଦୁଇ ଜଣିଆ ଟିମ୍ ଦିଲ୍ଲୀ ଫେରି ଯିବା ପୂର୍ବରୁ ବହୁ ସଂଖ୍ୟାରେ ଦସ୍ତାବିଜ ସଂଗ୍ରହ କରିଛନ୍ତି। ଏହାକୁ ଅନୁଧ୍ୟାନ କଲା ପରେ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ଟିମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

---

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work Certified

REF.NO.: CSR/2026-27/25 | Date: 15/05/2026

**NOTICE**

In order to provide a dignified, healthy, secure and good quality life to the separated employees of SAIL/Rourkela Steel Plant and their spouses, Rourkela Steel Plant has up a Senior Citizen Care Home (SAKSHYAM) in Rourkela. Applications are invited from senior citizens having the following eligibility criteria:

**The applicant must be:**

i. An ex-employee or spouse of ex-employee of RSP or other units of SAIL.
ii. Must have completed 60 years of age. Widows of ex-employees must have completed 55 years of age.
iii. The applicant(s) must have physical/mental self-sufficiency.
iv. The applicant must not be suffering from any contagious/communicable/infectious disease.
v. If selected, the applicant shall not occupy any alternate place of residence (rented, owned, leased, as licensee etc.) in & around Rourkela. In case the applicants have alternate residence at present (i.e. before the occupation of the rooms at SAKSHYAM, they shall submit the required declaration as per existing rules.)

**2. Documents to be submitted:**

A. Application Form duly signed by applicant.
B. Undertaking to be signed (provided with application form set).
C. Self-attested copies of service certificate / Superannuation Order.
D. Self-attested copies of Valid Medical Cards. Aadhar Card & Mediclaim Policy of self and spouse along with the application form.
E. Two nos of passport size photo of the applicant.
F. Affidavit (containing Point No.11, 12 & 14 of Rules and Regulations)
G. Declaration for point 'V' above to be given along with application.

Application form, Guidelines, Rules & Regulations shall be available at office of GM I/c (CSR), IPD Building, Sector-20, Rourkela-769005/RSP Portal/Sampark Portal/ SAIL website.

Contact No: **8895501293 & 8895504747.**
E Mail ID: rajeews.bara@sail.in & sk.sukula@sail.in

The applications should reach to the office of GM I/c (CSR), IPD Building, Sector-20, Rourkela-769005 on or before dated: **15-07-2026 (Tuesday).**

GM I/c (CSR)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

---

**OFFICE OF THE SUPERINTENDING ENGINEER**
**POTTERU IRRIGATION DIVISION, BALIMELA**
e-mail id: eepid78@gmail.com
**Tender Cancellation Notice** 32001/330/2627

The e-Procurement Notice No. **SE-PID-BML-03/2026-27** having Bid Identification No. **SE-PID-BML-03(1)/2026-27**, dtd. **11.05.2026** of this division, advertisement through the newspapers: **Orissa Post – Bhubaneswar Edition, Prameya – Bhubaneswar Edition and Sakala – Bhubaneswar Edition** on dtd. **20.05.2026** is hereby cancelled due to receipt of single responsive bid in first call tender as per **Notes(iii) of Para-3.5.18 of OPWD Code, Volume-I & Rule-29 of Appendix-29 of OPWD Code, Volume-II** and clarification received from **DoWR, Govt. of Odisha** vide **Lr. No. WR-TEND-TEND-0016-2024/8631 dtd. 20.03.2024.**

**Superintending Engineer,**
**Potteru Irrigation Division, Balimela**

OIPR-32001/32052/1/26-27/0006

---

Government of Odisha Department of Water Resources 32001/334/2627
OFFICE OF THE SUPERINTENDING ENGINEER
GAJAPATI IRRIGATION DIVISION, PARALAKHEMUNDI
**Phone/Fax: 06815-223249,** Email Id: - eepkdgpt@gmail.com
**e - Procurement Notice No. SE-GID- 02/2026-27**

| | | | |
|---|---|---|---|
| 1. | Nature of work | : | Flood protection and Road work |
| 2. | Number of works | : | 03(Three) |
| 3. | Approximate amount put to tender | : | Rs. 84.42 to 84.69 Lakh |
| 4. | Period of completion | : | 11 Calendar months. |
| 5. | Date & Time of availability of Bid document in the portal | : | Dt 10.06.2026 at 10.00 Hours to 25.06.2026 at 17.30 Hours |
| 6. | Last date & time of seeking Tender Clarification | : | Dt 10.06.2026 at 10.00 Hours to 16.06.2026 at 17.30 Hours |
| 7. | Last date & time of receipt of Bids in the portal | : | Dt 25.06.2026 at 17.30 Hours |
| 8. | Date, time & Place of opening of Technical Bid | : | Dt 29.06.2026 at 11.00 Hours in the Office of the Superintending Engineer, Gajapati Irrigation Division, Paralakhemundi. |
| 9. | Date, time & Place of opening of Financial Bid | : | To be intimated to qualified bidders after evaluation of technical bid. |
| 10. | Name & address of the officer inviting bid | : | Superintending Engineer, Gajapati Irrigation Division, Paralakhemundi. Dist- Gajapati |
| 11. | Any corrigendum required will be made available in Govt. website only. Further details can be seen from the e-Procurement portalhttps://tendersodisha.gov.in | | |

**Superintending Engineer**
**Gajapati Irrigation Division**
**Paralakhemundi**

OIPR-32001/32523/1/26-27/0002

---

**GOVERNMENT OF ODISHA** 25001/313/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/RWD-I,MKG/2026-27 dt. 01.06.2026**

**01.** Name of the work: - New Construction Road & Building works (Detailed in Annexure) **02.** Total Number of Works: - 06 nos (Six). **03.** Estimated Cost: - Rs. 44.85 lakhs to Rs.80.18 Lakhs , **04.** Class of Contractor: "B' Class, **05.** Period of Completion: - (As Per Detailed in Annexure), 6. Other Details

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 01/ RWD-I, MKG /2026-27 | **Total 6 nos (Single & Double Cover)** | 09.06.2026 from 11.00 AM | 23.0.2026 up to 5.00 PM | 22.06.2026 up to 5.00 P.M. | Tech Bid opening: - 24.06.2026 at 11.00 AM Tech Bid opening: - to be intimated separately |

Further details can be seen from the website www.tendersorissa.gov.in

**Sd/- Sujata Dishari**
**Executive Engineer**
**R.W. Division-I, Malkangiri**

OIPR-25001/25058/1/26-27/0001

---

**AFFIDAVIT**

By virtue of an affidavit sworn before the Executive Magistrate Oupada, Baleswar, Odisha vide Sl. no. 933 dated 11/05/2026, I Sunyabasi Behera, S/o Prabhakar Behera, At/Po-Aghirapada, Ps-Oupada Dist-Baleswar,Odisha, Pin-756049 declare that I have changed my name from Shunyabasi Behera to Sunyabasi Behera. Henceforth I shall be known as **Sunyabasi Behera** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 589, dated 03.06.2026, I, BANITA SOURA, Daughter of - Dambaru Dhar Soura, Resident of Village - Biriguda, PO - Jhariguma, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed my name from BASANTI SAURA to BANITA SOURA. Henceforth, I shall be known as **BANITA SOURA** for all purposes.

**Sd/- Banita Soura**

**AFFIDAVIT**

By virtue of an affidavit no-392 sworn before the Executive Magistrate, Paralakhemundi, Gajapati dt 20.06.2025, I, Prabhamayee Mohanty, W/o-Ramana Mohanty, resident of Guntuwari Street, Paralakhemundi, Dist.-Gajapati, Odisha, hereby declare that my daughter's name has been wrongly recorded as Mahanthi Kushi in Aadhaar records. Her correct name is Gunjan Priyadarshini. Henceforth, she shall be known as **Gunjan Priyadarshini** for all purposes.

**Prabhamayee Mohanty**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 896, dated 04-06-2026, I, GOBARDHAN SANTA, S/o - Lucky Santa, Permanent Resident of Village - Phulapadar, PO - Khutubai, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Daughter from RINKI SANTA to AGESWARI SANTA. Henceforth, she shall be known as **AGESWARI SANTA** for all purposes.

**Sd/- Gobardhan Santa**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 888, dated 04-06-2026, I, JITENDRA BHATRA, S/o - Mahendra Bhatra, Permanent Resident of Village - Ghusarabeda, PO - Manigam, PS - Dabugam, Dist - Nabarangpur, Odisha, Pin - 764072, declare that I have changed the name of my Daughter from RUBI BHATRA to RIYA BHATRA. Henceforth, she shall be known as **RIYA BHATRA** for all purposes.

**Sd/- Jitendra Bhatra**

**ସତ୍ୟପାଠ**

ମୁଁ ବନମାଳି ପ୍ରଧାନ, ପିତା: ସଦାନନ୍ଦ ପ୍ରଧାନ, ଗ୍ରା: ଇଞ୍ଚଳ, ପୋ: ବଣିଆସାହି, ତହସିଲ: ଗୋପ, ଥାନା: ରାମଚଣ୍ଡି, ଜିଲ୍ଲା: ପୁରୀ, ମୋର ଖାତା ନଂ.: ୪୨୯/୧୦, ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପ୍ଲଟ୍ ନଂ.: ୪୬୧, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପଞ୍ଜିକୃତ ନଂ.: ୧୧୫୦୨୬୦୦୨୧୮, ତା. ୨୩.୦୨.୨୦୨୬, ମୋଟ କ୍ଷେତ୍ର: ଏକର୦.୦୯୦ ଡିସିମିଲି ଜମିକୁ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ ପୁରୀ ଶାଖାରେ ବନ୍ଧକ ରଖି ଋଣ ଗ୍ରହଣ କରିଅଛି । ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ବ୍ୟକ୍ତିଙ୍କ ଆପତ୍ତି ଥାଏ ତେବେ ମୋର ଓକିଲ ଦୀପକ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିବେ । ମୋ.: ୮୯୧୭୬୭୧୮୪୧, ଘୋଷଣାର ୧୪ ଦିନ ଭିତରେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖାରେ ଆସି ଜଣାନ୍ତୁ ୧୪ ଦିନ ପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ

**AFFIDAVIT**

By virtue of an affidavit (CF No.01, date: 21/04/2026) sworn before the Executive Magistrate, Bheden. I, Ananda Sathua, aged about 65 years, S/O Late Jhasaketan Sathua, resident of Vill/PO: Remunda, PS/Tah: Bheden, Dist: Bargarh, State: Odisha declare that I have change my grand daughter's name from Naitri Sathua to Maitri Sathua. Henceforth, she shall be known as **Maitri Sathua** (new name) for all purposes.

**AFFIDAVIT**

By virtue of an affidavit sworn before the Notary Jaleswar, Baleswar, Odisha vide Sl no 1243 dated 02/06/2026, I Laxminarayan Jena, S/o. Hemanta Kumar Jena, At. Teghari, Po. Chamara Gaon, Ps. Raibania, Dist-Baleswar, Odisha,Pin-756032 declare that I have changed my name from Kalicharan Jena to Laxminarayan Jena. Henceforth I shall be known as **Laxminarayan Jena** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 883, dated 01.06.2026, I, PURNAMI MALI, Wife of - Jaya Mali, Resident of Village- Siuni, PO - Siuni, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PURNIMA MALI to PURNAMI MALI. Henceforth, I shall be known as **PURNAMI MALI** for all purposes.

**Sd/- Purnami Mali**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 879, dated 01-06-2026, I, ROHITRAJ TAKRI, S/o - Late. Sanjeeb Kumar Takri, Permanent Resident of - Mission Compound, Nabarangpur, PO - Nabarangpur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed the name of my Daughter from ARUSI TAKRI to MARGESA MERSIRANI TAKRI. Henceforth, she shall be known as **MARGESA MERSIRANI TAKRI** for all purposes.

**Sd/- Rohitraj Takri**

**AFFIDAVIT**

By virtue of an Affidavit sworn before the Executive Magistrate, Date- 01.06.2026 No-8426, I, Sumit Gangaram Das At-Rajapur, Unit-9 Po- Jajpur, Ps-Jajpur Dist- Jajpur,Pin-755001, Odisha, declare that, I have changed my Son's name from Subham Duryodhan Das to Subham Das. Henceforth, I shall be known as **Subham Das** for all purposes.

**Sumit Gangaram Das**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 874, dated 30.05.2026, I, UDAYA CHANDRA SUNA, Son of - Late. Subalan Suna, Resident of Village- Sanadaibhata, PO - Sindhiguda, PS - Nabarangpur, Dist- Nabarangpur, Odisha,Pin - 764063, declare that I have changed my name from UDAYCHANDRA HARIJAN to UDAYA CHANDRA SUNA. Henceforth, I shall be known as **UDAYA CHANDRA SUNA** for all purposes.

**Sd/- Udaya Chandra Sun**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 604, dated 04.06.2026, I, MD JAFAR, Son of - Abdul Salam, Resident of - Pathan Street, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from JAFAR to MD JAFAR. Henceforth, I shall be known as **MD JAFAR** for all purposes.

**Sd/- Md Jafar**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF. NO - 19, dated 05/06/2026, I **KAVYA JYOTISHI**, D/o Krishna Chandra Jyotishi resident of At- House No. BR-55, Maruti / Bhola Residency, Raghunathpur, Patia, Bhubaneswar, Dist: Khurda, Odisha, PIN: 751024, declare that I have changed my name from **KABYASHREE ACHARYA (Old Name)** to **KAVYA JYOTISHI (New Name)**. Henceforth, I shall be known as **KAVYA JYOTISHI** for all purposes.

Sd- **KAVYA JYOTISHI**

**AFFIDAVIT**

By virtue of an affidavit (CF No. 29, dtd- 05/06/2026) sworn before The Executive Magistrate, Bhubaneswar. I, Sapani Mangaraj, S/o Somanath Mangaraj, permanent resident of Majhi Sahi, Malipada, Khordha, Pin-751003, State- Odisha declare that I have changed my name from Laxmidhar Mangaraj to Sapani Mangaraj. Henceforth, I shall be known as **SAPANI MANGARAJ** (new name) for all purposes.

**AFFIDAVIT**

By virtue of an affidavit vide no.A-I dated 15.12.2025 from Executive Magistrate, K.S. Nagar, ganjam I, Surendra Palata, S/o- Dinabandhu Palata resident of Vill.- Baksi Jagabandhu Road, Kabisurya Nagar, Po./Ps.- Kabisurya Nagar, Dist.- Ganjam, Odisha state that, my name mentioned in Voter Id, Saving account of Utkal Grameen Bank, Resident certificate as Surendra Palatsa but in my Aadhar card my name has been mentioned as Sura Palata. That **Surendra Palata** and **Sura Palata** is one and same person.

# ମିଳୁନି ମୃତ ପ୍ରାଣୀର ବୀମା ଅର୍ଥ; ଚାଷୀ ହନ୍ତସନ୍ତ



## ଠକି ଚାଲିଛି ବୀମା କମ୍ପାନୀ, ପ୍ରଶାସନ ନିରବ

ଗୁଡାରୀ,୫।୬ (ସମିସ): ରାଜ୍ୟରେ ଆଜି ବି ବିମା କମ୍ପାନୀ ଗୁଡିକର ମନମାନୀ ବଢି ଚାଲିଛି। ମୃତ୍ୟୁବରଣ କଲେ ବି ବୀମା କମ୍ପାନି ଠାରୁ ଟଙ୍କା ମିଳିବା କଷ୍ଟକର ହେଉଛି। ପ୍ରଥମେ ସେମାନେ ଲୋକଙ୍କୁ ବିଭିନ୍ନ ଲୋଭ ଦେଖାଇ ବୀମା କରି ନିଅନ୍ତି । ପରେ ବିମାଧାରୀ ଟଙ୍କା ଲାଳସାରେ ବୁଲିବୁଲି ନିୟାନ୍ତ ହେଉଥିବା ଅଭିଯୋଗ ହେଉଛି। ଗୁଡାରୀ ପଶୁ ଚିକିତ୍ସାଳୟରେ ଛେଳି, ଗାଈଗୋରୁ ମୃତ୍ୟୁବରଣ କଲେ ବିମା ଅର୍ଥ ମିଳିବ ବୋଲି କହି ପଶୁ ବ୍ୟବସାୟୀଙ୍କ ଠାରୁ ବୀମା କରି ନେଇଛନ୍ତି ଭୁବନେଶ୍ୱର ଅବସ୍ଥିତ ନ୍ୟାସନାଲ ଇନ୍ସ୍ୟୁରାନସ୍ କମ୍ପାନି। ଗାଈଗୋରୁଙ୍କ ମୃତ୍ୟୁପରେ ବିମା କମ୍ପାନୀ ମନମାନି ଦାଣ୍ଡରେ ପଡି ହାଟରେ ଗଡ଼ିବାରେ ଲାଗିଛି। ଏମିତ ଘଟଣା ଗୁଡାରୀ ଗୋଷ୍ଠୀ ପଶୁ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ନଭେମ୍ବର ମାସ ଠାରୁ ଆଜି ପର୍ଯ୍ୟନ୍ତ ମୃତ୍ୟୁବରଣ କରିଥିବା ପଶୁମାନଙ୍କର ବୀମା ଟଙ୍କା ପଶୁ ବ୍ୟବସାୟୀଙ୍କୁ ମିଳିପାରିନାହିଁ। ଡେପଗୌଡ଼ସାହିର ଟୁନା ଗୌଡ ଗାଈ ପାଳନ କରି ନିଜର ଗୁଜରାଣ ମେଣ୍ଟଉଥିଲେ। ସେହି ଗାଈ ଜାନୁୟାରୀ ମାସରେ ମୃତ୍ୟୁବରଣ କରିଛି । କିନ୍ତୁ ଆଜି ପର୍ଯ୍ୟନ୍ତ ନ୍ୟାସନାଲ ଇନ୍ସୁରାନ୍ସ କମ୍ପାନି ତାଙ୍କର ବୀମା ଟଙ୍କା ଦେଇନାହିଁ। ସେ ୫ଟି ଗାଈ ପାଇଁ ବୀମା ବାବଦକୁ ୧୫୦୦ ରୁ ୨୦୦୦ ପଇଠ କରିଥିବା କହିଛନ୍ତି। ଆମ ପାଖରେ ଗାଈ କିଣିବାକୁ ଟଙ୍କା ନାହିଁ । ମାସ ମାସ ହେଲାଣି ବିମା ଟଙ୍କା ମିଳିନୁ ବୋଲି ଦୁଃଖ ପ୍ରକାଶ କରିଛନ୍ତି। ପ୍ରାୟ ୧୨ ଲୋକଙ୍କୁ ବିମା କମ୍ପାନି ବୀମା ଟଙ୍କା ନଦେବା ଫଳରେ ହତାଶ ହୋଇ ସେମାନେ ଗୁଡାରୀ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ସତନ ଜେନାଙ୍କୁ ଗୁହାରି କରିଛନ୍ତି । ଶ୍ରୀ ଜେନା ଏହି ବିଷୟକୁ ନେଇ ରାୟଗଡ଼ା ଜିଲ୍ଲା ମହକୁମାରେ ଏଡିସିଡିଭିଓ ଏବଂ ବିମା ଦାୟୀତ୍ୱରେ ଥିବା ପ୍ରବୀଣ ମହାପତ୍ରଙ୍କୁ ମିଶି ପଚାରିବୁଝିବାରୁ ଶ୍ରୀ ମହାପାତ୍ର କହିଛନ୍ତି. ଆଗରୁ କମ୍ପାନିର ଅନୁସୁଚି ଅଲଗା ଥିଲା । କିନ୍ତୁ ଏବେ ବିମା କମ୍ପାନି ସବୁ ଜିଲ୍ଲାଭିତିକ କାର୍ଯ୍ୟ କରୁଥିବା ଯୋଗୁଁ ବିଳମ୍ବ ହେବା ସ୍ୱାଭାବିକ। ଏଣୁ ଯେଉଁ ବ୍ୟକ୍ତିର ପଶୁ ପ୍ରାଣ ହରାଇଛ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଗୁଡାରୀ ଗୋଷ୍ଠୀ ପ୍ରାଣି ଚିକିତ୍ସକ ଶ୍ରୀ ଜେନା ବିମାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ଏହି ବିମା କମ୍ପାନିକୁ ରଦ୍ଦ କରାଯାଇଛି ବୋଲି କହିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ସହ ବିମା କମ୍ପାନୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଆମ୍ବୁଲାନ୍ସ ନ ମିଳିବାରୁ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ ଅଭିଯୋଗ



ରାୟଗଡ,୫।୬(ସମିସ): ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କୁ ରେଫରପରେ ଆମ୍ବୁଲାନ୍ସ ସେବା ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମୃତ ଯୁବକ ଜଣଙ୍କ ହେଲେ କଲ୍ୟାଣସିଂହପୁର ବ୍ଲକ ଭାଲୁମାସ୍କା ଅଞ୍ଚଳର ଅରୁଣ ପ୍ରାସ୍କଓ । ସେ ଜଣେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ରାୟଗଡ଼ ଅସିଥିଲେ। ଘରକୁ ଫେରିବା ସମୟରେ କୌଣସି କାରଣ ବଶତଃ ଦୁର୍ଘଟଣାର ଶିକାର ହୋଇଥିଲେ । ସୂଚନାରୁ ଜଣାପଡିଛି ଗତକାଲି ବିଳମ୍ବିତ ରାତ୍ରିରେ ରାୟଗଡା ସହର ସ୍ଥିତ ରୟତ କଲୋନୀ ନିକଟରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ଓ ଖବର ପାଇ ପରିବାର ଲୋକ ପହଞ୍ଚିଥିଲେ। ଅରୁଣଙ୍କର ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ କହିଥିଲେ। କିନ୍ତୁ ରାତିରେ ଅରୁଣର ସମ୍ପର୍କୀୟ ୧୦୮ ଆମ୍ବୁଲାନ୍ସ ନ ପାଇ ଆମ୍ବୁଲାନ୍ସ ଯୋଗାଇବା ପାଇଁ ହସପିଟାଲ ମ୍ୟାନେଜରଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ହସପିଟାଲ ମ୍ୟାନେଜର କୌଣସି ସହଯୋଗ କରି ନଥିବା ସମ୍ପର୍କୀୟ କହିଛନ୍ତି । ଆମ୍ବୁଲାନ୍ସ ନ ମିଳିବା ଓ ଚିକିତ୍ସାରେ ଅବହେଳା ଯୋଗୁଁ ଅରୁଣର ମୃତ୍ୟୁ ଘଟିଲା ବୋଲି ସମ୍ପର୍କୀୟ ମହେଶ୍ୱର କୁଣ୍ଡୁ ଅଭିଯୋଗ କରିଛନ୍ତି । ଏନେଇ ମେଡିକାଲ କର୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ଅଜଣା ଯୁବକଙ୍କ ରକ୍ତ ଜୁଡୁବୁଡୁ ଶରୀର ସ୍ଥାନୀୟ ସାଇପ୍ରିୟା ନଗର ନିକଟ ଜାତୀୟ ରାଜପଥ ନିକଟରେ ମିଳିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟର ଜଣେ ଯୁବକ ଦେବଦତ୍ତ ପାତ୍ର ଉଦ୍ଧାର କରି ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତାଙ୍କୁ କୋରାପୁଟ ଏସ୍‌ଏଲ୍‌ଏନ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

# ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ

## ଏସ୍‌ବିଆଇ ଗ୍ରାମ ସେବା ପ୍ରକଳ୍ପ



ରାୟଗଡ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାୟଗଡ ଜିଲ୍ଲାରେ ଏସ୍‌ବିଆଇ ଗ୍ରାମସେବା ପ୍ରକଳ୍ପ ଅଧୀନରେ ପରିବେଶ ସଚେତନତା ଓ ସଂରକ୍ଷଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରୟତ୍ନ ସଂସ୍ଥାର କର୍ମକର୍ତ୍ତା ଏବଂ ସ୍ଥାନୀୟ ସମୁଦାୟର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାବତୀ ମାଣ୍ଡାଙ୍ଗି , ପିପିଲିଗୁଡ଼ା ଗ୍ରାମ ପଞ୍ଚାୟତ ନାୟବ ସରପଞ୍ଚ ସିନା ଜିଲାକାରା, ୱାର୍ଡ ସଦସ୍ୟ ଅମିତାଭ ଜିଲାକାରାଙ୍କ ସମେତ ମାରିୟା ସିରିକା ସରପଞ୍ଚ, କରୁବାଇ ଗ୍ରାମ ପଞ୍ଚାୟତର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପରିବେଶ ସଚେତନତା ରାଲି ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରାଯାଇଥିଲା। ପରିବେଶ ସୁରକ୍ଷାରେ ସାମୁଦାୟିକ ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା , ଯୁବକ-ଯୁବତୀ ଏବଂ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନେ ପରିବେଶ ସୁରକ୍ଷା, ଜୈବ ବିବିଧତା ସଂରକ୍ଷଣ ଏବଂ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ପ୍ରୟତ୍ନ ସଂସ୍ଥା ଓ ଏସବିଆଇ ଫାଉଣ୍ଡେସନଙ୍କ ମିଳିତ ପ୍ରୟାସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତାମାନେ ଭବିଷ୍ୟତ ପିଢ଼ୀ ପାଇଁ ଏକ ସୁସ୍ଥ, ସବୁଜ ଓ ପ୍ରଦୂଷଣମୁକ୍ତ ପରିବେଶ ଗଠନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ।

## ଶାଲାର ଫାଉଣ୍ଡେସନ୍‌ର ସଚେତନତା କାର୍ଯ୍ୟକ୍ରମ



ରାୟଗଡ, ୫।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡ ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମ ପଞ୍ଚାୟତର ପିଚୁଡ଼ି ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାଲାର ଫାଉଣ୍ଡେସନର କର୍ମଚାରୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଏବଂ ନର୍ସି କୁଲେସିକା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ୬ ଜଣ ଇଣ୍ଟର୍ନ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ରହି ପରିବେଶ ସୁରକ୍ଷା ଓ ସବୁଜ ପୃଥିବୀ ଗଠନର ସନ୍ଦେଶ ଦେଇଥିଲେ। କୋସକୋନା, ପିଚୁଡ଼ି, ଉଦୟପୁର ଏବଂ ଫୁଲକୋନା ଗ୍ରାମରୁ ୧୦୦ରୁ ଅଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବୃକ୍ଷରୋପଣ, ପରିବେଶ ସଚେତନତା ରାଲି ଓ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା। ଶାଲାର ଫାଉଣ୍ଡେସନର ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ନିଜ ବାର୍ତ୍ତାରେ କହିଥିଲେ ଯେ, ପରିବେଶର ସୁରକ୍ଷା ହିଁ ଆମର ଭବିଷ୍ୟତର ସୁରକ୍ଷା। ଆସନ୍ତୁ, ସମସ୍ତେ ମିଶି ସବୁଜ ଓ ସୁସ୍ଥ ପୃଥିବୀ ଗଠନରେ ନିଜ ନିଜ ଭୂମିକା ନିର୍ବାହ କରିବା। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା ଓ ଅଧିକ ବୃକ୍ଷରୋପଣ ପାଇଁ ଶପଥ ଗ୍ରହଣ କରିଥିଲେ।

## ଅମ୍ଳାଭଟା ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ



ଅମ୍ବାଦଳା , ୫।୬ (ସମିସ): ରାୟଗଡ଼ ଜିଲ୍ଲାର ଅମ୍ଳାଭଟା ପଞ୍ଚାୟତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପଞ୍ଚାୟତ ପରିସରରେ ଚାରାରୋପଣ ଓ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପିଇଓ ଗୋବିନ୍ଦ ବାବୁ, ଏଡିଇଓ ଜଗଦୀଶ ବାବୁ ଏବଂ ସରପଞ୍ଚ ଗୁରୁବାରୀ ଭୋଇ ଯୋଗଦେଇ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଓ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପଞ୍ଚାୟତ କର୍ମଚାରୀ, ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦାମାନେ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ଅବଦାନ ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଜେକେ କାଗଜକଳରେ ୧୫୦୦ ଚାରାରୋପଣ




ରାୟଗଡ଼, ୫।୬(ସମିସ): ରାୟଗଡ ଜିଲ୍ଲାର ଜେକେପୁର ସ୍ଥିତ ଜିଲ୍ଲାର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଜେକେ କାଗଜ କଳ ତରଫରୁ ଆଜି କାଗଜ କଳ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି (ବାଣିଜ୍ୟ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାରାରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାଗଜ କଳର କର୍ମଚାରୀ ମାନେ ମଧ ପାଖାପାଖି ୧୫୦୦ଟି ଚାରାରୋପଣ କରିଥିଲେ। ଶ୍ରୀ ଦ୍ୱିବେଦୀ ତାଙ୍କ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱର ଏକ ଗୁରୁତର ସମସ୍ୟା ହୋଇପଡ଼ିଛି। ଚାରାରୋପଣ, ଶକ୍ତି ସଞ୍ଚୟ, ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ମାଧ୍ୟମରେ ଏହାର ମୁକାବିଲା କରାଯାଇ ପାରିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଭୋଇ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡ ଶାଖାର ଆଞ୍ଚଳିକ ଅଧିକାରୀ ଓ ପ୍ରଭୁଦେବ ବେହେରା, ସହକାରୀ ଯନ୍ତ୍ରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡ ଶାଖା ଓ କାଗଜ କଳର ଏମ୍ ଆର୍ କେ ରାୟ, ବରିଷ୍ଠ ମହା ପ୍ରବନ୍ଧକ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦାନ କରିଥିଲେ। ସେହିପରି ସତ୍ୟଜିତ ମହାନ୍ତି, ମହାପ୍ରବନ୍ଧକ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବେଶ ନିୟନ୍ତ୍ରଣ ଓ ସୁରକ୍ଷା ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଞ୍ଚୁରିଅନ୍ ୟୁନିଭର୍ସିଟିରେ 'ପ୍ରକୃତିରୁ ପ୍ରେରଣା, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' କାର୍ଯ୍ୟକ୍ରମ



ରାୟଗଡ଼,୫।୬(ସମିସ):

ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍), ରାୟଗଡ଼ର ସ୍କୁଲ ଅଫ୍ ନର୍ସିଂ ଏବଂ ସ୍କୁଲ ଅଫ୍ ଫାର୍ମାସି ପକ୍ଷରୁ 'ପ୍ରକୃତିରୁ ପ୍ରେରଣା, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ' ଥିମ୍ ଆଧାରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନର୍ସିଂ ଏବଂ ଫାର୍ମାସି ବିଭାଗର ୫ମ ସେମିଷ୍ଟରର ଛାତ୍ରଛାତ୍ରୀ ଓ ଅଧ୍ୟାପକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍‌ର ପରିବେଶବିତ୍ ଭାସ୍କର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସିୟୁଟିଏମର ଆଞ୍ଚଳିକ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଯୋଗ ଦେଇଥିଲେ। ସେମାନେ ନିଜ ବକ୍ତବ୍ୟରେ ପରିବେଶ ସଂରକ୍ଷଣ ଓ ଜନସ୍ୱାସ୍ଥ୍ୟ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବିଷୟରେ ଆଲୋଚନା କରି ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ଗ୍ରହଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଫାର୍ମାସିର ପ୍ରଧାନାଚାର୍ଯ୍ୟ ଡ.ଚନ୍ଦ୍ରଶେଖର ପାତ୍ର ଏବଂ ସ୍କୁଲ ଅଫ୍ ନର୍ସିଂର ପ୍ରଧାନାଚାର୍ଯ୍ୟା ଡ. ଉର୍ମିଳା କାଟ୍ରୁ ଉପସ୍ଥିତ ଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ବିକାଶର ଦୂତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅତିଥିମାନେ ମିଳିତ ଭାବେ ଆମ୍ବ, ପିଜୁଳି, ଅଁଳା, ଜାମୁ, ଲେମ୍ବୁ ଓ ବରଗଛ ଭଳି ବିଭିନ୍ନ ଫଳଦାୟକ ଏବଂ ଛାୟାଦାୟକ ଚାରାରୋପଣ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଚାରାର ଯତ୍ନ ନେବା ପାଇଁ ସଂକଳ୍ପ ନେଇଥିଲେ। ସମସ୍ତେ ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ପରିବେଶ ଅନୁକୂଳ ଅଭ୍ୟାସ ଅପନାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଶେଷରେ ଡ. ଉର୍ମିଳା କାଟ୍ରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାୟଗଡ଼ ପୌରପରିଷଦର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ





ରାୟଗଡ,୫।୬(ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାୟଗଡ଼ ପୌରପରିଷଦ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଏବଂ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା। ଏହା ସହିତ 'ମୋ ବଗିଚା', 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ମଧ୍ୟ ଉଦ୍‌ଘାଟନ ହୋଇଛି। ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଜିଲ୍ଲା ବନଖଣ୍ଡ ଅଧିକାର ସଚିନ ଆନ୍ନାସାହେବ ଓହୋଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡ, ରାୟଗଡ଼ ପୌରପରିଷଦ ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ସମସ୍ତ ୱାର୍ଡର ପାରିଷଦ , ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ନିରୀକ୍ଷକ ଓ ପୌରପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ପରିଚାଳନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ କରାଯିବା ପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପାରିଷଦବୃନ୍ଦ 'ମୋ ବଗିଚା' ପରିସରରେ ଚାରାରୋପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରିବା ସହ ରାୟଗଡ଼ ପୌରପରିଷଦ ଦ୍ୱାରା ନିର୍ମିତ ଏହି ଅଭିନବ ପ୍ରକଳ୍ପଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ। ଏହାପରେ ପ୍ଲାଣ୍ଟ ପରିସରସ୍ଥିତ ମିନି କନଫରେନ୍ସ ହଲ୍‌ରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ପାରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ପରିମଳ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନା ସମ୍ବନ୍ଧୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଶେଷରେ କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର ସମସ୍ତ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## 'ସର୍ବେ ଭବନ୍ତୁ ସୁଖିନଃ' ଟିମ୍‌ର ଚାରାରୋପଣ



ରାମନାଗୁଡ଼ା,୫।୬(ସମିସ):

ବିଶ୍ୱ ପରିବେଶ ଦିବସ ଅବସରରେ ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ସଦର ସ୍ଥିତ "ସର୍ବେ ଭବନ୍ତୁ ସୁଖିନଃ' ଟିମ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିବେଶ ସୁରକ୍ଷା, ବୃକ୍ଷରୋପଣର ଗୁରୁତ୍ୱ ଏବଂ ସବୁଜ ସୁନ୍ଦର ପରିବେଶ ଗଠନ ଲକ୍ଷ୍ୟରେ ଟିମର ସଦସ୍ୟମାନେ ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ଏକ ସୁସ୍ଥ ପରିବେଶ ଗଢ଼ି ତୋଳିବା ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅତି କମ୍‌ରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥ ସାମଲ, ଶକ୍ତି ପ୍ରସାଦ ପାତ୍ର, ଆଶିଷ କୁମାର ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ରାକେଶ କଂସ ବେହେରା, ଭି. ମାଣି ଅମିତ କୁମାର ସାହୁ, ଜଗଦିଶ ପାତ୍ର, ସୁଧୀର କୁମାର ମିଶାଲ, ବି. ମାଣି,ଶିବ ପ୍ରସାଦ ବ୍ରହ୍ମାଙ୍କ ସମେତ ଟିମର ସମସ୍ତ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ପୃଥିବୀକୁ ସବୁଜ ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

## ଇଙ୍ଗା ଥେରୁବାଲିରେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ



ରାୟଗଡ,୫।୬(ସମିସ): 'ପ୍ରକୃତିରୁ ପ୍ରେରଣା, ଜଳବାୟୁ ଓ ଆମର ଭବିଷ୍ୟତ' ବାର୍ତ୍ତାକୁ ଆଧାର କରି ରାୟଗଡ ଜିଲ୍ଲା କୋଲନରା ବ୍ଲକ ଥେରୁବାଲି ସ୍ଥିତ ଇମ୍ଫା କାରଖାନା ପକ୍ଷରୁ ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ପରିବେଶ ସଚେତନତା ଓ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଇମ୍ଫା କାରଖାନାର ୟୁନିଟ୍ ମୁଖ୍ୟ ତଥା ଇଆଇସି ଜି.ଭି.ରାକେଶଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ରାୟଗଡ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଉପ ପରିବେଶ ଯନ୍ତ୍ରୀ ରିପୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ସାହୁ ଇମ୍ଫାର ଉତ୍କୃଷ୍ଟ ପରିବେଶ ଅନୁପାଳନ ଓ ସ୍ଥାୟୀ ବିକାଶମୂଳକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। କମ୍ପାନୀର ୨୫୦ କେଏଲଡି ଏସଟିପି, ଶୂନ୍ୟ ଜଳ ଅପଚୟ ନୀତି ଓ ଜଳ ସଂରକ୍ଷଣ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଜି. ଭି. ରାକେଶ ଇମ୍ଫାର ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ମୁକାବିଲା ପ୍ରତି ଦୃଢ଼ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିଥିଲେ। ସେ କମ୍ପାନୀର ସମ୍ପ୍ରତି ଆରମ୍ଭ ହୋଇଥିବା ୧୩୫ ମେଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପ ବିଷୟରେ ସୂଚନା ଦେଇ କହିଥିଲେ ଯେ, ଏହା କୋଇଲା ଆଧାରିତ ବିଦ୍ୟୁତ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ। ସେ ବୃକ୍ଷରୋପଣ ଓ ଜନସହଭାଗିତାକୁ ପରିବେଶ ସୁରକ୍ଷାର ମୂଳ ଆଧାର ବୋଲି ବର୍ଣ୍ଣନା କରିଥିଲେ। ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଡିପି କ୍ୟାମ୍ପ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ଫଳ ଚାରା ବଣ୍ଟନ, ଗୋପବନ୍ଧୁ ନଗର କଲୋନୀ ଓ ବଜାର ଅଞ୍ଚଳରେ ସଚେତନତା ରାଲି, ପରିବେଶ ବିଷୟ କୁଇଜ୍ ପ୍ରତିଯୋଗିତା ଏବଂ ପରିବେଶ ସୁରକ୍ଷା ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସୋନିଆ ପୁରୋହିତ, ବରିଷ୍ଠ ଅଧିକାରିଣୀ ଏବଂ ଦେବାଶିଷ ମିଶ୍ର, ଅଧିକାରୀ (କ୍ୱାଲିଟି କଣ୍ଟ୍ରୋଲ୍) ସଫଳତାର ସହ ସଂଯୋଜନା କରିଥିଲେ। ଉପ ମହାପ୍ରବନ୍ଧକ ମାନବ ସମ୍ବଳ ଓ ପ୍ରଶାସନ କ୍ଷିତିଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀମାନଙ୍କ ଦ୍ୱାରା ପରିବେଶ ସଚେତନତା ଭିତ୍ତିକ ଏକ ନାଟକ ପରିବେଷଣ କରାଯାଇଥିଲା ଏବଂ ଚାରାରୋପଣ କାର୍ଯ୍ୟକ୍ରମ ସହ ଏହାର ସମାପନ ହୋଇଥିଲା।

# ଏମ୍.ଏସ୍.ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନରେ ବିହନ ମହୋତ୍ସବ

ଜୟପୁର,୫।୬(ସମିସ):




ଜୟପୁର ସହରର ନିକଟସ୍ଥ ଫୁଲବାଡ ଠାରେ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପରିସରରେ ଆଦିବାସୀ ଜୈବ ବିବିଧତା କେନ୍ଦ୍ର ଓ ଓଡିଶା ଜୈବ ବିବିଧତା ବୋର୍ଡ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ଅବସରରେ ବିହନ ମହୋତ୍ସବ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ କୃଷି ଜୈବ ବିବିଧତା ସଂରକ୍ଷଣ, ଜଳବାୟୁ ସହନଶୀଳତା ବୃଦ୍ଧି ଏବଂ ଗୋଷ୍ଠୀ ପରିଚାଳିତ ବିହନ ପ୍ରଣାଳୀକୁ ସୁଦୃଢ଼ କରିବା। ପ୍ରକୃତି ସୁରକ୍ଷା ଏବଂ ପରିବେଶ ସଚେତନତା ସୃଷ୍ଟି କରିବା, ପ୍ରଦୂଷଣ ମୁକ୍ତ କରିବା, ଜଳ ଏବଂ ବାୟୁ କୁ ସ୍ୱଚ୍ଛ ରଖିବା ଏବଂ ବୃକ୍ଷ ରୋପଣ କରିବା ଓ ପରିବେଶ ସୁରକ୍ଷାକୁ ପ୍ରମୁଖତା ଦେଇ ମହୋତ୍ସବଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏମ୍. ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ସ୍ଥାନୀୟ ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଦଘାଟନୀ ଅଭିଭାଷଣରେ ପ୍ରତିଷ୍ଠାନର ଅଧ୍ୟକ୍ଷା ଡା. ସୌମ୍ୟା ସ୍ୱାମୀନାଥନ ଗୋଷ୍ଠୀ ଭିତ୍ତିକ ବିହନ ମହୋତ୍ସବର ପ୍ରାସଙ୍ଗିକତା ଓ ପରିବେଶ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ଯୋଗଦେଇ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ଜଳବାୟୁ ସହନଶୀଳ କୃଷି ଓ ଜୈବ ବିବିଧତା ସଂରକ୍ଷଣ କ୍ଷେତ୍ରରେ ହୋଇଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, ବିହନ ପ୍ରମାଣନ ଅଧିକାର ପ୍ରଦୀପ କୁମାର ଖରା, ଅତିରିକ୍ତ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ସଞ୍ଜିବ କୁମାର ମହନ୍ତ, ସହକାରୀ ବନ ସଂରକ୍ଷଣ ଅଧିକାରୀ ଅମିତ ପ୍ରକାଶ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୋନାଲି ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ବିହନ ସଂରକ୍ଷଣ, ଜୈବ ବିବିଧତା ପରିଚାଳନା ଉପରେ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଜୈବ ବିବିଧତା ସଂରକ୍ଷଣରେ ଅବଦାନ ପାଇଁ ପଞ୍ଚବଟୀ ଗ୍ରାମ ଉନ୍ନୟନ ସମିତିର ଆନୁକୂଲ୍ୟରେ ୧୦ ଜଣ ବିହନ ସଂରକ୍ଷକଙ୍କୁ ପ୍ରତ୍ୟେକ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାନର ବୈଜ୍ଞାନିକ ଡା. କାର୍ତ୍ତିକ ଚରଣ ଲେଙ୍କା ନିଜ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ। ଜିଲ୍ଲାର ବୈପାରୀଗୁଡା, କୁନ୍ଦ୍ରା, ଜୟପୁର, କୋରାପୁଟ ବ୍ଲକ ର ୧୨୦ ରୁ ଅଧିକ ବିହନ ସଂରକ୍ଷକ କୃଷକ, ଜୈବ ବିବିଧତା ପରିଚାଳନା କମିଟି ସଦସ୍ୟ, ଗବେଷକ, ପଞ୍ଚବଟୀ ଗ୍ରାମ ଉନ୍ନୟନ ସମିତିର ସଦସ୍ୟ ଓ ବିଭିନ୍ନ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଭାରତ ରତ୍ନ ଏମ୍.ଏସ୍.ସ୍ୱାମୀନାଥନଙ୍କ ଜନ୍ମ ଶତ ବାର୍ଷିକୀ ପାଳନ ଅବସରରେ ତାଙ୍କର ଉତ୍ସର୍ଗକୁ ସ୍ମରଣ କରାଯାଇଥିଲ। ଯେଉଁଥିରେ ସବୁଜ ଓ ସହନଶୀଳ ଭବିଷ୍ୟତ ପାଇଁ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର କର୍ମକର୍ତ୍ତା ଓ କୃଷକମାନେ ଗୋଷ୍ଠୀ ପରିଚାଳିତ ବିହନ ପ୍ରଣାଳୀ ଓ ଜଳବାୟୁ ସହନଶୀଳ କୃଷି ଉପରେ ନିଜ ମତ ରଖିଥିଲେ। ମହୋତ୍ସବରେ ଚାଷୀମାନେ ନିଜେ ନିଜେ ସଂରକ୍ଷଣ କରିଥିବା ଦେଶୀ ବିହନ ତଥା ଆଦିବାସୀ ଜୈବ ବିଭିଦତା କେନ୍ଦ୍ର, ଏମ୍.ଏସ୍. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ପଦ୍ମଶ୍ରୀ କମଳା ପୂଜାରୀ କେନ୍ଦ୍ରୀୟ ବିହନ ପାଣ୍ଠିରୁ ସଂଗୃହିତ ଥିବା ବିଭିନ୍ନ ଦେଶୀ କିସମର ଧାନ, ଡାଲି, ପନିପରିବା ଏବଂ ମାଣ୍ଡିଆ ବିହନ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ। ସର୍ବଶେଷରେ ଅନୁଷ୍ଠାନ ତରଫରୁ ସୁରଜିତା ଡୁରୁକ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହତ୍ୟା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ



ବୈପାରିଗୁଡ଼ା,୫।୬(ସମିସ): ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟ ଚଲାଣ କଲା ବୈପାରୀଗୁଡା ପୁଲିସ। ବୈପାରୀଗୁଡା ଥାନା ସୂଚନା ଅନୁଯାଇ, ଗତ ତିନି ତାରିଖ ଦିନ ବୈପାରିଗୁଡା ଥାନା ଅନ୍ତର୍ଗତ ଝୋଡିଗୁଡା ଗ୍ରାମରେ ଦୁଇ ଦୁଇଟି ହତ୍ୟା ଅଭିଯୋଗ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଝୋଡିଗୁଡା ଗ୍ରାମର କମଳଲୋଚନ କରଲିଆ (୫୬) ନାମକ ଜଣେ ବ୍ୟକ୍ତି ଅସୁସ୍ଥ ଥିବାବେଳେ ସେହି ଗାଁର ନାରାୟଣ ମିନରବାଲିଆ କମଳଲୋଚନଙ୍କ ତାଙ୍କ ଘରକୁ ରାତିରେ ଔଷଧ ଦେବାପାଇଁ ଆସିଥିଲେ। କିଛି ସମୟ ପରେ କମଳଲୋଚନଙ୍କ ମୃତ୍ୟୁ ହୋଇଯାଇଥିଲା। ଔଷଧ ଦେବା ପରିବର୍ତ୍ତେ ନାରାୟଣ ମିନରବାଲିଆ କମଳଲୋଚନଙ୍କୁ ତଣ୍ଟି ଚିପି ହତ୍ୟା କରିଥିବା ନେଇ କମଳଲୋଚନଙ୍କ ବଡ଼ ଭାଇ ହରିବନ୍ଧୁ କରଲିଆ ସନ୍ଦେହ କରିଥିଲେ ଏବଂ ଏକ କାଠ ଫାଳିଆରେ ନାରାୟଣ ମିନରବାଲିଆଙ୍କ ମୁହଁ ତଥା ମୁଣ୍ଡରେ ପିଟି ପିଟି ହତ୍ୟା କରି ବୈପାରିଗୁଡା ଥାନାରେ ଆତ୍ମସମର୍ପଣ କରିଥିଲେ। ଆଜି ହତ୍ୟା ମାମଲା ରୁଜୁ କରି ପୁଲିସ କେସ୍ ନମ୍ବର ୧୪୨/୨୦୨୬ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିବା ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରକାଶ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ



କୋରାପୁଟ,୫।୬(ସମିସ): କୋରାପୁଟ ବନଖଣ୍ଡ ପକ୍ଷରୁ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପାଇନ୍ ଜଙ୍ଗଲ ପରିସରରେ କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ ଜଳବାୟୁ ଆମ ଭବିଷ୍ୟତ ପାଇଁ'କୁ ଆଧାର କରି ପରିବେଶ ସୁରକ୍ଷା, ବନ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କୋରାପୁଟ ଜିଲ୍ଲାରେ ୨୦୨୫ ବର୍ଷ ୧ କୋଟି ୧୦ ଲକ୍ଷ ଗଛ ଲଗାଯାଇଥିଲା। ଉକ୍ତ ଗଛ ଗୁଡ଼ିକୁ ବନବିଭାଗ ପକ୍ଷରୁ ଅତି ଗୁରୁତ୍ୱପୂର୍ଣ୍ଣ ଭାବେ ଯତ୍ନ ନିଆଯାଉଛି। ଏହି ଗଛ ଲଗାଇବାରେ ଓଡ଼ିଶାରେ କୋରାପୁଟ ଜିଲ୍ଲା ପ୍ରଥମ ସ୍ଥାନ ଅଧିକାର କରିଥିଲା ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଯଜ୍ଞଦତ୍ତ ପତି, ଜୟପୁର ଡିଏଫଓ ପ୍ରଶାନ୍ତ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବେଶ ଓ ବନ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ "ପ୍ରକୃତି ମିତ୍ର" ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋୟୀ, ଅମିତ ପ୍ରକାଶ ନାୟକ ଓ ଶ୍ୟାମା ଭାରତୀ ଏବଂ କୋରାପୁଟ ବନାଞ୍ଚଳ ଅଧିକାରୀ ଏସ କେ ପାହାଡ ସିଂ ପ୍ରମୁଖ ଯୋଗଦେଇ ପରିଚାଳନା କରିଥିଲେ।

# ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ



କୋଟପାଡ଼, ୫।୬ (ସମିସ): କୋରାପୁଟ ସହର ପାଇନ୍ ରିସର୍ଟ ଠାରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜିଲ୍ଲାରେ ବିଗତ ଦିନରେ ବିଭିନ୍ନ ବ୍ଲକରେ ବୃକ୍ଷରୋପଣ କରିଥିବା ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ମିତ୍ର ଆଉ ପ୍ରକୃତି ବନ୍ଧୁ ରୂପେ ସମ୍ବର୍ଦ୍ଧନା ଦିଆଯାଇଛି। ଏ ପରିପ୍ରେକ୍ଷୀରେ କୋଟପାଡ ମା ମାଉଲି ଯୁବ ସଂସଦର ସଦସ୍ୟ କୁଞ୍ଜ ବିହାରୀ ବୈଦ୍ୟ ପଟ୍ଟନାୟକଙ୍କୁ ପ୍ରକୃତି ମିତ୍ର ଏବଂ ସରୋଜ କୁମାର ପଟ୍ଟନାୟକଙ୍କୁ ପ୍ରକୃତି ବନ୍ଧୁ ରୁପେ ମାନପତ୍ର ସହ ଆର୍ଥିକ ରାଶି ପ୍ରଦନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରସିସିଏଫ କୋରାପୁଟ, ଏସିଏଫ ଜୟପୁର ଅମିତ୍ ପ୍ରକାଶ ନାୟକ, ବନଖଣ୍ଡ ଅଧିକାରୀ ଜୟପୁର ପ୍ରଶାନ୍ତ ପଟେଲ ଏବଂ କୋରାପୁଟ ବନଖଣ୍ଡ ଅଧିକାରୀ , ବିଏସ୍ଏଫ କମାଣ୍ଡ, ଏବଂ କୋରାପୁଟର ମାନ୍ୟଗଣ୍ୟ ବ୍ୟକ୍ତି ତଥା ବନାଞ୍ଚଳ ଅଧିକାରୀ କୋଟପାଡ଼ ମାନସ ରଞ୍ଜନ ନାୟକ, ତଥା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ବ୍ୟକ୍ତି ବିଶେଷ ସହିତ କୋରାପୁଟ ଜିଲ୍ଲା ବନ ବିଭାଗର ଅନେକ ଅଧିକାରୀ ଯୋଗଦାନ କରିଥିଲେ। ଏ ଅବସରରେ ଜିଲ୍ଲାପାଳ କୋଟପାଡ ପରିବେଶ କମିଟିର ପୋଷ୍ଟର ଉନ୍ମୋଚନ କରିଥିଲେ।

# ହିଣ୍ଡାଲ୍‌କୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ସେମିଳିଗୁଡ଼ା,୫।୬ (ସମିସ): ବୃକ୍ଷ ରୋପଣ ଏବଂ ସାମାଜିକ ସଚେତନତା ସୃଷ୍ଟି କରିବାପାଇଁ ମାଳି ପର୍ବତ ବକ୍ସାଇଟ ମାଇନ୍ସ, ହିଣ୍ଡାଲକୋର ସହଯୋଗରେ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସରେ କୋରାପୁଟ ବ୍ଲକ ଅନ୍ତର୍ଗତ ମୋହନପଡ଼ା ଗ୍ରାମଠାରେ ଚାରାରୋପଣ ଏବଂ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ୧୨୦ରୁ ଅଧିକ ଗ୍ରାମବାସୀ ଓ ମାନ୍ୟଗଣ୍ୟ ବ୍ୟକ୍ତି, ମହିଳା, ଯୁବକ ସଂଘ ସଦସ୍ୟ, ଛାତ୍ର ଛାତ୍ରୀ ଯୋଗ ଦେଇ ଗ୍ରାମରେ ଥିବା ବିଦ୍ୟାଳୟ ଓ କଲ୍ୟାଣ ମଣ୍ଡପ ଠାରେ ଚାରାରୋପଣ କରିବା ସହ ପରିବେଶ ସଚେତନତା ସୃଷ୍ଟି କରିଥିଲେ। ହିଣ୍ଡାଲକୋ କମ୍ପାନୀ ପକ୍ଷରୁ ସିଏସ୍ଆର ମ୍ୟାନେଜର ପ୍ରକାଶ ସାହୁ, ଏଚ୍ଆର. ମ୍ୟାନେଜର ସନ୍ତୋଷ ପଟ୍ଟନାୟକ, ପ୍ରଦୀପ ପାତ୍ର ଯୋଗ ଦେଇଥିଲେ। ମୋହନପଡା ଗ୍ରାମର ରାମଚନ୍ଦ୍ର ହୋତା, ମାଧବ ଚନ୍ଦ୍ର ଖିଲ, ଗୁରୁନାଥ ସାଗର, ଦୁଇବ ମାଝୀ, ପୁରେନ୍ଦ୍ର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ, ଯଶମାତି ସାହୁ ଓ ଅଙ୍ଗନବାଡି କର୍ମୀ ଲୀଳାବତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ପାରମ୍ପରିକ ଗ୍ରାମସଭା ସମୂହର ପରିବେଶ ଦିବସ




କୋରୁକୋଣ୍ଡା,୫।୬(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ଗ୍ରାମପଞ୍ଚାୟତର ଡୁଟେଗୁଡା, କୋରୁକୋଣ୍ଡା ଗ୍ରାମପଞ୍ଚାୟତର ସାରଦାଗୁଡା ଓ ନାକାମାମୁଡି ଗ୍ରାମପଞ୍ଚାୟତର ଲାଞ୍ଜିଗୁଡା ଗାଁରେ ପାରମ୍ପରିକ ଗ୍ରାମସଭା ସମୂହ ମାଲକାନଗିରି ଓ (ସି.ଏସ.ଡି) ଓଡିଶା ଉଦ୍ୟମ ରେ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଜଙ୍ଗଲ ଓ ପ୍ରକୃତି ବଞ୍ଚିଲେ ଆଦିବାସୀ ଓ ସମଗ୍ର ଜୀବଜଗତ ଶାନ୍ତିରେ ବଞ୍ଚିବ, ସେଥିପାଇଁ ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ କରିବା ଆମ ଆଦିବାସୀ ଓ ପାରମ୍ପରିକ ଜଙ୍ଗଲ ଅଧିବାସୀ ମାନଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ଓ ଅନିବାର୍ଯ୍ୟ। ତେଣୁ ବିଶ୍ୱ ପରିବେଶ ଦିବସରେ ଗ୍ରାମ ମାନଙ୍କରେ ସଚେତନତା ଏବଂ ବୃକ୍ଷ ରୋପଣ କିମ୍ବା ଜଙ୍ଗଲ ଓ ପ୍ରାକୃତିକ ସୁରକ୍ଷା ଓ ପୁନଃଜନନ କାର୍ଯ୍ୟକ୍ରମ କରି ପରିବେଶ ଓ ନିଜର ସଂସ୍କୃତି, ଜୀବନ ଜୀବିକାର ସୁରକ୍ଷା କରିବା ପାଇଁ ଉଦ୍ୟମ କରାଯାଇଥିଲା। ଜଳବାୟୁ ପରିବର୍ତ୍ତନର ଦ୍ରୁତ ପ୍ରଭାବକୁ ରୋକିବାରେ ଆଗାମୀ ଦିନରେ ସଚେତନତାକୁ ତୀବ୍ର କରିବାକୁ ନିଷ୍ପତି ଗ୍ରହଣ କରାଗଲା।

# ରାଜ୍ୟସ୍ତରୀୟ ଶିଶୁ ଶ୍ରମ ବିରୋଧୀ କର୍ମଶାଳା



କୋରାପୁଟ,୫।୬(ସମିସ): "ଶିଶୁର ହାତରେ ବହି ରହିବ, ହାତୁଡ଼ି ନୁହେଁ" ଏହି ସଂକଳ୍ପ ସହ କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ରାଜ୍ୟସ୍ତରୀୟ ଶିଶୁ ଶ୍ରମ ବିରୋଧୀ କର୍ମଶାଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଭାବନା ସଭାଗୃହରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଉଦ୍ୟମରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗ ଶିଶୁ ଶ୍ରମ ନିରାକରଣ ପାଇଁ ମିଳିତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିଛନ୍ତି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ମାର୍ଗଦର୍ଶନରେ କୋରାପୁଟକୁ ଶିଶୁ ଶ୍ରମ ମୁକ୍ତ ଜିଲ୍ଲା ଗଠନ ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଶପଥ ନେଇଛନ୍ତି। ଓଡ଼ିଶା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ବିରଜ ସ୍ୱାଇଁ ଆଇନର ଧାରାକୁ ଜୀବନର କାହାଣୀ କରି ବୁଝାଇଲେ। ୧୯୮୬ ମସିହାର ଶିଶୁ ଶ୍ରମ ନିଷେଧ ଆଇନ ଠାରୁ ୨୦୦୯ ମସିହାର ଶିକ୍ଷା ଅଧିକାର ଆଇନ ପର୍ଯ୍ୟନ୍ତ ପ୍ରତି ଅକ୍ଷର କେମିତି ଶିଶୁର ହାତକୁ କଲମ ଧରାଏ, ସେ ତା'ର ଚିତ୍ର ଆଙ୍କିଥିଲେ। ଓଡ଼ିଶାର ପାହାଡ଼ ଜଙ୍ଗଲ ମାଟିରେ ଲୁଚି ରହିଥିବା ଶିଶୁ ଶ୍ରମର ତିକ୍ତ ବାସ୍ତବତାକୁ ତଥ୍ୟ ସହ ଉପସ୍ଥାପନ କରିଥିଲେ। ଜାତୀୟ ଶିଶୁ ଶ୍ରମ ପ୍ରକଳ୍ପର ସ୍ୱତନ୍ତ୍ର ତାଲିମ କେନ୍ଦ୍ରକୁ ଉଦ୍ଧାର ପାଇଥିବା ପିଲାଙ୍କ ଦ୍ୱିତୀୟ ଘର ଭାବେ ଉପସ୍ଥାପନ କରାଗଲା। ଶ୍ରମ, ଶିକ୍ଷା ଓ ଅନୁସୂଚିତ ଜାତି ଜନଜାତି ଉନ୍ନୟନ ବିଭାଗର ମିଳିତ ଉଦ୍ୟମ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍ଧାର ପୂର୍ବରୁ ଥଇଥାନ ପର୍ଯ୍ୟନ୍ତ ପ୍ରତି ପର୍ଯ୍ୟାୟରେ କାହାର କ'ଣ ଦାୟିତ୍ୱ, ତା'ର ସ୍ପଷ୍ଟ ଖସଡ଼ା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ସମସ୍ତ ବିଭାଗୀୟ ଅଧିକାରୀ, ଶିଶୁ ସହାୟତା କେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଆୟୋଗର ସଦସ୍ୟା କସ୍ତୁରୀ ମିଶ୍ର, ମାନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁ ଅଧିକାର ସୁରକ୍ଷା ପାଇଁ ଜିଲ୍ଲାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଶେଷରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ପରିବେଶ ଦିବସରେ ପୁରସ୍କୃତ ହେଲେ ପ୍ରକୃତି ମିତ୍ର ଓ ବନ୍ଧୁ



ରାୟଗଡ଼, ୫।୬(ସମିସ) : ରାୟଗଡ ସହରର ସ୍ଥାନୀୟ ଅଡୁଗୁଡା ସହରାଞ୍ଚଳ ବନୀକରଣ ୨୦୨୬-୨୭ ସ୍ଥଳରେ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ପାଳନ ଦିବସରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସହ ବନଖଣ୍ଡ ଅଧିକାରୀ ଆନ୍ନା ସାହେବ ଓହୋଲ, ବନସଂରକ୍ଷକ ଅଶୋକ କୁମାର ପ୍ରଧାନ, ବନସଂରକ୍ଷକ ସନ୍ଦୀପ କୁମାର ପୃଷ୍ଟି, ବନ ସଂରକ୍ଷକ ସତୀଶ କୁମାର ଧାରୁଆ ବ୍ୟତୀତ ବିଭାଗର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତଥିଲେ। ବନଖଣ୍ଡ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପୁରସ୍କାର ବିତରଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାୟଗଡର ଶ୍ରୀମତୀ ଟି. ଗୌରୀ, ନିଗମାନନ୍ଦ ପାଣିଗ୍ରାହୀ ଉକୁମ୍ବା, ସୁନ୍ଦରସିଂ ମାଝୀ, ବିଷମ କଟକ, ଶୁଭମ କୁମାର ରାଉତ, ଟିକିରି ପ୍ରକୃତି ବନ୍ଧୁ ଭାବେ ପୁରସ୍କୃତ କରାଯାଇଥିବା ବେଳେ ପ୍ରଧାନ ଶିକ୍ଷକ ତାଡ଼ମା ଉଚ୍ଚ ସରକାରୀ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ଉକୁମ୍ବା ଉଚ୍ଚ ସରକାରୀ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ବିଷମକଟକ ଉଚ୍ଚ ସରକାରୀ ବିଦ୍ୟାଳୟଙ୍କୁ ପ୍ରକୃତି ମିତ୍ର ଭାବେ ପୁରସ୍କୃତ କରାଯାଇଥିଲା। ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲେଖନୀୟ କାର୍ଯ୍ୟ ସକାଶେ ମଦନ ମୋହନ ପଣ୍ଡା ରାଜସ୍ୱ ନିରୀକ୍ଷକ ପଦ୍ମପୁର, ମାଝୀ ମହାପାତ୍ର ବନପାଳ, ଜୟଦେବ ଶବର ବନପାଳ, ସନ୍ତୋଷୀ ବାଗ ବନରକ୍ଷୀ, ରାଜକିଶୋର ନାଏକ ଅମିନ ପଦ୍ମପୁର ଏବଂ ସିଏଚଏସ. ଜି. ଭି.ରାଓ ଏପିପି ରାୟଗଡ଼ଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଅନିଲ କୁମାର ପାଣିଗ୍ରାହୀ ବନାଞ୍ଚଳ ଅଧିକାରୀ ରାୟଗଡ଼ ପରିଚାଳନା କରିଥିଲେ।

# କ୍ଷେତ୍ରୀୟ ଖଣ୍ଡାୟତ ପାଇକ ସମାଜର ମହିଳା କର୍ମକର୍ତ୍ତା ଚୟନ



ପୋଡ଼ାଗଡ଼, ୫।୬(ସମିସ): କୋରାପୁଟ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ପାଇକ ସମାଜର ବୈଠକ ସହ ମହିଳା ମଣ୍ଡଳର କର୍ମକର୍ତ୍ତା ଚୟନ କରାଯାଇଛି। କୋରାପୁଟ ସଦର ମହକୁମା ଅଧିନସ୍ଥ ମହାଦେଇ ପୁଟ ପଞ୍ଚାୟତର ଏକ ଡେଲି ଗ୍ରାମର ମନ୍ଦିର ପ୍ରାଙ୍ଗଣରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ପାଇକ ସମାଜର ସଭାପତି ଶ୍ରୀକାନ୍ତ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବୈଠକର ମୂଳ ଉଦ୍ଦେଶ୍ୟ ହେଲା ପାଇକ ସମାଜର ମହିଳା ମାନଙ୍କ ସଚେତନ ସହ କର୍ମକର୍ତ୍ତା ଚୟନ। ବୈଠକରେ ଦଳେଇପୁଟ ମଣ୍ଡଳ ମହିଳା କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ମହିଳା ମଣ୍ଡଳ ସଭାପତି ଭବେ ନିଳେନ୍ଦ୍ରି ନାୟକ ଉପ ସଭାପତି ଭାବେ ପୂର୍ଣ୍ଣିମା ନାୟକ ସମ୍ପାଦକ ଭାବେ ମଞ୍ଜୁଲତା ରାଉତର ପ୍ରମୁଖ ମନୋନୀତ ହେଇଛନ୍ତି। ଏହି ଚୟନ ବୈଠକରେ ଉପସ୍ଥିତ ଥିଲେ ଦିର୍ଯ୍ୟ ଧାନ ଲମତା ଜିଲ୍ଲା ସମ୍ପାଦକ ଦଳୟପୁଟ ମଣ୍ଡଳ ସଭାପତି ମଦନ ରାଉତ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର । କୋରାପୁଟ ବ୍ଲକ ସଭାପତି ଭାବେ ରାମଚନ୍ଦ୍ର ରାଉତ ମନୋନୀତ ହେଇଛନ୍ତି।

# ତେନ୍ତୁଳିଖୁଣ୍ଟିରେ ନୂତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ



ତେନ୍ତୁଳିଖୁଣ୍ଟି,୫।୬(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକରେ ନୂତନ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ହେମନ୍ତ ମାଝୀ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଆଜି ଶ୍ରୀ ମାଝୀଙ୍କୁ ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କୁଳ ରଞ୍ଜନ ସୁନା, ଭବାନୀଶଙ୍କର ବସ୍ତିଆ, ସୁନନ୍ଦିନି ତ୍ରିପାଠୀ, ଚିତ୍ର ହରିଜନ, କାଳନ୍ଦୀ ଚରଣ ବିଷୋୟୀ, ଦିଲ୍ଲୀପ କୁମାର ପଣ୍ଡା, ଶିବ ପ୍ରସାଦ ବେହେରା, ସୁଜିତ୍ ଛାତି , ଧନଞ୍ଜୟ ବିଷୋୟୀ, କିଶୋର ବେହେରା ପ୍ରମୁଖ ପୁଷ୍ପଗୁଚ୍ଛ ଓ ଫୁଲ ତୋଡା ଦେଇ ସ୍ୱାଗତ କରିଥିଲେ।

# ଶାସକ ଦଳର ବିଫଳତାକୁ ନେଇ ବିଜେଡିର ରଣହୁଙ୍କାର



ବୈପାରୀଗୁଡା, ୫।୬(ସମିସ): ବୈପାରୀଗୁଡାରେ ବିଜେଡିର ରଣହୁଙ୍କାର। ରାଜ୍ୟରେ ଶାସକ ଦଳର ବିଫଳତା, ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି, ନାରୀ ନିର୍ଯାତନା, ଭତ୍ତା ପ୍ରଦାନରେ ଅନିୟମିତତା, ଚାଷୀ ସମସ୍ୟା ପାଣି, ବିଜୁଳି, ରାସ୍ତା ସମସ୍ୟା ଆଦି ରାଜ୍ୟର ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗକୁ ନେଇ ବୈପାରୀଗୁଡା ବିଡ଼ିଓଙ୍କୁ ଘେରିଛି ବିଜେଡି । ଦୀର୍ଘ ଦିନ ନୀରବତା ପରେ ଆଜି ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଛି। ବୈପାରୀଗୁଡା ବ୍ଲକ ବିଜେଡି ସଭାପତି ମୋନଜ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଡାକ ବଙ୍ଗଳାଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୧୧ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସୁବ୍ରତ ସାହୁଙ୍କ ଜରିଆରେ ଦାବିପତ୍ର ପ୍ରଦାନ କଲା ବିଜୁ ଜନତା ଦଳ। ଏହାପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡିର ଜିଲ୍ଲା ସଭାପତି ଝିନ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୁର୍ବତନ ବିଧାୟକ ରଘୁରାମ ପଡାଲ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ସାଂସଦ ପାର୍ଥି କୌଶଲ୍ୟା ହିକ୍କା, ପୂର୍ବତନ ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝି, ବିଜେଡ଼ି ଜିଲ୍ଲା ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ଜିଲ୍ଲା ଉପସଭାପତି ଜଗଦୀଶ ଜେନା, ବରିଷ୍ଠ ନେତା ଆର ଶ୍ରୀନିବାସ ରାଓ ବୈପାରିଗୁଡା ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ପୂର୍ବତନ ବ୍ଲକ ସଭାପତି ସାଥିରାମ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ପୂଜାରି, ପୂବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡକି, ମଞ୍ଚାସୀନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପୂର୍ବତନ ବ୍ଲକ ଯୁବ ସଭାପତି ବିଶ୍ୱଜିତ ନାୟକ ପରିଚାଳନା କରିଥିବା ବେଳେ ଯୁବ ସଭାପତି ମାନସ ଜଗଦେବ,ଅଶୋକ ଦାସ,ସଦା ମଲ୍ଲିକ, କଂଗ୍ରେସ ମଲ୍ଲିକ, ଭାଗିରଥି ମୁର୍ଯ୍ୟିଆ, ଜି ନରେନ୍ଦ୍ର ରାଓ,ସୁରେନ୍ଦ୍ର ପ୍ରଧାନି,ଆର ଦାମ୍ବିକ ରାଓ,ଆର ରୋହିତ କୁମାର, ସନ୍ତୋଷ ପଟ୍ଟନାୟକ,ଟୁକୁଲୁ ପାଳ ପ୍ରମୁଖ ସୋହଯୋଗ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୯ ● ପାଉଣ୍ଡ ୧୨୮.୫୩
- ୟୁରୋ ୧୧୧.୧୯ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୨,୭୫୦ (ଭୁବନେଶ୍ୱର)
- ରୁପା : ୨,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୨୪୩.୦୦
- ନିଫ୍ଟି ୨୩,୩୬୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ମୁଦ୍ରା ନୀତି କମିଟି ବୈଠକ

# ଆର୍‌ବିଆଇକୁ ଅଭିବୃଦ୍ଧି ଚିନ୍ତା



**ରେପୋ ହାର ୫.୨୫%ରେ ଅପରିବର୍ତ୍ତିତ**

**ଥରକୁ ଥର କମୁଛି ଜିଡିପି ଆକଳନ**

**ମହଙ୍ଗା ବଜାର, ଏଲ୍ ନିନୋ ଭୟ**

**ରପ୍ତାନିରେ ହ୍ରାସ ବଡ ଆହ୍ୱାନ**

■ ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଅସ୍ଥିରତା ସମ୍ପ୍ରତି ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବାରେ ଲାଗିଛି। ଏଥିରେ ଭାରତୀୟ ଅର୍ଥନୀତି ମଧ୍ୟ ବଡ଼ ଝଟ୍‌କାର ସମ୍ମୁଖୀନ ହେଉଛି। ବିଶ୍ୱ ଅର୍ଥନୀତି ଅନିଶ୍ଚିତତାରେ ଘୋଡ଼ାଇ ହୋଇରହିଥିବା ଆର୍‌ବିଆଇର ତିନି ଦିନିଆ ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି। ରିଜର୍ଭ ବ୍ୟାଙ୍କ ମୁଦ୍ରା ନୀତି ସମୀକ୍ଷା ବୈଠକରେ ସୁଧ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିଛି। ହେଲେ ଏହାମଧ୍ୟରେ ଆର୍‌ବିଆଇକୁ ଅଭିବୃଦ୍ଧି ଚିନ୍ତା ଘାରିଛି। ଦୁର୍ବଳ ମୌସୁମୀ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଆଗାମୀ ମାସଗୁଡ଼ିକରେ ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଏହାଛଡା ଆର୍‌ବିଆଇ ବର୍ତ୍ତମାନ କିଛି ବଡ଼ ଆହ୍ୱାନର ସମ୍ମୁଖୀନ ହେଉଛି। ମାଲହୋତ୍ରାଙ୍କ ଅନୁଯାୟୀ, ବର୍ତ୍ତମାନ ଆର୍‌ବିଆଇର ସବୁଠାରୁ ବଡ଼ ଚିନ୍ତା ହେଉଛି ଯୋଗାଣ ଝଟ୍‌କାର ଦୀର୍ଘକାଳୀନ ପ୍ରଭାବ ଏବଂ ବଜାର ଉପରେ ଏହାର ସିଧାସଳଖ ପ୍ରଭାବ। ଏସବୁ ଲାଗି ରିଜର୍ଭ ବ୍ୟାଙ୍କ ଅଭିବୃଦ୍ଧି ପୂର୍ବାନୁମାନରେ ହ୍ରାସ ଘଟାଇ ବାରମ୍ବାର ସଂଶୋଧନ କରିଛି।

ଆର୍‌ବିଆଇର ମୁଦ୍ରା ନୀତି କମିଟି ବୈଠକରେ ଶୁକ୍ରବାର ସୁଧ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ଉପଭୋକ୍ତା ମୂଲ୍ୟ ସୂଚକା (ସିପିଆଇ) ଭିତ୍ତିକ ଖୁଚୁରା ମୁଦ୍ରାସ୍ଫୀତି ଏପ୍ରିଲରେ ୩.୪୮%ରେ ପହଞ୍ଚିଛି, ଯାହା ଆର୍‌ବିଆଇର ମଧ୍ୟମକାଳୀନ ଲକ୍ଷ୍ୟ ୪%ର ଖୁବ୍ ନିକଟତର। କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୭ ପାଇଁ ମୁଦ୍ରାସ୍ଫୀତି ପୂର୍ବାନୁମାନ ୦.୫୦ ପ୍ରତିଶତ ବୃଦ୍ଧି କରିଛି। ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୨୦୨୫ ଅକ୍ଟୋବରରେ ୦.୨୫%ର ଏକ ଐତିହାସିକ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା, ଯାହା ସିପିଆଇ ସିରିଜ୍ ଆରମ୍ଭ ହେବା ପରଠାରୁ ସବୁଠାରୁ କମ୍। ଏହାବ୍ୟତୀତ, ଦୁର୍ବଳ ମୌସୁମୀ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଆଗାମୀ ଦିନଗୁଡ଼ିକରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବ୍ୟାଙ୍କ ଚଳିତ ଆର୍ଥିକବର୍ଷ ପାଇଁ ଏହାର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୬.୯%ରୁ ୬.୬%କୁ ସଂଶୋଧନ କରିଛି। ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ଏବଂ ଯୋଗାଣ ବାଧା ଆର୍ଥିକ କାର୍ଯ୍ୟକଳାପ ଉପରେ ନକାରାତ୍ମକ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ଅନ୍ୟପଟେ, ଚଳିତ ବର୍ଷ ଆରମ୍ଭରୁ ଟଙ୍କାର ମୂଲ୍ୟ ନିରନ୍ତର ଭାବେ ହ୍ରାସ ପାଉଛି। ଏସିଆର ସବୁଠାରୁ ସ୍ଥିର ମୁଦ୍ରା ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ହେଉଥିବା ଟଙ୍କା ଏହି ବର୍ଷ ଉଦୀୟମାନ ବଜାରରେ ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ମଧ୍ୟରୁ ଗୋଟିଏ ହୋଇଗଲାଣି, ଯାହା ମହଙ୍ଗା ତେଲ, ପୁଞ୍ଜି ପ୍ରବାହ, ବୃଦ୍ଧି ପାଉଥିବା ବାଣିଜ୍ୟ ନିଅଣ୍ଟ ଏବଂ ବୃଦ୍ଧି ପାଉଥିବା ଆମେରିକୀୟ ଡଲାର ଦ୍ୱାରା ଚାପଗ୍ରସ୍ତ। ୨୦୨୬ ରେ ଏପର୍ଯ୍ୟନ୍ତ ପ୍ରାୟ ୭% ଏବଂ ଫେବୃଆରୀ ଶେଷ ଭାଗରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏଥିରେ ପ୍ରାୟ ୬% ହ୍ରାସ ଘଟିଛି। ମାଲହୋତ୍ରାଙ୍କ ଅନୁଯାୟୀ, ବର୍ତ୍ତମାନ ଆର୍‌ବିଆଇର ସବୁଠାରୁ ବଡ଼ ଚିନ୍ତା ହେଉଛି ଯୋଗାଣ ଝଟକାର ଦୀର୍ଘକାଳୀନ ଏବଂ ମୂଲ୍ୟ ଉପରେ ଏହାର ସିଧାସଳଖ ପ୍ରଭାବ। ଏହାବ୍ୟତୀତ, ସମ୍ଭାବ୍ୟ ଦୁର୍ବଳ ମୌସୁମୀ ଏବଂ ଏଲ୍ ନିନୋ ପରିସ୍ଥିତି ଯୋଗୁଁ ମୁଦ୍ରାସ୍ଫୀତି ଉପରେ ପ୍ରତିକୂଳ ପ୍ରଭାବ ବିଷୟରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସତର୍କ ରହିଛି।

ଆରବିଆଇ ଗଭର୍ଣ୍ଣର ନିବେଶକମାନଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ ଦରବୃଦ୍ଧି ଜାରି ରହିଲେ ହିଁ ଆରବିଆଇ ସୁଧ ହାର ବୃଦ୍ଧି କରିବ। ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆରବିଆଇ ଏବଂ ସରକାରଙ୍କ ଦ୍ୱାରା ନିଆଯାଇଥିବା ନୀତିଗତ ପଦକ୍ଷେପଗୁଡ଼ିକ ଦେଶରେ ଅଧିକ ବିଦେଶୀ ପୁଞ୍ଜି ପ୍ରବାହକୁ ନେଇ ଆଶା କରାଯାଉଛି । ଗଭର୍ଣ୍ଣର କହିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ ପୁଞ୍ଜି ପ୍ରବାହ ପାଇଁ କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ନାହିଁ, କିନ୍ତୁ ପୁଞ୍ଜି ନିବେଶ ବୃଦ୍ଧି କରିବା ଲକ୍ଷ୍ୟ ରହିଛି। ଅପରପକ୍ଷେ ଆର୍‌ବିଆଇର ରେପୋ ହାର ଅପରିବର୍ତ୍ତିତ ରଖିବା ନିଷ୍ପତ୍ତି ଦେଶର ମଧ୍ୟବିତ୍ତ ବର୍ଗ ଏବଂ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ଆଶ୍ୱସ୍ତି ଦେଇଛି। ଗୃହ ଋଣ ସୁଧ ହାର ବୃଦ୍ଧି ନ କରିବା ଦ୍ୱାରା ଇଏମ୍‌ଆଇ ସୁରକ୍ଷିତ ଏବଂ ସ୍ଥିର ରହିବ। ଏହି ଆଶ୍ୱସ୍ତି ଏପରି ସମୟରେ ଆସିଛି ଯେତେବେଳେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁଁ ଅଶୋଧିତ ତେଲ, ସିମେଣ୍ଟ ଏବଂ ଇସ୍ପାତ ୨ ରୁ ୫% ମହଙ୍ଗା ହୋଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ପ୍ରମୁଖ ସହରଗୁଡ଼ିକରେ ଗୃହ ପାଇଁ ଚାହିଦା ଅଧିକ ରହିବ। ବିଲ୍ଡରଙ୍କ ଉପରେ ମହଙ୍ଗା ଋଣର ଅତିରିକ୍ତ ବୋଝ ପଡ଼ିବ ନାହିଁ, ଯାହା ଫଳରେ ନୂତନ ଏବଂ ପୁରୁଣା ପ୍ରକଳ୍ପର କାମ ବନ୍ଦ ହେବ ନାହିଁ।

## ଆର୍‌ବିଆଇ ଗଭର୍ଣ୍ଣରଙ୍କ ସୂଚନା

# ଆସିବ ପ୍ଲାଷ୍ଟିକ୍ ନୋଟ୍

**ଯୋଜନା ପ୍ରାରମ୍ଭିକ ପର୍ଯ୍ୟାୟରେ**


**ପ୍ରସ୍ତୁତି ପାଇଁ ପ୍ରାରମ୍ଭିକ ଖର୍ଚ୍ଚ ଅଧିକ**

ମୁମ୍ବଇ, ୫।୬ (ଏଜେନ୍ସି): ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବାକୁ ପ୍ରସ୍ତୁତ ହେଉଛି। ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଅବସରରେ ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲୋହୋତ୍ରା କହିଛନ୍ତି ଯେ ପ୍ଲାଷ୍ଟିକ୍ ନୋଟ୍ ପାଇଁ ପ୍ରସ୍ତାବ ଏ ପର୍ଯ୍ୟନ୍ତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ତଥାପି, ରିପୋର୍ଟ ଅନୁଯାୟୀ, ଖୁବ୍ ଶୀଘ୍ର ଏ ନେଇ ଏକ ପାଇଲଟ୍ ପ୍ରକଳ୍ପ ଘୋଷଣା କରାଯାଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ ଏବଂ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରାଯିବ। ୟନ କରାଯାଇପାରେ, କାରଣ ଏଗୁଡ଼ିକ ସର୍ବାଧିକ ବ୍ୟବହୃତ ଏବଂ ଶୀଘ୍ର ନଷ୍ଟ ହୋଇଯାଏ।

ଦେଶରେ ପ୍ଲାଷ୍ଟିକ୍ ନୋଟ୍ ବିଷୟରେ ଆଲୋଚନା ହେବା ଏହା ପ୍ରଥମ ଥର ନୁହେଁ। ପ୍ରାୟ ୧୦ ବର୍ଷ ପୂର୍ବେ, ଆର୍‌ବିଆଇ ପ୍ଲାଷ୍ଟିକ୍ ନୋଟ୍ ମୁଦ୍ରଣ କରିବାକୁ ପରାମର୍ଶ ଦେଇଥିଲା। କାଗଜ ନୋଟ୍ ମୁଦ୍ରଣର ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ବହୁ ସଂଖ୍ୟକ ପୁରୁଣା ନୋଟ୍ କ୍ଷତିଗ୍ରସ୍ତ ଏବଂ ନଷ୍ଟ ହେବା ଏହି ଯୋଜନାକୁ ପୁଣି ଥରେ ଆଲୋଚନାକୁ ଆଣିଛି। ୨୦୧୪ ଫେବୃଆରୀରେ, ସରକାର ସଂସଦକୁ ଜଣାଇଥିଲେ ଯେ ପ୍ଲାଷ୍ଟିକ୍ ୧୦ ଟଙ୍କିଆ ନୋଟ୍‌ରୁ ପରୀକ୍ଷଣ କରାଯିବ। ଏହି ଉଦ୍ଦେଶ୍ୟରେ ବିଭିନ୍ନ ଜଳବାୟୁ ଏବଂ ଭୌଗୋଳିକ ପରିସ୍ଥିତି ସହିତ ଦେଶର ୫ଟି ସହରକୁ ଚୟନ କରାଯାଇଥିଲା। ଏଥିରେ କୋଚି, ମହୀଶୂର, ଜୟପୁର, ସିମଲା ଏବଂ ଭୁବନେଶ୍ୱର ଅନ୍ତର୍ଭୁକ୍ତ ଥିଲା। କିନ୍ତୁ, ବୈଷୟିକ ଏବଂ କାର୍ଯ୍ୟକ୍ଷମ ସମସ୍ୟା ଯୋଗୁଁ ଯୋଜନାଟି ସେତେବେଳେ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ, ଆର୍‌ବିଆଇ ପୁଣି ଥରେ ପ୍ଲାଷ୍ଟିକ୍ ନୋଟ୍‌ର ସମ୍ଭାବ୍ୟତା ଅନୁସନ୍ଧାନ କରୁଛି।

ଗତ ସପ୍ତାହରେ ଆର୍‌ବିଆଇ ଡିଜିଟାଲ୍ ପକ୍ଷରୁ ପ୍ରକାଶ ପାଇଥିଲା ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବା ନେଇ ଆର୍‌ବିଆଇ ବିଚାର କରୁଛି। ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଆଜି ଗଭର୍ଣ୍ଣର ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ବିଷୟରେ ସୂଚନା ଦେଇ କହିଛନ୍ତି, ଏହି ପ୍ରସ୍ତାବ ବିଚାରାଧୀନ ଅଛି। ଯଦିଓ ପ୍ଲାଷ୍ଟିକ୍ ନୋଟ୍‌ଗୁଡିକର ପ୍ରାରମ୍ଭିକ ଖର୍ଚ୍ଚ ଅଧିକ, ହେଲେ ସେଗୁଡ଼ିକ କାଗଜ ନୋଟ୍ ଅପେକ୍ଷା ବହୁତ ସ୍ଥାୟୀ। ଏହା ଦୀର୍ଘକାଳୀନ ଭାବରେ ନୂତନ ନୋଟ୍ ମୁଦ୍ରଣ କରିବାର ଆବଶ୍ୟକତାକୁ ହ୍ରାସ କରିବ ଏବଂ ଏହା ଫଳରେ ମୂଲ୍ୟ ସଞ୍ଚୟ ହୋଇପାରିବ।

## ଅର୍ଥନୀତିଜ୍ଞ ନୀଳକଣ୍ଠ ମିଶ୍ର ବିଶ୍ୱ ବ୍ୟାଙ୍କ ଇଡି



ନୂଆଦିଲ୍ଲୀ,୫।୬(ଏଜେନ୍ସି): ଅର୍ଥନୀତିଜ୍ଞ ଏବଂ ବଜାର ରଣନୀତିଜ୍ଞ ନୀଳକଣ୍ଠ ମିଶ୍ର ବିଶ୍ୱ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ନିଯୁକ୍ତ ହୋଇଛନ୍ତି। ବିଶ୍ୱ ବ୍ୟାଙ୍କରେ ତାଙ୍କୁ ଭାରତର ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। କ୍ୟାବିନେଟର ନିଯୁକ୍ତିପ୍ରଦାନକାରୀ କମିଟି ତାଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି। ସେ ୩ ବର୍ଷ ପାଇଁ ୱାଶିଂଟନରେ ବିଶ୍ୱ ବ୍ୟାଙ୍କ ମୁଖ୍ୟାଳୟରେ ଭାରତକୁ ପ୍ରତିନିଧିତ୍ୱ କରିବେ। ଶ୍ରୀ ମିଶ୍ର ବର୍ତ୍ତମାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପରମେଶ୍ୱରନ ଆୟରଙ୍କ ସ୍ଥାନ ନେବେ। ଶ୍ରୀ ମିଶ୍ର ତାଙ୍କ ପଦବୀ ଗ୍ରହଣ କରିବା ପର୍ଯ୍ୟନ୍ତ ଆୟରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି।

## ଚାନ୍ଦି ଭଣ୍ଡାରର ନୂଆ ସମ୍ଭାର 'ଲିଲି ଅଫ୍ ଭ୍ୟାଲି'



**ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି**

ଭୁବନେଶ୍ୱର, ୫।୬(ସମିସ): ଓଡ଼ିଶାର ପ୍ରମୁଖ ପର୍ବ 'ରଜ'ରୁ ଅନୁପ୍ରାଣିତ ହୋଇ ଚାନ୍ଦି ଭଣ୍ଡାର ଆଣିଛି ଏକ ନୂଆ ସମ୍ଭାର 'ଲିଲି ଅଫ୍ ଭ୍ୟାଲି'। ନାରୀତ୍ୱକୁ ପାଳନ କରୁଥିବା ତଥା ପ୍ରକୃତିର ପୋଷଣ ଶକ୍ତିକୁ ସମ୍ମାନ ଦେଉଥିବା ଏହି ପର୍ବ 'ଲିଲି ଅଫ୍ ଭ୍ୟାଲି' ସମ୍ଭାରର ପ୍ରେରଣା। ରଜ ସମୟରେ ଫୁଟୁଥିବା ଲିଲି ଅଫ୍ ଭ୍ୟାଲି ଫୁଲର ସୁନ୍ଦରତାକୁ ୧୮ କ୍ୟାରେଟ୍ ଗୋଲ୍ଡ ପ୍ଲେଟିଂ ସହ ଅତ୍ୟନ୍ତ ସୂକ୍ଷ୍ମ କାରୁ କାର୍ଯ୍ୟପୂର୍ଣ୍ଣ ଷ୍ଟର୍ଲିଂ ସିଲ୍‌ଭର ଅଳଙ୍କାରର ରୂପ ଦିଆଯାଇଛି। ଏହି ସମ୍ଭାରରେ ରହିଛି ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ନେକଲେସ୍, କାନଫୁଲ, ମୁଦି,ବ୍ରେସ୍‌ଲେଟ ଏବଂ ଷ୍ଟେଟ୍‌ମେଣ୍ଟ ପିସ୍, ଯାହାକି ଫୁଲର ପ୍ରାକୃତିକ ସୁନ୍ଦରତାରୁ ଅନୁପ୍ରାଣିତ। ସୂକ୍ଷ୍ମ ଫ୍ଲୋରାଲ ଡିଟେଲ, ପ୍ରବାହିତ ରେଖା ଏବଂ ହାଲୁକା ପେଷ୍ଟେଲ ରଙ୍ଗ ଏକତ୍ର ଭାବେ ଏଭଳି ଡିଜାଇନ୍ ପ୍ରସ୍ତୁତ କରୁଛି, ଯାହାକି ଋତୁର ସତେଜତାକୁ ଦର୍ଶାଇଥାଏ ଏବଂ ଦୈନନ୍ଦିନ ଆଭୂଷଣ ସହ ସ୍ୱତନ୍ତ୍ର ଅବସରକୁ ମଧ୍ୟ ଖାପ ଖାଇଥାଏ । ଚାନ୍ଦି ଭଣ୍ଡାର ମଧ୍ୟ ପୁରୁଷ ଏବଂ ପିଲାମାନଙ୍କ ପାଇଁ ଚିନ୍ତନଶୀଳ ଭାବେ ପ୍ରସ୍ତୁତ ସମ୍ଭାର ଉପଲବ୍ଧ କରୁଛି। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ ଷ୍ଟର୍ଲିଂ ରୁପା ଡିଜାଇନ ଉପଲବ୍ଧ। ସ୍ୱତନ୍ତ୍ର ଲଞ୍ଚ ସେଲିବ୍ରେଶନ୍ ଭାବେ ଗ୍ରାହକ ଜୁନ୍ ୫ରୁ ୨୦ ଯାଏ ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିଆତି ପାଇବେ। ଏଭଳି ସମୟରେ ଏହି ସମ୍ଭାରକୁ ଅଣାଯାଇଛି, ଯେତେବେଳେ ଚାନ୍ଦି ଭଣ୍ଡାର ପୁରୀରେ ଚାନ୍ଦି ଭଣ୍ଡାର ଏହାର ୩୨ ତମ ଷ୍ଟୋର ଖୋଲିବାକୁ ଯାଉଛି। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ପ୍ରତ୍ୟେକ ସମ୍ଭାର ଏକ କାହାଣୀ କୁହେ। 'ଲିଲି ଅଫ୍ ଭ୍ୟାଲି' ରଜ ଉତ୍ସବ ପାଇଁ ଉତ୍ସର୍ଗୀକୃତ। ଏହା ଏଭଳି ଏକ ପର୍ବ, ଯାହାକି ଓଡ଼ିଶା ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ରଖିଛି।

## ୨୦୨୫-୨୬ରେ ଜିଡିପି ଅଭିବୃଦ୍ଧି ୭.୭%

**ସିଏସ୍‌ଓ ରିପୋର୍ଟ**

**ଆସନ୍ତା ବର୍ଷ କମିବ ଅଭିବୃଦ୍ଧି**

ନୂଆଦିଲ୍ଲୀ, ୫।୬(ଏଜେନ୍ସି): ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଭାରତର ଜିଡିପି ଅଭିବୃଦ୍ଧି୭.୮ ପ୍ରତିଶତ ରହିଛି। ଆର୍ଥିକ ବର୍ଷ ୨୦୨୫-୨୬ରେ ଦେଶର ମୋଟ ଆର୍ଥିକ ବିକାଶ ହାର ୭.୭ ପ୍ରତିଶତ ରହିଛି। ପରିସଂଖ୍ୟାନ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ଅର୍ଥବ୍ୟବସ୍ଥା ୭.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ର ୭.୧ ପ୍ରତିଶତ ବିକାଶ ହାର ତୁଳନାରେ ୦.୬ ଅଧିକ। ଏହି ଗତି ସ୍ପଷ୍ଟ କରୁଛି ଯେ ଦେଶର ଆର୍ଥିକ ଗତିବିଧି ଗତିଶୀଳ ରହିଛି, ଯାହା ବିକାଶକୁ କ୍ରମାଗତ ଭାବେ ସମର୍ଥନ ଯୋଗାଉଥିବା କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ(ସିଏସ୍‌ଓ) ପକ୍ଷରୁ ଜାରି ଏକ ତଥ୍ୟରେ କୁହାଯାଇଛି। ଦେଶର ନୋମିନାଲ୍ ଜିଡିପି ୮.୯% ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରିଅଲ୍ ଏବଂ ନୋମିନାଲ୍ (ଗ୍ରସ୍ ଭାଲ୍ୟୁ ଆଡେଡ୍) ଯଥାକ୍ରମେ ୭.୯% ଏବଂ ୯.୧% ବୃଦ୍ଧି ପାଇଛି। କୃଷି ଏବଂ ମତ୍ସ୍ୟଚାଷ ଭଳି ପ୍ରାଥମିକ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧି ୩.୨% ହୋଇଛି।

## କ୍ୟାପିଟାଲ ଟୟୋଟାରେ ଅଲ୍-ଇଲେକ୍ଟ୍ରିକ୍ ଟୟୋଟା ଅର୍ବାନ୍ କ୍ରୁଜର୍ ଏବେଲା



ଭୁବନେଶ୍ୱର, ୫।୬ (ସମିସ): ଦେଶର ପ୍ରଥମ ଡିଲରସିପ୍ ଭାବେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କ୍ୟାପିଟାଲ ଟୟୋଟାରେ ନୂତନ ଟୟୋଟା ଅଲ୍-ଇଲେକ୍ଟ୍ରିକ୍ 'ଅର୍ବାନ୍ କ୍ରୁଜର୍ ଇବେଲା'ର ବଜାର ପ୍ରବେଶ ହୋଇଯାଇଛି। ଏହି ଗାଡ଼ିର ମୂଲ୍ୟ ପ୍ରାରମ୍ଭିକ ମୂଲ୍ୟ ୨୩.୬୦ ଲକ୍ଷ ଟଙ୍କା ରହିଛି। ଏହି କାର୍ଯ୍ୟକ୍ରମରେ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)ର ଏଫଏସଏମ (ପୂର୍ବାଞ୍ଚଳ) ମହେଶ ଲୋଣ୍ଢେ, ପରିଚାଳକ (ପୂର୍ବାଞ୍ଚଳ) ଅନିମେଶ ନାଗ ଏବଂ ମହାପ୍ରବନ୍ଧକ (ପୂର୍ବାଞ୍ଚଳ) ବିନୟ କୁମାର ଉପସ୍ଥିତ ଥିଲେ। ଭାରତରେ ପ୍ରଥମ ଅର୍ବାନ କ୍ରୁଜର ଇବେଲା ସୂର୍ଯ୍ୟକାନ୍ତ ସ୍ୱାଇଁଙ୍କ ପତ୍ନୀ ଶ୍ରୀମତୀ ରୀନା ସ୍ୱାଇଁଙ୍କୁ ଆନୁଷ୍ଠାନିକ ଭାବରେ ହସ୍ତାନ୍ତର କରାଯାଇଛି। ଅର୍ବାନ କ୍ରୁଜର ଇବେଲାର ଶୁଭାରମ୍ଭ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା, ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରଦାନ କରିବା ସହିତ ବୈଦ୍ୟୁତିକ ଗତିଶୀଳତା ଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ଟୟୋଟାର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଯାନଟିକୁ ଲଞ୍ଚ ଏବଂ ବିତରଣ କରିଥିବା ଭାରତର ପ୍ରଥମ ଡିଲରସିପ୍ ଭାବରେ, କ୍ୟାପିଟାଲ ଟୟୋଟା ପୁଣି ଥରେ ଗ୍ରାହକ ଅଭିଜ୍ଞତା ଏବଂ ଅଟୋମୋଟିଭ୍ ନବସୃଜନରେ ଏକ ନେତା ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଏହି ଅବସରରେ କ୍ୟାପିଟାଲ ଟୟୋଟାର ମହାପ୍ରବନ୍ଧକ (ବିକ୍ରି) ଚମ୍ପକ କୁମାର ଦାସ ଟୟୋଟା କିର୍ଲୋସ୍କର ମୋଟର ପ୍ରତି କୃତଜ୍ଞତା ପ୍ରକାଶ କରି ଗ୍ରାହକମାନଙ୍କ ନିରନ୍ତର ବିଶ୍ୱାସ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଦେଇଥିଲେ।

## ଆସିଲା ଇ-୮୫ ଇନ୍ଧନ: ପେଟ୍ରୋଲ୍‌ଠାରୁ ୨୦ ଟଙ୍କା ଶସ୍ତା

**୮୦-୮୫% ଇଥାନଲ୍**

**ଦିଲ୍ଲୀରେ ଖୋଲିଲା ପ୍ରଥମ ପମ୍ପ**

ନୂଆଦିଲ୍ଲୀ, ୫।୬ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟରେ ଲାଗାତାର ଅସ୍ଥିର ହୋଇରହିଛି। ଏହାମଧ୍ୟରେ ଭାରତକୁ ଆସିଛି ଇ-୮୫ ଇନ୍ଧନ। ଏହି ନୂଆ ଇନ୍ଧନ କେବଳ ପରିବେଶ ଅନୁକୂଳ ହେବ ନାହିଁ ବରଂ ଲୋକଙ୍କ ଖର୍ଚ୍ଚ ମଧ୍ୟ କମ କରିବ। କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ୍ ସିଂହ ପୁରୀଙ୍କ ଅନୁଯାୟୀ, ଏହା ବର୍ତ୍ତମାନର ଇ-୨୦ ଇନ୍ଧନ ଅପେକ୍ଷା ଲିଟର ପିଛା ୨୦ ଟଙ୍କା ଶସ୍ତା ହେବ । ଅର୍ଥାତ୍ ଏହାର ମୂଲ୍ୟ ବର୍ତ୍ତମାନ ପ୍ରଚଳିତ ପେଟ୍ରୋଲେ ତୁଳନାରେ ୨୦ ଟଙ୍କା କମ୍। ଇ-୮୫ ଇନ୍ଧନ ଏକ ସ୍ୱତନ୍ତ୍ର ପ୍ରକାର ପେଟ୍ରୋଲ ମିଶ୍ରଣ, ଏଥିରେ ପ୍ରାୟ ୮୦ରୁ ୮୫% ଯାଏ ଇଥାନଲ୍ ମିଶ୍ରଣ କରାଯାଇଥାଏ। ଇଥାନଲ୍ ହେଉଛି ଏକ ଜୈବ ଇନ୍ଧନ ଯାହା ମୁଖ୍ୟତଃ କୃଷି ଉତ୍ପାଦ ଏବଂ ଏହା ସହ ଜଡ଼ିତ କଞ୍ଚାମାଲରୁ ଉତ୍ପାଦିତ ହୁଏ। ଏଠାରେ ସୂଚନାଯୋଗ୍ୟ ଯେ, ଭାରତ ପୂର୍ବରୁ ଇ-୨୦ କିମ୍ବା ୨୦ ପ୍ରତିଶତ ଇଥାନଲ୍ ସହିତ ମିଶ୍ରିତ ପେଟ୍ରୋଲ ଆଡ଼କୁ ଗତି କରିଛି। ପେଟ୍ରୋଲିୟମ ସଚିବ ନୀରବ ମିତ୍ତଲ କହିଛନ୍ତି ଇ-୮୫ ତେଲ ବଜାରକୁ ଆସିବା ପରେ ଗାଡ଼ିରୁ ବାହାରୁଥିବା କ୍ଷତିକାରକ ଧୂଆଁ ଏବଂ ଅଙ୍ଗାରକାମ୍ଳ ନିର୍ଗମ ହ୍ରାସ ହେବ ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଧକ ପିତାମ୍ବର ଦାଶ
ମହା ବିଦ୍ୟାପୀଠ, ନୂଆନନ୍ଦ, ତିହିଡି
ଆବିର୍ଭାବ - ୧୮.୦୯.୧୯୬୪
ତିରୋଧାନ - ୨୭.୦୫.୨୦୨୬
ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।
ଶୋକସନ୍ତପ୍ତ: ସଂଗ୍ରାମ ଦାଶ, ଦଳିତ ଦାଶ, ଭବାନୀ, ରାମାନୁଜ, ଯଯାତି, ଝିଅ-ଜ୍ୱାଇଁ- ମନୋରଞ୍ଜନ, ଲୋକନାଥ, କୁନୁରୁ, ଚଣ୍ଡୀକା, ମୋନିକା, ଶୈଳ, ବର୍ଣ୍ଣି, ସୀମା, ତାନିଆ, ସିଦ୍ଧି, ବନ୍ଧୁବାନ୍ଧବ ଓ ପରିବାରବର୍ଗ

## ଡାଲମିଆ ଭାରତ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ



ଭୁବନେଶ୍ୱର,୫।୬(ସମିସ): ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ଭାରତ ଲିମିଟେଡ୍ ପକ୍ଷରୁ କଟକରେ ବିଶ୍ୱ ପରିବେଶ ସପ୍ତାହ–୨୦୨୬ ପାଳିତ ହୋଇଛି। ପରିବେଶ ସୁରକ୍ଷା, ସ୍ଥାୟୀ ତଥା ନିରନ୍ତର ଜୀବନ ଶୈଳୀ ଏବଂ ଜଳବାୟୁ ପ୍ରତି ଦାୟିତ୍ୱବୋଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ସଦସ୍ୟଙ୍କ ସହିତ ମୋଟ ୭୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇ ୧୦୦ଟି ଚାରା ରୋପଣ କରାଯାଇଥିଲା। ଏହି ଅବସରରେ କପିଳାସ ସିମେଣ୍ଟ ୱାର୍କସ୍‌ର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ କହିଥିଲେ, ଏକ ସୁଦୃଢ଼ ସମାଜ ଏବଂ ସ୍ଥାୟୀ ଭବିଷ୍ୟତର ନିର୍ମାଣ ପାଇଁ ପରିବେଶର ସୁରକ୍ଷା ଅତ୍ୟନ୍ତ ଅପରିହାର୍ଯ୍ୟ।

## ଛତିଶଗଡ଼ ପର୍ଯ୍ୟଟନ ରୋଡ୍ 'ଶୋ'




ଭୁବନେଶ୍ୱର,୫।୬(ସମିସ): ଛତିଶଗଡ଼ ପର୍ଯ୍ୟଟନ ବୋର୍ଡ ଶିଳ୍ପ ସହଯୋଗୀ ଭାବେ ଫିକିର ମିଳିତ ସହଯୋଗରେ ଶୁକ୍ରବାର ଛତିଶଗଡ଼ ପର୍ଯ୍ୟଟନ ରୋଡ୍‌ଶୋ' ସଫଳତାର ସହ ଆୟୋଜନ କରିଛି। ଛତିଶଗଡ଼ର ବିପୁଳ ପର୍ଯ୍ୟଟନ ସମ୍ଭାବନା ବିଷୟରେ ଜାଣିବା ଏବଂ ଏହାର ପ୍ରଚାର ପ୍ରସାର କରିବା ପାଇଁ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ, ପର୍ଯ୍ୟଟନ ବ୍ୟବସାୟ ପ୍ରତିନିଧି, ହୋଟେଲ ମାଲିକ, ଟୁର୍ ଅପରେଟର, ଗଣମାଧ୍ୟମ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନେ ଏକାଠି ହୋଇଥିଲେ। ଏହି ରୋଡ୍‌ଶୋ'ରେ ଛତିଶଗଡ଼ର ଅନନ୍ୟ ପର୍ଯ୍ୟଟନ ଆକର୍ଷଣ ଗୁଡ଼ିକୁ ସାମ୍ନାକୁ ଅଣାଯାଇଥିଲା, ଯେଉଁଥିରେ ଏହାର ସମୃଦ୍ଧ ଆଦିବାସୀ ଐତିହ୍ୟ, ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ ସମ୍ପଦ, ଆଧ୍ୟାତ୍ମିକ ସ୍ଥଳ, ସୁନ୍ଦର ଜଳପ୍ରପାତ, ଘଞ୍ଚ ଜଙ୍ଗଲ, ବନ୍ୟପ୍ରାଣୀ ଅଭୟାରଣ୍ୟ, ଜୀବନ୍ତ କଳା ଏବଂ ପ୍ରକୃତ ସାଂସ୍କୃତିକ ଅନୁଭୂତି ସାମିଲ ରହିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ଥିଲା ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ପର୍ଯ୍ୟଟନ ସମ୍ପର୍କକୁ ମଜବୁତ କରିବା ଏବଂ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା। ଏଥିରେ ଛତିଶଗଡ଼ ପର୍ଯ୍ୟଟନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ଅଧ୍ୟକ୍ଷ ନୀଲୁ ଶର୍ମା ଛତିଶଗଡ଼ ସରକାରଙ୍କ ପର୍ଯ୍ୟଟନ ବିଭାଗର ସଚିବ ଡକ୍ଟର ଏସ୍. ଭରତୀଦାସନ୍ ଏବଂ ଛତିଶଗଡ଼ ପର୍ଯ୍ୟଟନ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ବିବେକ ଆଚାର୍ଯ୍ୟ (ଆଇଏଫଏସ)। ଏହା ସହିତ ରାଜ୍ୟର ବରିଷ୍ଠ ସରକାରୀ ଅଧିକାରୀ ଏବଂ ପ୍ରମୁଖ ପର୍ଯ୍ୟଟନ ବ୍ୟବସାୟୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ଫିକି ପର୍ଯ୍ୟଟନ କମିଟିର ସହ-ଅଧ୍ୟକ୍ଷ ଡକ୍ଟର ଜେ. କେ.ମହାନ୍ତି ମଧ୍ୟ ଥିଲେ।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ଶୁଭ ଖବର ମିଳିପାରେ। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିପାରନ୍ତି। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ।

**ମିଥୁନ:** ସାହିତ୍ୟ ପ୍ରତି ରୁଚି ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଗୁରୁଜନଙ୍କ ପରାମର୍ଶ ନେଇ ବ୍ୟବସାୟ ଆରମ୍ଭ କରିବେ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ଆୟ ଓ ବ୍ୟୟ ସମାନ ରହିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** ଯୋଜନା ମୁତାବକ କାମ ହେବ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ବ୍ୟବସାୟରୁ ଲାଭ ମିଳିପାରେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ପରିବାର ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟାର ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ଧନୁ:** ଦୀର୍ଘ ଦିନର ଆଶା ପୂରଣ ହେବ। ମନ ଚଞ୍ଚଳ ରହିବ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନିଅନ୍ତୁନି। ଆଇନଜୀବୀଙ୍କୁ ସଫଳତା ମିଳିପାରେ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

**କୁମ୍ଭ:** ଭଲ କାମ କରି ପ୍ରଶଂସିତ ହୋଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**ମୀନ:** କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

## ଆଜିର ଇତିହାସ

- ୧୬୭୪- ଛତ୍ରପତି ଶିବାଜୀ ମହାରାଜାଙ୍କ ରାୟଗଡ଼ କିଲ୍ଲାରେ ରାଜ୍ୟାଭିଷେକ ସଂପନ୍ନ।
- ୧୭୫୨- ମସ୍କୋରେ ଅଗ୍ନିକାଣ୍ଡ କାରଣରୁ ୧୮,୦୦୦ ଲୋକଙ୍କର ମୃତ୍ୟୁ।
- ୧୮୦୮ -ନେପୋଲିଅନ୍‌ଙ୍କ ଭାଇ ଜୋସେଫ୍ ସ୍ପେନ୍‌ରେ ରାଜା ହେଲେ ।
- ୧୯୬୭- ଇସ୍ରାଏଲ୍ ସେନା ଗାଜା ଉପରେ ଆକ୍ରମଣ କଲା।
- ୨୦୦୪- ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୋନାଲ୍ଡ ରିଗାନ୍‌ଙ୍କ ଦେହାନ୍ତ।

## ମହାକାଶରେ ପାଣିରେ ଆଖି ଧୋଇବା ମନା

ମହାକାଶ ଦୁନିଆ ବେଶ୍ ରହସ୍ୟମୟ ଏବଂ ରୋମାଞ୍ଚରେ ଭରପୁର। ପୃଥିବୀ ପୃଷ୍ଠରେ କରାଯାଉଥିବା କାର୍ଯ୍ୟକଳାପଗୁଡ଼ିକ ମହାକାଶରେ କରିବା ଏକ ବଡ଼ ଆହ୍ୱାନ ପାଲଟିଥାଏ। ସେହିପରି ଏକ ସମସ୍ୟା ହେଉଛି ମହାକାଶରେ ଆଖି ଧୋଇବା। ପୃଥିବୀରେ ଏହା ଯେତିକି ସହଜ, ମହାକାଶରେ ସେତିକି କଷ୍ଟକର । ତଥାପି, ମହାକାଶଚାରୀମାନେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ 'ସିଲ୍ ଆଇ ଇରିଗେସନ୍ ଗଗଲ୍ସ' ବ୍ୟବହାର କରନ୍ତି । ଏହି କ୍ରମରେ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କର ଏକ ପୁରୁଣା ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ସେ ମହାକାଶରେ ଚିକିତ୍ସା ସମ୍ବନ୍ଧୀୟ ଛୋଟମୋଟ ସମସ୍ୟାଗୁଡ଼ିକ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଉଥିବା ଦେଖିବାକୁ ମିଳିଥିଲା । ଶୁଭାଂଶୁ ଶୁକ୍ଳା ଭାରତର 'ଗଗନଯାନ ମିଶନ୍' ସହ ଜଡ଼ିତ ଅଛନ୍ତି । ଭିଡିଓରେ ସେ କହିଛନ୍ତି ଯେ, 'ମହାକାଶରେ ଯେକୌଣସି ଛୋଟ ସମସ୍ୟା ମଧ୍ୟ ଖୁବ୍‌ଶୀଘ୍ର ଗମ୍ଭୀର ରୂପ ନେଇପାରେ। ଏଭଳି ପରିସ୍ଥିତିରେ ମହାକାଶଚାରୀମାନେ ଉଡ଼ାଣ ପୂର୍ବରୁ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ନେଇଥାନ୍ତି ।' ସେ ଆହୁରି ମଧ୍ୟ କହିଛନ୍ତି, 'ମହାକାଶରେ ଶୂନ୍ୟ ମାଧ୍ୟାକର୍ଷଣ ଯୋଗୁ ପୃଥିବୀ ପୃଷ୍ଠର ଅତି ସହଜିଆ କାମଗୁଡ଼ିକ ମଧ୍ୟ ସେଠାରେ କଷ୍ଟକର ହୋଇଯାଏ। ଏହାର ସବୁଠାରୁ ବଡ଼ ଉଦାହରଣ ହେଉଛି ଆଖି ଧୋଇବା । ପୃଥିବୀରେ ଯଦି ଆଖିରେ କିଛି ପଡ଼ିଯାଏ, ତେବେ ଆମେ ସହଜରେ ପାଣିରେ ଧୋଇ ଦେଇଥାଉ । ମହାକାଶରେ ପାଣି ଧୋଇବା ମାତ୍ରେ ଏହା ତଳେ ନ ପଡ଼ି ଭାସିଥାଏ। ଏହା ଛୋଟ ଛୋଟ ଗୋଲାକାର ଟୋପା ଆକାରରେ ଭାସିବାକୁ ଲାଗେ ଏବଂ ଏହା ମହାକାଶଯାନ ମଧ୍ୟରେ ଏପଟ ସେପଟ ହୋଇ ବୁଲିଥାଏ । ଯଦି କୌଣସି ମହାକାଶଚାରୀଙ୍କ ଆଖିରେ ଆଘାତ ଲାଗେ କିମ୍ବା ଧୂଳି ପଶିଯାଏ, ତେବେ ସାଧାରଣ ଉପାୟରେ ଆଖି ଧୋଇବା ଅସମ୍ଭବ । ଏହି ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନେ 'ସିଲ୍ ଆଇ ଇରିଗେସନ୍ ଗଗଲ୍ସ' ବ୍ୟବହାର କରନ୍ତି । ଏହା ଏକ ସିଲ୍ ହୋଇଥିବା ବିଶେଷ ପ୍ରକାରର ଚଷମା। ଏହି ଗଗଲ୍ସର ବିଶେଷତ୍ୱ ହେଉଛି ଯେ, ଏହା ଆଖି ଉପରେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇ ବସିଯାଏ ଏବଂ ଏଥିରେ ଦୁଇଟି ଟ୍ୟୁବ୍ ଲାଗିଥାଏ । ଗୋଟିଏ ଟ୍ୟୁବ୍ ଷ୍ଟେରାଇଲ୍ ସାଲାଇନ୍‌କୁ ଭିତରକୁ ନେଇଥାଏ ଏବଂ ଆଖିକୁ ଧୋଇଥାଏ। ସେହିପରି, ଦ୍ୱିତୀୟ ଟ୍ୟୁବ୍‌ଟି ସକ୍ସନ୍ ପଦ୍ଧତିରେ ମଇଳା ପାଣିକୁ ତୁରନ୍ତ ବାହାରକୁ ବାହାର କରିଦିଏ । ଏହା ସମ୍ପୂର୍ଣ୍ଣ ରୂପେ ଏକ 'କ୍ଲୋଜ୍ଡ ସିଷ୍ଟମ୍', ଯାହାଦ୍ୱାରା ପାଣି କେଉଁଠି ହେଲେ ବି ବିଞ୍ଛି ହୁଏନାହିଁ ।





## ସରିଲା 'ଦୃଶ୍ୟମ୍ ୩'ର ସୁଟିଂ

ବଲିଉଡର ସବୁଠୁ ଚର୍ଚ୍ଚିତ ସସପେନ୍ସ-ଥ୍ରିଲର୍ ଫ୍ରାଞ୍ଚାଇଜ୍ 'ଦୃଶ୍ୟମ୍'ର ପ୍ରଶଂସକଙ୍କ ପାଇଁ ଏବେ ଏକ ଖବର ସାମ୍ନାକୁ ଆସିଛି। 'ଦୃଶ୍ୟମ୍ ୩'ର ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ଏବେ ଏହାର ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଛି। ନିର୍ଦ୍ଦେଶକ ଅଭିଷେକ ପାଠକ ଖୋଦ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର୍ କରି ସୁଟିଂ ଶେଷ ହେବା ବିଷୟରେ ଘୋଷଣା କରିଛନ୍ତି। ଅଭିଷେକ କହିଛନ୍ତି, 'ବିଗତ କେତେ ମାସ ହେଲାଣି ସମ୍ପୂର୍ଣ୍ଣ ଟିମ୍ ଏହି ଚଳଚ୍ଚିତ୍ରର ଦୁନିଆରେ ହିଁ ବଞ୍ଚୁଥିଲା। ଦିନରାତି ପରିଶ୍ରମ କରିବା ସହ କାହାଣୀକୁ ଆହୁରି ଉନ୍ନତ କରିବାକୁ ପୂରା ଟିମ୍ ଚେଷ୍ଟା ଚଳାଇଥିଲା। ଶେଷରେ ଚଳଚ୍ଚିତ୍ରର ସୁଟିଂ ସମ୍ପୂର୍ଣ୍ଣ ହୋଇଛି।' ଅଭିଷେକ ଏହି ପୋଷ୍ଟରେ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ଫିଲ୍ମ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତି ପୂରା ସମର୍ପଣ ଓ ଧୈର୍ଯ୍ୟର ସହ କାମ କରିଛନ୍ତି। ଏହି ଚଳଚ୍ଚିତ୍ରର ପ୍ରତିଟି ଦୃଶ୍ୟ ସେହି ଲୋକମାନଙ୍କର ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଏବଂ ସମର୍ପଣର କାହାଣୀ କୁହେ, ଯେଉଁମାନଙ୍କର ଏହାକୁ ପ୍ରସ୍ତୁତ କରିବାରେ ଯୋଗଦାନ ରହିଛି। ସୁଟିଂ ସମୟରେ ଅନେକ ମୁସ୍କିଲ ସମୟ ବି ଆସିଥିଲା, କିନ୍ତୁ ପୂରା ଟିମ୍ କେବେ ହେଲେ ହାର୍ ମାନି ନ ଥିଲା।' 'ଦୃଶ୍ୟମ୍' ସିରିଜ୍ ଭାରତୀୟ ସିନେମାରେ ସସପେନ୍ସ ଓ ଥ୍ରିଲର୍‌ର ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି। ଅଜୟ ଦେବଗନଙ୍କ ଦ୍ୱାରା ଅଭିନୀତ ବିଜୟ ସାଲଗାଓଁକର ଚରିତ୍ରଟି ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଏହି ସିରିଜ୍‌ର ପ୍ରଥମ ଏବଂ ଦ୍ୱିତୀୟ ଚଳଚ୍ଚିତ୍ରର କାହାଣୀ ଯେଭଳି ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା, ଏହାର ତୃତୀୟ ଫିଲ୍ମକୁ ନେଇ ସେମିତି କିଛି ଆଶା କରାଯାଉଛି। ଏଥିରେ ଅଜୟଙ୍କ ସହ ତବୁ ଏବଂ ଶ୍ରୀୟା ସରନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। 'ଦୃଶ୍ୟମ୍ ୩'ର ନିର୍ମାଣ ପ୍ୟାନୋରମା ଷ୍ଟୁଡିଓ ଏବଂ ଭାୟାକମ୍ ୧୮ କରିଛି। ଏହା ଆସନ୍ତା ଅକ୍ଟୋବର ୨ରେ ରିଲିଜ୍ ହେବ।

## ବ୍ରେକ୍‌ଅପ୍ ଫି'

ପ୍ରେମରେ ବିଚ୍ଛେଦ ଅତ୍ୟନ୍ତ କଷ୍ଟଦାୟକ ଅନୁଭୂତି। ଏହି ସମୟରେ ମନରେ ପ୍ରବଳ ନିରାଶା ଏବଂ ଶୂନ୍ୟତା ସୃଷ୍ଟି ହୋଇଥାଏ। ବ୍ରେକ୍‌ଅପ୍ ପରେ କିଏ ପଛକଥାକୁ ଭୁଲି ଆଗକୁ ବଢ଼ିଥାଏ ତ ପୁଣି କିଏ ଅବସାଦର ଶିକାର ହୋଇଥାଏ। କେତେକ କ୍ଷେତ୍ରରେ ପ୍ରେମିକ ପ୍ରେମିକମାନେ ଏ ଦୁଃଖକୁ ସହି ନ ପାରି ଆତ୍ମହତ୍ୟା କରୁଥିବାର ନଜିର ମଧ୍ୟ ରହିଛି। ହେଲେ ବର୍ତ୍ତମାନ ଚୀନ୍‌ରେ ବ୍ରେକ୍‌ଅପ୍‌କୁ ନେଇ ଏକ ଅଜବ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହି ଟ୍ରେଣ୍ଡ ଏବେ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେଉଛି। ଚୀନ୍‌ରେ ଏବେ ବ୍ରେକ୍‌ଅପ୍ ପରେ ବ୍ରେକ୍‌ଅପ୍ ଫିସ୍ ଦେବାକୁ ପଡ଼ୁଛି। ପ୍ରେମିକ ହୁଅନ୍ତୁ ବା ପ୍ରେମିକା ଯିଏ ସମ୍ପର୍କ ଭାଙ୍ଗିଥାନ୍ତି ସେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ କ୍ଷତିପୂରଣ ଭାବେ ତାଙ୍କ ପାର୍ଟନରଙ୍କୁ ଦେଇଥାନ୍ତି। ପ୍ରେମୀଯୁଗଳ ପରସ୍ପର ମଧ୍ୟରେ ବୁଝାମଣା କରି ଏହି ଅର୍ଥ ରାଶି ସ୍ଥିର କରନ୍ତି। ଏଥିପାଇଁ ମୁଖ୍ୟତଃ ଦୁଇଟି ଦିଗକୁ ଦେଖାଯାଏ। ସମ୍ପର୍କରେ ଥିବା ସମୟରେ ଡେଟିଂ, ଖାଇବା-ପିଇବା ବା ଉପହାର ବାବଦରେ କିଏ କେତେ ଟଙ୍କା ଖର୍ଚ୍ଚ କରିଥିଲେ, ତାହାର ହିସାବ କରାଯାଏ। ଏହା ସହ ସମ୍ପର୍କ ଭାଙ୍ଗିବା ଯୋଗୁଁ ଆର ସାଥୀଙ୍କୁ କେତେ ମାନସିକ, ଭାବନାତ୍ମକ କଷ୍ଟ ଏବଂ ସମୟର ନଷ୍ଟ ହୋଇଛି, ସେହି ଆଧାରରେ କ୍ଷତିପୂରଣ ଟଙ୍କା ସ୍ଥିର ହୁଏ। ପୂର୍ବରୁ କେବଳ ପ୍ରେମିକମାନେ ପ୍ରେମିକାମାନଙ୍କୁ ବ୍ରେକ୍‌ଅପ୍ ଫି' ଦେଉଥିଲେ। କାରଣ ଚୀନ୍‌ରେ ସାଧାରଣତଃ ଡେଟିଂ ସମୟରେ ପୁରୁଷମାନେ ହିଁ ସବୁ ଖର୍ଚ୍ଚ ବହନ କରିଥାନ୍ତି। ଏବେ ମହିଳାମାନେ ମଧ୍ୟ ଏହି ଧାରାରେ ସାମିଲ ହେଉଛନ୍ତି। ଯଦି ଜଣେ ମହିଳା ନିଜ ଆଡୁ ସମ୍ପର୍କ ଭାଙ୍ଗୁଛନ୍ତି, ତେବେ ସେ ନିଜ ସାଥୀଙ୍କୁ ବ୍ରେକଅପ୍ ଫି ଦେଉଛନ୍ତି, ଯଦ୍ୱାରା ଆର୍ଥିକ ବୋଝ କେବଳ ଜଣଙ୍କ ଉପରେ ପଡ଼ିବ ନାହିଁ।



## ଭଲ ସାଥିଟିଏ ତୋର



**ଅଶୋକ କୁମାର ପ୍ରଧାନ**

କାହିଁକିରେ ଭାଇ ନିରିଦୟ ପଣେ
କୁରାଢ଼ିରେ ହାଣୁ ମୋତେ
ଜାଣିଛୁନା ନାହିଁ ଖରାରେ ସିଝି ମୁଁ
ଛାଇ ବିତରଇ ତୋତେ।
ତୋ ଖୁସି ପାଇଁ ମୁଁ ମେଘ ରାଇଜରୁ
ବରଷାକୁ ଆଣେ ଡାକି
ଏଇ ବିଲ ବନ ସବୁଜ ଫସଲ
ସଭିଏଁ ମୋହର ସାକ୍ଷୀ।
ବିତରେ ମୁଁ ତୋତେ କେତେ ଫୁଲ ଫଳ
ଅମ୍ଳାନ ହସି ହସି
ଦିନଟିଏ କେବେ ଭାବିଛୁ କି କହ
ମୋ କଥା ନୀରବେ ବସି।
ମୋ ଡାଳରେ ଦେଖ କେତେ ପକ୍ଷୀ ସବୁ
ଯେ ଯାହାର ବସା ଗଢ଼ି
କିଚିରି ମିଚିରି ଗୀତେ ତୁମ ମନୁ
ଦୁଃଖକୁ ଦିଅନ୍ତି ତଡ଼ି।
ସକଳ ଜୀବଙ୍କ ଜୀବନ ପାଇଁ ମୁଁ
ଅତି ଦରକାରୀ ପରା
ମୋତେ ହାଣି ଦେଲେ ସବୁରି ଜୀବନ
ହୋଇଯିବ ଦୁଃଖ ଭରା।
ଏଣିକି ମୋତେ ତୁ ନ ହାଣରେ ଭାଇ
ଯତନ କରରେ ମୋର
ଜାଣିରଖ ଭାଇ ମୁଁ ଏ ଜଗତରେ
ଭଲସାଥିଟିଏ ତୋର।
ଗଛଟି ବୋଲି ମୁଁ ଅଦରକାରୀରେ
ଗଣନିରେ ମୋତେ ଭାଇ
ଏଇ ଜଗତରେ ସବୁରି ମୁଖରେ
ହସ ଖୁସି ମୋ ପାଇଁ। ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ

## ପ୍ରହେଳିକା

- ଗଛଟିଏ ସିଏ ଭାରି ସୁନ୍ଦର
ପୁଆରୁ ହୁଅଇ ଜନମ ତା'ର
ପୂଜା ପାରବଣେ ତାହାକୁ ଜନେ
ଦ୍ୱାରରେ ସଜାନ୍ତି ହରଷ ମନେ
ଶୁଭ ଗଛ ବୋଲି ଜଗତ ଜାଣେ
ସବୁ ଅଂଶ ତା'ର ଲାଗଇ କାମେ
ଫଳ ତା' ଅତି ସୁଆଦ
କଞ୍ଚାରେ ସବୁଜ ପାଚିଲେ ହଳଦୀ
କୁହତ ତା' ନାମ ମିତ।

ଉତ୍ତର-କଦଳୀ ଗଛ

- ଶିବ ମନ୍ଦିରର ଆଗରେ ଥାଏ
ମୂର୍ତ୍ତିଟିଏ ସିଏ ଜୀବନ୍ତ ନୁହେଁ
ଶ୍ରଦ୍ଧାଳୁ ତାହାର କାନ ପାଖରେ
ଦୁଃଖ ପ୍ରକାଶନ୍ତି ଅତି ଭକ୍ତିରେ
ଶିବଙ୍କ ବାହନ ସିଏ
ତା'ର ଦରଶନେ କୋଟି ପୂଣ୍ୟ ମିଳେ
କୁହତ ତା'ନାମ କିଏ।

ଉତ୍ତର-ବୃଷଭ

- ଶାଗଟିଏ ସିଏ ଦେହକୁ ହିତ
ମାଛ ସହ ସିଏ ହୁଅଇ ଘାଣ୍ଟ
ଗ୍ରୀଷ୍ମଦିନେ ଦିଶେ ଗାଆଁ ବିଲରେ
ବର୍ଷାଦିନେ ମାଡ଼େ ଚାଳ ଉପରେ
ହଜମ ପ୍ରକ୍ରିୟା ବଢ଼ାଏ ସିଏ
ହାଡ଼ ହୃତ୍‌ପିଣ୍ଡକୁ ସୁରକ୍ଷା ଦିଏ
ସାମାନ୍ୟ ଲାଲୁଆ ସିଏ
ସବୁଜ ରଙ୍ଗର ଶକ୍ତିଶାଳୀ ଶାଗ
କୁହ ତା'ର ନାମ କିଏ।

ଉତ୍ତର-ପୋଇ ଶାଗ



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ଆ'ରେ ବରଷା ଆ'



**ବସନ୍ତ କୁମାର ପ୍ରଧାନ**

ଆରେ ବରଷା ଆ
ଧରଣୀ ରାଣୀର ବୁକୁର ତାତିକୁ
ଅଚିରେ ଲିଭାଇ ଯାଆ।
ବହୁତ ଦିନରୁ ନ ପାଇ ପାଣି
ଗଛ ଲତା ସବୁ ଝାଉଁଳିଲେଣି
ଭୂଇଁର ବତର ଉଡ଼ିଯାଇ ଏବେ
ମାଟି ହୋଇଲାଣି ଆଁ।
କୃଷକ ମୁଖରେ ଭରିଦେ ଗୀତ
ନାନା ଫୁଲ ଫଳେ ଭରିଦେ କ୍ଷେତ
ସବୁଜ ବସନେ ଧରଣୀ
ରାଣୀଙ୍କୁ ସଜେଇ ଦେଇ ଯାଆ।
ଶୁଖିଲା ନଈ ନାଳ ପୋଖରୀ
ଦୁଃଖେ ଅଛନ୍ତି ତୋତେରେ ଝୁରି
ଭେକ ଡାହୁକ ସାଧବ ବୋହୂ
ଖୁସି କରି ତୁ ଯାଆ।
ତୋ' ବିନା କିଏ ପାରିବ ବଞ୍ଚି
ଅମୃତକଣା ଦେ'ରେ ବିଞ୍ଚି
ତୋହରି ପାଇଁ ସୁଖ ଓ ଶିରୀ
ତୁହି ସବୁରି ସାହା। ■

ହରିହରପୁର,
ଛେଣ୍ଡିପଦା, ଅନୁଗୁଳ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

# ସୁମନ

## କୁହୁକ ବଗିଚା



**ନଗେନ୍ଦ୍ର ନାଥ ପଟ୍ଟନାୟକ**


ରାମପୁର ଗ୍ରାମରେ କୁଶାଗ୍ର ନାମରେ ବୁଦ୍ଧିମାନ ପିଲାଟିଏ ରହୁଥାଏ। ସେ ତା ବାପା ମାଆଙ୍କ ସାଙ୍ଗରେ ରହୁଥିଲା। ଚାଲାକ ଚତୁର ହେବା ସହ କୁଶାଗ୍ର ଜଣେ ମେଧାବୀ ଛାତ୍ର ମଧ୍ୟ ଥିଲା। ମୁଣ୍ଡରେ ମୁଣ୍ଡିଏ ବୁଦ୍ଧି। ନୂଆନୂଆ ଜିନିଷ ଶିଖିବାରେ ତାର ବେଶ୍ ଆଗ୍ରହ ଥିଲା। କୁଶାଗ୍ର ଦିନେ ଗାଁ ନିକଟରେ ଥିବା ଜଙ୍ଗଲରେ ଖେଳୁଥାଏ। ସେତିକିବେଳେ ତା'ର ନଜର ଚକ୍‌ମକ୍ କରୁଥିବା ଚାବିଟି ଉପରେ ପଡ଼ିଲା। କୁଶାଗ୍ର ଭାବିଲା; ଏ ଚାବିଟା ବୋଧହୁଏ କୌଣସି ଜିନିଷର ହୋଇଥିବ। ଚାବିଟିକୁ ନେଇ ତା' ମନରେ କୌତୁହଳ ଜାତ ହେଲା।


ସଙ୍ଗେ ସଙ୍ଗେ ଚାବିଟିକୁ ଧରି ସେ ଜଙ୍ଗଲ ଆଡ଼କୁ ଏକମୁହାଁ ହୋଇ ଚାଲିବାକୁ ଲାଗିଲା। କିଛି ବାଟ ଗଲାପରେ ତା'ର ନଜର ଏକ ପୁରୁଣା କବାଟ ଉପରେ ପଡ଼ିଲା। କବାଟଟି ଗଛ ମଝିରେ ଲୁଚି ରହିଥିଲା। କୁଶାଗ୍ର ଆସ୍ତେକିନା ନିଶବ୍ଦରେ ଚାବିଟି ସେଇ କୋଳପରେ ଲଗେଇଲା। କବାଟଟି ଧଡାସ୍‌କିନା ଖୋଲିଗଲା। ଭିତରେ ଗୋଟାଏ କୁହୁକ ବଗିଚା ଥିଲା; ଆଉ ସେଇଠି ହରେକ ରଙ୍ଗର ଫୁଲ ଫୁଟିଥିଲା। ଗଛମାନେ ପରସ୍ପର ଭିତରେ କଥାବାର୍ତ୍ତା କରୁଥିଲେ। ଠିକ୍ ସେତିକିବେଳେ ବୁଢ଼ା ଗଛଟିଏ ମୁରୁକେଇ ମୁରୁକେଇ ହସି କହିଲା: ସ୍ୱାଗତମ୍ କୁଶାଗ୍ର। ଏଟା ହେଉଛି ଜ୍ଞାନର ବଗିଚା। ଏଇଠି ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମିଳିଯାଏ। କେତେଗୁଡ଼େ ପ୍ରଶ୍ନ ପଚାରିଲା କୁଶାଗ୍ର: ଆକାଶ ନେଳିଆ କାଇଁକି ? ଚଢ଼େଇମାନେ କେମିତି ଉଡ଼ାଣ ଭରନ୍ତି? ଆଉ ଗଛ ଆମକୁ ଅମ୍ଳଜାନ ଦିଏ କେମିତି? ଗଛଟି ତା'ର ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ମଜାଳିଆ ଢଙ୍ଗରେ ଦେଉଥାଏ। କୁଶାଗ୍ର କୁହୁକ ବଗିଚାରେ ଏମିତି ହଜି ଯାଇଥିଲା ଯେ, ବେଳବୁଡ଼ିଲାଣି ବୋଲି ତାର ମନେ ନ ଥିଲା। ଚାରିଆଡ଼ ଅନ୍ଧାର ହୋଇଯିବାରୁ ତା'ର ଘରକୁ ଯିବା କଥା ମନେପଡ଼ିଗଲା। ଗଛ କହିଲା- ଯେତେବେଳେ ତୁମେ କିଛି ଗୋଟେ ନୂଆ ଜିନିଷ ଶିଖିବାକୁ ଇଚ୍ଛାହେବ ଏ ଚାବିଟି ସଙ୍ଗରେ ଧରି ଲେଉଟିଆସିବ। ଖୁସିରେ ଗଦ୍‌ଗଦ୍ ହୋଇ ଘରକୁ ଫେରିଲା କୁଶାଗ୍ର। ସେଇଦିନ ଠାରୁ ସେ କିଛି ଗୋଟିଏ ନୂଆ ଶିଖିବାକୁ ଅଭ୍ୟାସ କରିନେଲା। ସେ ବୁଝିପାରିଥିଲା ଅସଲି ଭେଲିକି ଚାବିରେ ନୁହେଁ; ବରଂ ଶିଖିବା ଇଚ୍ଛାରେ ଥାଏ। ଏହପରି କୁଶାଗ୍ର ନିତିଦିନ ଗୋଟିଏ ନୂଆ ଅନ୍ୱେଷଣ କଲା। ଆଉ ସେଥିରୁ ନୂଆଭାବେ ଜ୍ଞାନ ଆହାରଣ କରିବାକୁ ଲାଗିଲା ■







ଲକ୍ଷ୍ମୀସାଗର କେନାଲ ରୋଡ୍,
ଭୁବନେଶ୍ୱର






**ସାହିଷ୍ଣୁ ସାହୁ**
ଷଷ୍ଠ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର






**ଅଦିତ୍ ସାହୁ**
ଦଶମ ଶ୍ରେଣୀ
ଶ୍ରୀସିଟି ଚିନ୍ମୟ ବିଦ୍ୟାଳୟ
ଆନ୍ଧ୍ରପ୍ରଦେଶ





**ସାନ୍‌ଭି ଶନାୟା ସା**
ପଞ୍ଚମ ଶ୍ରେଣୀ
ବିଜେଇଏମ୍-୧ ସ୍କୁଲ
ଭୁବନେଶ୍ୱର





**ଆଶୁତୋଷ ସ୍ୱାଇଁ**
ଦଶମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ

ଫିଫା ବିଶ୍ୱକପ୍
ଆଉ ୫ ଦିନ

# ଏଥର କମ୍ ଦର୍ଶକ ଯିବେ ଆମେରିକା

**ମେକ୍ସିକୋ ଓ କାନାଡ଼ା ସହ ଏଥର ଆମେରିକାରେ ଫିଫା ବିଶ୍ୱକପ୍ ଫୁଟବଲ ଖେଳାଯାଉଛି । ୩ଟି ଦେଶ ୧୬ଟି ଭେନ୍ୟୁ ଓ ୪୮ ଟି ଦେଶକୁ ନେଇ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଏଥର ମୋଟ ୧୦୪ଟି ମ୍ୟାଚ୍ ଖେଳାଯାଉଛି । ତାହା ମଧ୍ୟରୁ ଆମେରିକାରେ ସର୍ବାଧିକ ୭୮ ଟି, ମେକ୍ସିକୋ ଓ କାନାଡ଼ାରେ ୧୩ଟି ଲେଖାଏଁ ମ୍ୟାଚ୍ ଖେଳାଯିବ । କିନ୍ତୁ ଏଥର ଟିକଟ ଦାମ ବୃଦ୍ଧି, ଆମେରିକାରେ ରାଜନୈତିକ ଅସ୍ଥିରତା, ଟିକଟଧାରୀଙ୍କ ଲାଗି ଭିସା ବାଧ୍ୟତାମୂଳକ କରାଯିବା ଫଳରେ ଦର୍ଶକଙ୍କ ଖେଳ ଦେଖିବା ଲାଗି ବହୁମୂଲ୍ୟ ଦେବାକୁ ପଡ଼ିବ । ଯାହା ଫଳରେ ଏଥର ଫିଫା ବିଶ୍ୱକପ୍ ଦେଖିବାକୁ ଖୁବ୍ କମ୍ ସଂଖ୍ୟକ ଦର୍ଶକ ଆମେରିକା ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି ।**

ଜୁନ୍ ୧୧ରୁ ଫିଫା ବିଶ୍ୱକପ୍ ଫୁଟବଲ ଖେଳ ଆରମ୍ଭ ହୋଇଗଲେ ଦର୍ଶକମାନେ ସେମାନଙ୍କ ପ୍ରିୟ ଟିମ୍ କିମ୍ବା ତାରକାଙ୍କ ଖେଳ ଦେଖିବାକୁ ଖୁବ୍ ଆଗ୍ରହ ପ୍ରକାଶ କରିବେ । ବିଶ୍ୱକ୍ରୀଡ଼ାରେ ସବୁଠାରୁ ଲୋକପ୍ରିୟ ଖେଳ ଓ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତି ଦର୍ଶକଙ୍କ ରହିଛି ସବୁଠୁ ବଡ଼ ଆଗ୍ରହ । ନିଜ୍ ଟିମ୍ ଓ ଷ୍ଟାରଙ୍କୁ ସମର୍ଥନ ଜଣାଇବା, ଉତ୍ସାହିତ କରିବା, ଫ୍ୟାନ୍ ଜୋନ୍‌ରେ ଉପଭୋଗ କରିବା ଓ ହାର୍‌ଜିତଙ୍କୁ ନେଇ ଚର୍ଚ୍ଚା କରିବା ସମର୍ଥକ ବା ଦର୍ଶକଙ୍କ ଟୁର୍ଣ୍ଣାମେଣ୍ଟ ସମୟରେ ସବୁଠାରୁ ବଡ଼ କାମ ହୋଇଥାଏ । ଏଥର କିନ୍ତୁ ସେମାନଙ୍କ ମନ ପରିବର୍ତ୍ତନ ହୋଇଛି । ଏଥର ଫିଫା ବିଶ୍ୱକପ୍ ଲାଗି ଟିକଟ ଦାମ୍‌ରେ ଅହେତୁକ ବୃଦ୍ଧି, ଦେଶ ଦେଶ ମଧ୍ୟରେ ଯାତାୟତକୁ ନେଇ ସମସ୍ୟା, ସବୁଠାରୁ ଅଧିକ ୭୮ ଟି ମ୍ୟାଚ୍ ଆୟୋଜନ କରୁଥିବା ଆମେରିକାରେ ପ୍ରବେଶ ଲାଗି ଭିସା ବାଧ୍ୟତାମୂଳକ କରିବା, ଯାତାୟତ ଲାଗି କୌଣସି ସୁଯୋଗ ନ ଦେବା ଘଟଣାକୁ ନେଇ ସୁପର ଫ୍ୟାନ୍ ଏବଂ ସେମାନଙ୍କ ଗୋଷ୍ଠୀ ଏଥର ଖେଳ ଦେଖିବାକୁ ନ ଯାଇ ଘରେ କିମ୍ବା କାଫେରେ ଉପଭୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଶ୍ୱକପ୍ ଆରମ୍ଭ ହୋଇ ନ ଥିବାରୁ ଠିକ୍‌ରେ କେତେଜଣ ସମର୍ଥକ ଖେଳ ଦେଖିବାକୁ ଆମେରିକା ଆସିବେ ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

ଲଣ୍ଡନରେ କାମ କରୁଥିବା ଆଇଟି ବିଶେଷଜ୍ଞ ମାଇକ୍ ୱିଲସନ ଗତ ୪ଟି ବିଶ୍ୱକପ୍ ଦେଖିବାକୁ ବିଭିନ୍ନ ଦେଶକୁ ଯାଇଛନ୍ତି । ଏଥର ସେ ଆମେରିକା ନ ଯାଇ ପର୍ତ୍ତୁଗାଲ ସମୁଦ୍ର ଉପକୂଳରେ ଖେଳ ଦେଖିବାକୁ ଯୋଜନା କରିଛନ୍ତି । ଆର୍ଜେଣ୍ଟିନାର ଡାକ୍ତର ଏମିଲିଆନୋ ବେକେରା ଓ ତାଙ୍କ ପୁଅ ନିଜ ଟିମ୍‌ର ସମସ୍ତ ଖେଳ ଦେଖିଥାନ୍ତି । ଏଥର କେବଳ ୨ଟି ମ୍ୟାଚ୍ ଦେଖି ସ୍ୱଦେଶ ଫେରିବେ । ନେଦରଲାଣ୍ଡସରେ ଆର୍ଥିକ ଅଧିକାରୀ ଭାବେ କାର୍ଯ୍ୟରତ ପିଟର ବର୍ଗାଙ୍କର ଗତ ୨ଟି ବିଶ୍ୱକପ୍‌ରେ ଦଳର ସମସ୍ତ ମ୍ୟାଚ୍ ଦେଖିଛନ୍ତି । ଏଥର କିନ୍ତୁ ସେ ଆଦୌ ଆମେରିକା ଯିବେ ନାହିଁ ବୋଲି କହିଛନ୍ତି ।

### ଆମେରିକା କାହିଁକି ଯିବେ ନାହିଁ

ଫୁଟବଲ ଖେଳ ଯେହେତୁ ଏକ ଲୋକପ୍ରିୟ ଖେଳ, ତାହାକୁ ଦେଖିବା ଲାଗି ଦର୍ଶକମାନେ ଆୟ କରୁଥିବା ଅର୍ଥ ସଞ୍ଚୟ କରିଥାନ୍ତି । ନିଜ କାମରୁ ସପ୍ତାହେ କିମ୍ବା ଦୁଇ ସପ୍ତାହ ଛୁଟି ନେବାକୁ ପଡ଼ିଥାଏ । ଏଥର ଖେଳ ଦେଖିବାକୁ ଏତେ ଅର୍ଥ ଆବଶ୍ୟକ ହେଉଛି ଯେ, କେବଳ ବିତ୍ତଶାଳୀ ଦର୍ଶକ ଆମେରିକାରେ ଖେଳ ଦେଖିପାରିବେ । ୪ବର୍ଷ ପୂର୍ବେ କତାରରେ ଖେଳାଯାଇଥିବା ବିଶ୍ୱକପ୍‌ରେ ଲୋୟର ଟାୟର କାଟାଗୋରୀ-୩'ର ଟିକଟ ମୂଲ୍ୟ ଥିଲା ମାତ୍ର ୬୯ ଡଲାର ବା ଭାରତୀୟ ମୁଦ୍ରାରେ ୬,୫୬୦ ଟଙ୍କା । ଏଥର ତାହା ବୃଦ୍ଧି ଘଟି ୨୬୫ ଡଲାର ବା ୨୫, ୨୦୩ ଟଙ୍କାରେ ପହଞ୍ଚିଛି । ଏହା ପୂର୍ବରୁ ଅନୁଷ୍ଠିତ ଦୁଇଟି ବିଶ୍ୱକପ୍‌ର ଆୟୋଜକ କତାର ଓ ରୁଷିଆ ଭେନ୍ୟୁରୁ ଷ୍ଟାଡିୟମ୍‌କୁ ଯିବା ଆସିବା ବ୍ୟବସ୍ଥା



- ଟିକଟ ମୂଲ୍ୟରେ ବୃଦ୍ଧି
- ଭେନ୍ୟୁ ମଧ୍ୟରେ ଦୂରତା
- ଭିସା ବାଧ୍ୟତାମୂଳକ
- ୧୪ ଲକ୍ଷ ଟଙ୍କାର ବଣ୍ଡ

ମାଗଣା କରାଇଥିଲେ । ଆମେରିକା କିମ୍ବା ଅନ୍ୟ ଆୟୋଜକ ଦେଶକୁ ଯିବା ଆସିବା କରିବା ଅତ୍ୟଧିକ ବ୍ୟୟବହୁଳ । ଏଥର ବିଶ୍ୱକପ୍ ହେବାକୁ ଥିବା ୧୬ଟି ଭେନ୍ୟୁର ଦୂରତା ବହୁ ଅଧିକ । ଫିଫା ଟିକଟ ମୂଲ୍ୟ ଅତ୍ୟଧିକ ବୃଦ୍ଧି କରିଥିବାରୁ ରିସେଲ ସାଇଟ୍‌ରେ ବିକ୍ରିକୁ ବନ୍ଦ କରିଦେଇଛି । ଫଳରେ ଏଥର ଫିଫା କଳାବଜାରୀକୁ ପ୍ରୋତ୍ସାହିତ କରିଛି । ନିଜ ଟିକଟ୍‌କୁ ଯଦି ଜଣେ ଅନ୍ୟକାହାକୁ ବିକ୍ରି କରିବେ, ତେବେ ଦାମ୍ ସମ୍ପର୍କରେ ଫିଫା କିଛି କହିବ ନାହିଁ । କିନ୍ତୁ ଟିକଟର ମୂଳ ଦାମ୍‌ର ୩୦ ପ୍ରତିଶତ ପୁନଃବିକ୍ରିରେ ପାଇବ । ଫିଫା ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି । କିନ୍ତୁ ଟିକଟ ଚାହିଦା ଅହେତୁକ ବୃଦ୍ଧି ହେବାରୁ ମୂଲ୍ୟ ବୃଦ୍ଧି କରିବାକୁ ବାଧ ହୋଇଛୁ ବୋଲି ପୂର୍ବରୁ ଫିଫା କହିଥିଲା ।

### ୧୪ ଲକ୍ଷ ୨୯ ହଜାର ଟଙ୍କାର ବଣ୍ଡ

ଟିକଟ ମୂଲ୍ୟ, ଗୋଟିଏ ଭେନ୍ୟୁରୁ ଅନ୍ୟ ଭେନ୍ୟୁକୁ ନିଜ ଖର୍ଚ୍ଚରେ ଯାତାୟତ, ଆମେରିକାରେ ରହିବା ଓ ଖାଇବା ବ୍ୟୟବହୁଳ ହୋଇଥିଲାବେଳେ ଖେଳ ଦେଖିବାକୁ ଆସିବା ଲାଗି କିଛି ଦେଶର ଦର୍ଶକଙ୍କୁ ୧୫,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୧୪ ଲକ୍ଷ ୨୯, ୨୦୮ ଟଙ୍କାର ବଣ୍ଡ ଦେବାକୁ ଆମେରିକା ସରକାର ବାଧ୍ୟତାମୂଳକ କରିଛନ୍ତି । ଭିସା ପାଇବା ଲାଗି ଏହି ଅର୍ଥକୁ ବଣ୍ଡ ଆକାରରେ ଦେବାକୁ ପଡ଼ିବ । ଆଲଜେରିଆ, କେପ୍ ଭର୍ଡ, ଆଇଭରୀ କୋଷ୍ଟ, ସେନେଗାଲ ଓ ଟ୍ୟୁନିସିଆରୁ କେହି ଖେଳ ଦେଖିବାକୁ ଆମେରିକା ଆସିଲେ ଭିସା ପାଇବା ପାଇଁ ଏହି ଅର୍ଥ ଦେବାକୁ ପଡ଼ିବ । ଏହି ସବୁ କାରଣ ଲାଗି ଏଥର ଆମେରିକାକୁ ବହୁ ସଂଖ୍ୟାରେ ଦର୍ଶକ ଖେଳ ଦେଖିବାକୁ ଯିବେ ନାହିଁ ବୋଲି ଉରୁଗୁଏ ଓ ବ୍ରାଜିଲ ଟ୍ରାଭେଲ ଏଜେନ୍ସି ଆସୋସିଏସନର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟ ଜୁଲାଇ ୧୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି ।

## ସପ୍ତାହକ ମଧ୍ୟରେ ଦେୟ ପୈଠ ନ କଲେ ଟିକଟ ରଦ୍ଦ




ଜୁରିଚ୍,୫।୬(ଏଜେନ୍ସି): ଫିଫା ଟିକଟ ବିକ୍ରି ୱେବ୍‌ସାଇଟ୍‌ରେ ସାମାନ୍ୟ ତ୍ରୁଟି ଯୋଗୁ ଟିକଟ କିଣିଥିବା ଦର୍ଶକ ଓ ଫିଫା ମଧ୍ୟରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଘଟଣାରୁ ଜଣାଯାଇଛି, ମେ ୨୧ରେ କିଛି ଦର୍ଶକ ଫିଫା ବିଶ୍ୱକପ୍ ଟିକଟ କିଣିଥିଲେ । କିନ୍ତୁ ୱେବ୍‌ସାଇଟ୍‌ରେ ତ୍ରୁଟି ଯୋଗୁଁ ପେମେଣ୍ଟ ହୋଇପାରି ନ ଥିଲା । ଯାହା ଫଳରେ ଦର୍ଶକମାନେ ମାଗଣାରେ ଏହି ଟିକଟ ହାସଲ କରିଥିଲେ । ଫିଫା ଏହା ଜାଣିବା ପରେ ଏବେ ଟିକଟ ଅର୍ଥ ସପ୍ତାହକ ମଧ୍ୟରେ ପୈଠ କରିବାକୁ ଟିକଟ କିଣିଥିବା ବ୍ୟକ୍ତିବିଶେଷଙ୍କୁ ନୋଟିସ୍ ଜାରି କରିଛି । ସପ୍ତାହକ ମଧ୍ୟରେ ଯଦି ଟିକଟ କିଣିଥିବା ବ୍ୟକ୍ତିବିଶେଷ ଦେୟ ପୈଠ ନ କରନ୍ତି, ତେବେ ଏହି ଟିକଟକୁ ପୁନର୍ବାର ବିକ୍ରି କରାଯିବ ବୋଲି ଫିଫା ପକ୍ଷରୁ ଚେତାବନି ଦିଆଯାଇଛି ।

## ସାରିକା ଓ ନୋରା: ଫିଫା ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ



ମେକ୍ସିକୋ ସିଟି,୫।୬(ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗାୟିକା ସାକିରା ଏଠାରେ ଜୁନ୍ ୧୧ ତାରିଖ ରାତିରେ ହେବାକୁ ଥିବା ଫିଫା ବିଶ୍ୱକପ୍ ପୂର୍ବର ଉଦ୍‌ଘାଟନୀ ସମାରୋହରେ ସଙ୍ଗୀତ ପରିବେଷଣ କରିବେ । ଫିଫା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଙ୍ଗୀତ ଦାଏ ଦାଏ'କୁ ଗାଇବେ ସାକିରା । ତାଙ୍କ ସହ ନରୱେର ବୁର୍ଣ୍ଣା ବୟ ମଧ୍ୟ ଫିଫା ସଙ୍ଗୀତ ପରିବେଷଣ କରିବେ । ଅନ୍ୟ ତାରକାମାନଙ୍କ ମଧ୍ୟରେ ଆଲେଜାଣ୍ଡ୍ରୋ ଫର୍ଣ୍ଣାଣ୍ଡିଜ୍, ବେଲିଣ୍ଡା, ଡାନ୍ନି ଓସେନ୍, ଜେ. ବାଲଭିନ୍, ଲିଳା ଡାଉନ୍ସ, ଲସ୍‌ଆଞ୍ଜିଲ୍ସ ଆଜୁଲେସ୍, ମାନା ଓ ଟିଲା ମଧ୍ୟ ଅଫିସିଆଲ ଫିଫା ସଙ୍ଗୀତ ପରିବେଷଣରେ ସହଯୋଗ କରିବେ । ଉଦ୍‌ଘାଟନୀ ଉତ୍ସବ ମେକ୍ସିକୋ ସିଟିରେ ଆୟୋଜିତ ହେବାକୁ ଥିଲାବେଳେ ସମାନ ସମୟରେ କାନାଡା ଓ ଆମେରିକାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ । କାନାଡାର ଟରଣ୍ଟୋରେ ଗାୟକ ଓ ଲେଖକ ମାଇକେଲ ବବଲ ଓ ଆଲାନିସ୍ ମୋରିଷ୍ଟେ, ଆମେରିକାର ସୋଫି ଷ୍ଟାଡିୟମ୍‌ରେ ପପ୍ ଷ୍ଟାର କେଟି ପେରି, ରାପର ଫ୍ୟୁଚର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିବେଷଣ କରିବେ । କାନାଡା ଜନ୍ମିତ ବଲିଉଡ୍ ଷ୍ଟାର ନୋରା ଫତେହୀ ଟରଣ୍ଟୋ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିବେ ।

ଫ୍ରେଞ୍ଚ ଓପନ୍

## ପ୍ରଥମଥର ଟାଇଟଲ୍ ଜିତିବା ଲକ୍ଷ୍ୟରେ ମାରିଆ-ଚୱାଲି



**ପ୍ୟାରିସ, ୫।୬ (ଏଜେନ୍ସି):** ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଖେଳାଯିବ । ରୁଷିଆର ଯୁବ ଖେଳାଳି ତଥା ବିଶ୍ୱର ୮ମ ନମ୍ବର ମାନ୍ୟତା ମାରିଆ ଆନ୍ଦ୍ରିଭାଙ୍କ ସହ ପୋଲାଣ୍ଡର ଯୋଗ୍ୟତା ଅର୍ଜନକାରୀ ମାଜା ଚୱାଲିସ୍କଙ୍କ ମଧ୍ୟରେ ଟାଇଟଲ୍ ଲଢ଼େଇ ମୁକାବିଲା ଅନୁଷ୍ଠିତ ହେବ । ଫଳରେ ଏଥର ଫ୍ରେଞ୍ଚ ଓପନ୍ ମହିଳା ବିଭାଗରେ ଜଣେ ନୂଆ ବିଜୟିନୀଙ୍କୁ ଦେଖିବାକୁ ମିଳିବା ଏକପ୍ରକାର ନିଶ୍ଚିତ ହୋଇଛି । ବିଶ୍ୱ ମାନ୍ୟତାର ୧୧୪ତମ ସ୍ଥାନରେ ଥିବା ମାଜା ପ୍ରଥମ କ୍ୱାଲିଫାୟର ଖେଳାଳି ଭାବେ ରୋଲାଣ୍ଡ ଗାରସରେ ଫାଇନାଲରେ ପହଞ୍ଚିଛନ୍ତି । ମାଜା ସେମିଫାଇନାଲରେ ଡାଏନା ସ୍ନାଇଡରଙ୍କୁ ପରାସ୍ତ କରିଥିଲେ । ଯଦି ଶନିବାର ଫାଇନାଲରେ ମାଜା ପ୍ରତିପକ୍ଷ ମାରିଆଙ୍କୁ ହରାଇ ଦିଅନ୍ତି ତେବେ ବିଶ୍ୱରେ ଦ୍ୱିତୀୟ ଯୋଗ୍ୟତା ଅର୍ଜନକାରୀ ମହିଳା ଖେଳାଳି ଭାବେ ଓପନ୍ ଏରାରେ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିବେ । ଏଥିପୂର୍ବରୁ ୨୦୨୧ରେ ବ୍ରିଟେନର ଇମା ରାଡୁକାନୁ ଯୋଗ୍ୟତା ଅର୍ଜନକାରୀ ଖେଳାଳି ଭାବେ ୟୁଏସ୍ ଓପନ୍ ଟ୍ରଫି ଜିତିଥିଲେ ।

### ଫାଇନାଲରେ ଜ୍ୱେରେଭ

ଅପରପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ଫାଇନାଲରେ ପ୍ରବେଶ କରିଛନ୍ତି । ସେମିଫାଇନାଲରେ ଜ୍ୱେରେଭ ୭-୫, ୬-୨, ୩-୬, ୬-୩ ସେଟରେ ଚେକ୍ ଗଣରାଜ୍ୟର ଜାକୁବ ମେନସିକଙ୍କୁ ହରାଇଛନ୍ତି ।

## ପ୍ରଥମ ଟେଷ୍ଟରେ ଇଂଲଣ୍ଡର ସଂଘର୍ଷ ଜାରି

**ଲଣ୍ଡନ, ୫।୬ (ଏଜେନ୍ସି):** ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚରେ ଇଂଲଣ୍ଡର ସଂଘର୍ଷ ଜାରି ରହିଛି । ୨୭ ରନରେ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଘରୋଇ ଇଂଲଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଶେଷ ଖବର ସୁଦ୍ଧା ଦ୍ୱିତୀୟ ଇନିଂସରେ ୪୨ ଓଭରରେ ୬ ୱିକେଟ୍ ହରାଇ ୧୬୬ ରନ ସଂଗ୍ରହ କରିଛି । ଫଳରେ ୪ ୱିକେଟ୍ ବଳକା ଥାଇ ଇଂଲଣ୍ଡ ମୋଟ୍ ଉପରେ ୧୯୩ ରନରେ ଆଗୁଆ ରହିଛି । ପୂର୍ବରୁ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋର ୧୪୦ ରନ ଜବାବରେ ନ୍ୟୁଜିଲାଣ୍ଡ ୧୧୩ ରନରେ ସୀମିତ ରହିଥିଲା ।

## ଭାରତ-ଆଫଗାନିସ୍ତାନ ଏକମାତ୍ର ଟେଷ୍ଟ ଆଜିଠାରୁ



ମୁଲାନପୁର,୫।୬(ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚଳିତ ସିରିଜ୍‌ର ଏକମାତ୍ର ଟେଷ୍ଟ ମ୍ୟାଚ୍ ନ୍ୟୁଚଣ୍ଡିଗଡ ସ୍ଥିତ ମୁଲାନପୁରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଟି-୨୦ ଫର୍ମାଟରେ ଖେଳାଯାଉଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଶେଷ ହେବାର ସପ୍ତାହକ ପରେ ଏହି ଟେଷ୍ଟ ମ୍ୟାଚ୍ ଆରମ୍ଭ ହେଉଥିବାରୁ ଭାରତୀୟ ଖେଳାଳିମାନେ ଆଡଜଷ୍ଟ କରିବା କଷ୍ଟକର ହେବ । ଘରୋଇ ମାଟିରେ ଖେଳୁଥିବା ଭାରତୀୟମାନେ ଏହି ଟେଷ୍ଟରେ ଫେବରାଇଟ୍ ରହିଛନ୍ତି । ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳରେ ନଂ-୩ ସ୍ଥାନରେ ସାଇ ସୁଦର୍ଶନ ଖେଳିବେ ବୋଲି ଘୋଷଣା କରାଯାଇଛି । ଫଳରେ ଦେବଦତ୍ତ ପାଡିକଲଙ୍କୁ ଅପେକ୍ଷା କରିବାକୁ ହେବ । ଭଲ ଫର୍ମରେ ନ ଥିବା ୱିକେଟରକ୍ଷକ ଋଷଭ ପନ୍ତ ନିଜର ଶ୍ରେଷ୍ଠ ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ଆଶାୟୀ ଅଛନ୍ତି ।

**ଖେଳ ଆରମ୍ଭ: ସକାଳ ୯ଟା୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର**

### ସମ୍ଭାବ୍ୟ ଖେଳାଳି ତାଲିକା

**ଭାରତ** : ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟକିପର), ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମାନବ ସୁତାର/ ହର୍ଷ ଦୁବେ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା । -ଧ୍ରୁବ ଜୁରେଲ, ଦେବଦତ୍ତ ପାଡିକଲ, ଗୁରନୁର ବ୍ରାର, ।

**ଆଫଗାନିସ୍ତାନ** : ଅବଦୁଲ ମଲିକ, ରହମନୁଲ୍ଲା ଗୁରବାଜ୍, ରହମତ ଶାହ, ହସମତୁଲ୍ଲା ସାହିଦି (ଅଧିନାୟକ), ସେଦିକୁଲା ଅଟଳ, ଆଫସର ଜାଜାଇ (ୱିକେଟ ରକ୍ଷକ), ଆମତୁଲ୍ଲା ଓମରଜାଇ, ଶରଫୁଦ୍ଦିନ ଅଶ୍ରଫ, କାଏସ ଅହମ୍ମଦ୍, ଜିଆ ସରିଫ୍ ଓ ଏନ୍. ଖାରୋଟାଇ ।

ସିଦ୍ଧାନ୍ତ ସ୍ମାରକୀ ୧୬ବର୍ଷରୁ କମ୍ କ୍ରିକେଟ

## ମନୋଜ କ୍ରିକେଟ ଏକାଡେମୀ ବିଜୟୀ



ଭୁବନେଶ୍ୱର,୫।୬(ସମିସ): କଟକର ମନୋଜ କ୍ରିକେଟ ଏକାଡେମୀ ୧୦ ୱିକେଟରେ ଭୁବନେଶ୍ୱରର ପାରାମାଉଣ୍ଟ ରେଡ୍‌କୁ ପରାସ୍ତ କରି ଆଜିଠାରୁ ଆରମ୍ଭ ହୋଇଥିବା ସିଦ୍ଧାନ୍ତ ସ୍ମାରକୀ ୧୬ ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ୨୦.୧ ଓଭରରେ ୮୭ରନ୍ କରି ଅଲ୍‌ଆଉଟ ହୋଇଥିଲା । ଜବାବରେ ଦୁଇ ଓପନର ପ୍ରୀତିଶ ମିଶ୍ର ୫୨ ଓ ପ୍ରିୟମ ରାଉତ ୨୨ରନ୍ କରି ଅପରାଜିତ ରହିବା ଫଳରେ ମନୋଜ କ୍ରିକେଟ ଏକାଡେମୀ ୮.୧ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା । ପାରାମାଉଣ୍ଟ ରେଡ୍ ଇନିଂସରେ ମନୋଜ ଏକାଡେମୀର ଫାଷ୍ଟ ବୋଲର ସମରେଶ ସାହୁ ୧୭ରନ୍‌ରେ ୩ଟି ୱିକେଟ ଅକ୍ତିଆର କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂର କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରଥ ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ । ଆସନ୍ତାକାଲି ପିପିଲିର ସନ୍‌ସାଇନ୍ କ୍ଲବ୍ ଓ ଯଦୁପୁର କ୍ରିକେଟ କ୍ଲବ୍ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ ।

ପୂର୍ବରୁ କ୍ଲବ୍‌ର ବରିଷ୍ଠ ଖେଳାଳି ତଥା ଓଡ଼ିଶା ରଣଜୀ ଦଳର ହେଡ୍ କୋଚ୍ ପ୍ରଭଞ୍ଜନ ମଲ୍ଲିକ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । କର୍ପୋରେଟର କେ. ଶାନ୍ତି, ସ୍ୱର୍ଗତ ସିଦ୍ଧାନ୍ତଙ୍କ ପିତା ଦିଗନ୍ତ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାମାଉଣ୍ଟ ସ୍ପୋର୍ଟିଂର ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି

## ପାକିସ୍ତାନକୁ ହରାଇ ଫାଇନାଲରେ ଭାରତ



**କାକାମିଗହରା, ୫।୬ (ଏଜେନ୍ସି):** ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଭାରତ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୫-୩ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଥିଲା । ଭାରତ ପକ୍ଷରୁ ଝାଡ଼ଖଣ୍ଡ ତାରକା ଆଶିଷ ତାନି ପୂର୍ତ୍ତି ଏକାକୀ ୪ଟି ଗୋଲ୍ ଦେଇ ଭାରତର ବିଜୟରେ ନାୟକ ସାଜିଥିଲେ । ଶନିବାର ଖେଳାଯିବାକୁ ଥିବା ଫାଇନାଲ ଲଢ଼େଇରେ ଭାରତର ମୁକାବିଲା ଜାପାନ ସହ ହେବ । ଅନ୍ୟ ଏକ ସେମିଫାଇନାଲରେ ଜାପାନ ୮-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଥିଲା ।

ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ପାକିସ୍ତାନ ଆଉ ଦୁଇଟି ଗୋଲ୍ ଦେଇଥିଲା । ଭାରତ ଏହି ୧୫ ମିନିଟରେ ଗୋଟିଏ ଗୋଲ୍‌ସ୍କୋର କରିଥିଲା । ଫଳରେ ତୃତୀୟ କ୍ୱାର୍ଟର ସୁଦ୍ଧା ଭାରତ ୨-୩ ଗୋଲ୍‌ରେ ପଛୁଆ ରହିଥିଲା । ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଭାରତ କିନ୍ତୁ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା । ଆଶିଷ ପୂର୍ତ୍ତି ଏହି ୧୫ ମିନିଟ୍ ମଧ୍ୟରେ ୩ଟି ଗୋଲ୍ ଦେଇ ଭାରତକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ ।

### ନିରାଶ କଲେ ମହିଳା ଦଳ

ଅପରପକ୍ଷରେ ଭାରତୀୟ ମହିଳା ଦଳ ଜୁନିଅର ଏସିଆ କପ୍ ସେମିଫାଇନାଲର ସେମିଫାଇନାଲରେ ପରାଜୟବରଣ କରିଛି । ସେମିଫାଇନାଲରେ ଚାଇନା ସୁଟ୍‌ଆଉଟ୍‌ରେ ୩-୧ ଗୋଲରେ ଭାରତକୁ ହରାଇ ଫାଇନାଲରେ ପହଞ୍ଚିଛି । ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ । ଭାରତ ପକ୍ଷରୁ ଓଡ଼ିଶାର କିରଣ ଏକ୍କା ଓ ନୌସିନ ନାଜ ଗୋଟିଏ ଲେଖାଏ ଗୋଲ୍‌ସ୍କୋର କରିଥିଲେ । ଭାରତୀୟ ଯୁବ ମହିଳା ଦଳ ଏବେ କାଂସ୍ୟ ପଦକ ଲାଗି ଖେଳିବ ।

## ଆଜି ଭାରତୀୟ ଟି-୨୦ ଦଳ ଚୟନ

ମୁଲାନପୁର, ୫।୬ (ଏଜେନ୍ସି): ଆସନ୍ତାକାଲିଠାରୁ ଆଫଗାନିସ୍ଥାନ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ଏହା ପରେ ୩ଟି ଦିନିକିଆ ସହ ଭାରତର କାର୍ଯ୍ୟସୂଚୀ ଶେଷ ହେବ । ଏହା ପରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ସହ ସୀମିତ ଓଭର ସିରିଜ୍ ଖେଳିବାକୁ ଭାରତୀୟ ଦଳ ବିଦେଶ ଯିବ । ଆୟର୍ଲାଣ୍ଡ ସହ ପ୍ରଥମେ ଟି-୨୦ ସିରିଜ୍ ଖେଳାଯିବାକୁ ଥିବାରୁ ଏହି ଫର୍ମାଟରେ ଆସନ୍ତାକାଲି ଭାରତୀୟ ଦଳ ଚୟନ କରାଯିବ । ଏହି ଟିମ୍‌ରେ ଭାରତକୁ ତୃତୀୟଥର ବିଶ୍ୱକପ୍ ଚାମ୍ପିଅନ କରାଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଚୟନକର୍ତ୍ତାମାନେ ନିଷ୍ପତ୍ତି ନେବେ । ଫର୍ମରେ ନ ଥିବାରୁ ୩୫ ବର୍ଷୀୟ ସୂର୍ଯ୍ୟକୁମାରଙ୍କ ସ୍ଥାନରେ ଉଭୟ ଦଳକୁ ଓ ଅଧିନାୟକ ଭାବେ ଶ୍ରେୟସ ଆୟରଙ୍କୁ ଫେରାଇ ଅଣାଯିବ ବୋଲି ଆଲୋଚନା ହେଉଛି । ସେହିପରି ୧୫ ବର୍ଷରେ ଆଇପିଏଲ୍ ଅରେଞ୍ଜ କ୍ୟାପ୍ ପାଇଥିବା ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜ୍ ଲାଗି ସାମିଲ କରାଯିବା ଉପରେ ମଧ୍ୟ ନିଷ୍ପତ୍ତି ହେବ । ଏହା ଛଡ଼ା ଶ୍ରୀଲଙ୍କା-ଏ' ସହ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଲାଗି ମଧ୍ୟ ଖେଳାଳି ଚୟନ କରାଯିବାର ସମ୍ଭାବନା ରହିଛି ।

ରାଜ୍ୟ ଆଥ୍‌ଲେଟିକ୍ ଚାମ୍ପିଅନସିପ୍

## ଅଂଶିକାଙ୍କୁ ସ୍ୱର୍ଣ୍ଣ, ୫ଟି ନୂଆ ରେକର୍ଡ

ଭୁବନେଶ୍ୱର,୫।୬(ସମିସ)




କଟକର ରିଜର୍ଭ ପୁଲିସ୍ ଲାଇନ୍ ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଛି ରାଜ୍ୟ ସିନିଅର ଆଥଲେଟିକ୍ ଚାମ୍ପିଅନସିପ୍ । ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଅଲିମ୍ପିଆନ୍ ଆଥ୍‌ଲେଟ ଅନୁରାଧା ବିଶ୍ୱାଳଙ୍କ ଝିଅ ଅଂଶିକା ରାଉତରାୟ ୨୩ ବର୍ଷରୁ କମ୍ ମହିଳା ସଟ୍‌ପୁଟ୍ ଥ୍ରୋ'ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । କିଟ୍ ୟୁନିଭର୍ସିଟିକୁ ପ୍ରତିନିଧିତ୍ୱ କରୁଥିବା ଅଂଶିକା ୧୧.୮୮ ମିଟର ଦୂରତାକୁ ସଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଗଞ୍ଜାମର ପାୟଲ କୁମାରୀ ସାହୁ ୮.୪୪ ମିଟର ଦୂରତାକୁ ଫିଙ୍ଗି ରୌପ୍ୟ ଓ ବଲାଙ୍ଗିରର ଶ୍ରଦ୍ଧାଞ୍ଜଳି ମିଶ୍ର ୮.୨୮ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ପ୍ରତିଯୋଗିତାର ପ୍ରଥମ ଦିନରେ ୫ଟି ନୂଆ ମିଟ୍‌ରେକର୍ଡ ପ୍ରତିଷ୍ଠା ହୋଇଛି । ଏହା ମଧ୍ୟରୁ ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ କଟକର ଓମ୍‌ପ୍ରକାଶ ନନ୍ଦ ୧୭.୯୭ ମିଟରକୁ ଫିଙ୍ଗି, ୮୦୦ ମିଟର ଦୌଡ଼ରେ ସୁନ୍ଦରଗଡ଼ର ପୂର୍ଣ୍ଣିମା ସାଣ୍ଡିଲ୍ ୨ମିନିଟ୍ ୧୪.୦୪ ସେକେଣ୍ଡ, ୨୩ବର୍ଷରୁ କମ୍ ମହିଳା ଜାଭେଲିନ୍‌ରେ କିଟ୍‌ର ପି ଅର୍ପିତା ଅର୍ଚ୍ଚନା ସାହୁ ୪୨.୯୪ ମିଟ୍‌ର ଦୂରତାକୁ ଫିଙ୍ଗି, ମହିଳା ୮୦୦ ମିଟରରେ କେନ୍ଦ୍ରାପଡ଼ାର ଦୀପ୍ତିରାଣୀ ସାହୁ ୨ ମିନିଟ୍ ୧୨.୨୩ ସେକେଣ୍ଡରେ ଅତିକ୍ରମ କରି ଏବଂ ମହିଳା ଲଙ୍ଗ୍‌ଜମ୍ପରେ କଟକର ମନୀଷା ମେରେଲେ ୫.୯୬ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣପଦକ ହାସଲ କରିବା ସହ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS